


ଉତ୍କଳ
ପ୍ରସଙ୍ଗ

CM. ADDRESSING IN A FUNCTION AT SOOCHANA BHAWAN ON THE OCCASION OF CELEBRATION OF AMBEDKAR JAYANTI



ଆମ୍ବେଦ୍‌କର ଜୟନ୍ତୀ ଉପଲକ୍ଷେ ରାଜ୍ୟ ସୂଚନା ଭବନ ଠାରେ ଆୟୋଜିତ ଉତ୍ସବରେ ମୁଖ୍ୟମନ୍ତ୍ରୀଙ୍କ ଉଦ୍‌ବୋଧନ ...



କଟକ ନାରୀସଂଘ ସଦନଠାରେ ଆୟୋଜିତ ଗୋପାଳକୃଷ୍ଣ ଗୋଖଲେଙ୍କ ଜନ୍ମ ବାର୍ଷିକୀ ଉତ୍ସବରେ ରାଜ୍ୟପାଳ ଶ୍ରୀ ପୁନାଚ୍ଛ ...

SHRI POONACHA, GOVERNOR OF ORISSA LIGHTING THE CANDLE TO MARK THE CELEBRATION OF THE BIRTH ANNIVERSARY OF LATE GOPAL KRUSHNA GOKHALE ...

# ଉତ୍କଳ ପ୍ରସଙ୍ଗ

ବୈଶାଖ ୧୯୦୫ ଶକାବ୍ଦ ୩୯ ଖଣ୍ଡ ୧୦ମ ସଂଖ୍ୟା ମଇ ୧୯୮୩

**ସମ୍ପାଦନା ମଣ୍ଡଳୀ**

ନିର୍ଦ୍ଦେଶକ : ଶ୍ରୀ ସୁବ୍ରତ ଯୋଶୀ

ସମ୍ପାଦକ : ଶ୍ରୀ ଭୋଳାନାଥ ରାୟଗୁରୁ

ସହ ସମ୍ପାଦକ : ଡକ୍ଟର ସତ୍ୟନାରାୟଣ ନନ୍ଦ

ସହଯୋଗୀ ସମ୍ପାଦକ : ଶ୍ରୀ ସୁରେନ୍ଦ୍ର କୁମାର ପଟ୍ଟନାୟକ

ପ୍ରଚ୍ଛଦ ଶିଳ୍ପୀ

ଶ୍ରୀ ବି. ମହାରଥୀ

ମୁଖ୍ୟ ସମ୍ପାଦକ

ଶ୍ରୀ ସତ୍ୟାନନ୍ଦ ଚମ୍ପତିରାୟ

ପ୍ରକାଶନ : ସୂଚନା ଓ ଲୋକ ସମ୍ପର୍କ ବିଭାଗ,
ଓଡ଼ିଶା ସରକାର, ଭୁବନେଶ୍ୱର
ବାର୍ଷିକ ଦେୟ ୧୦.୦୦
ପ୍ରତି ଖଣ୍ଡ ୧.୦୦

ମୁଦ୍ରଣ
ଓଡ଼ିଶା ସରକାରୀ ମୁଦ୍ରଣାଳୟ, କଟକ

ଓଡ଼ିଶା ସରକାରଙ୍କ ବିଭିନ୍ନ କାର୍ଯ୍ୟ, ସରକାରୀ ଘୋଷଣା ଓ ଅନ୍ୟାନ୍ୟ ଦରକାରୀ ତଥ୍ୟର ସଂକ୍ଷିପ୍ତ ବିବରଣ "ଉତ୍କଳ ପ୍ରସଙ୍ଗ"ରେ ପ୍ରକାଶିତ ହୋଇଥାଏ । ଏହା ବ୍ୟତୀତ ଅନେକ ବିଷୟ ସଂକ୍ଷିପ୍ତ ଆକାରରେ ମଧ୍ୟ ଏହି ପତ୍ରିକାରେ ପ୍ରକାଶ କରାଯାଇଥାଏ । ସେଭଳି ବିଷୟକୁ ସମ୍ପୂର୍ଣ୍ଣ ଓ ଅନୁମୋଦିତ ମୂଳ ପାଠ ବୋଲି ଭାବିବା ଉଚିତ ନୁହେଁ ।

'ଉତ୍କଳ ପ୍ରସଙ୍ଗ' ଓଡ଼ିଶା ସରକାରଙ୍କ ସୂଚନା ଓ ଲୋକ ସଂପର୍କ ବିଭାଗ ତରଫରୁ ପ୍ରକାଶ ପାଉଥିଲେ ମଧ୍ୟ ଏହି ପତ୍ରିକାରେ ପ୍ରକାଶିତ ମତାମତ ଓ ଚିନ୍ତାଧାରା ସବୁକ୍ଷେତ୍ରରେ ଓଡ଼ିଶା ସରକାରଙ୍କର ବୋଲି ବୁଝିବାକୁ ହେବ ନାହିଁ ।

ଉତ୍କଳ ପ୍ରସଙ୍ଗ

## ସୂଚୀପତ୍ର


| | | |
|---|---|---|
| ଶିଳ୍ପ ଅଭ୍ୟୁଦୟରେ ଏକ ନୂତନ ଦିଗନ୍ତ | ଶ୍ରୀ ଜାନକୀ ବଲ୍ଲଭ ପଟ୍ଟନାୟକ | ୧ |
| ଧାନ ଓଡ଼ିଶାର ପରମ୍ପରାରେ ଜୀଅଁ ତା ଲକ୍ଷ୍ମୀ | ଅଧ୍ୟାପକ ବିଭୂତି ଭୂଷଣ ସାହୁ | ୫ |
| ଗୋଡ଼ି ଶ୍ରମିକ ଓ ସେମାନଙ୍କ ଥଇଥାନ | ଜେନାମଣି ଲକ୍ଷ୍ମୀକାନ୍ତ | ୯ |
| ଓଡ଼ିଶାରେ ପାନୀୟ ଜଳ ଯୋଗାଣ | ଶ୍ରୀ ବଳରାମ ରାଉତ | ୧୧ |
| ବିଜ୍ଞାନ କର୍ମଶାଳା | ଶ୍ରୀ ଦେବକାନ୍ତ ମିଶ୍ର | ୧୫ |
| ଗୋନାସିକାର ରସିକ ଜୁଆଙ୍ଗ | ଶ୍ରୀ ଅନାଦି ଚରଣ ସ୍ୱାଇଁ | ୧୭ |
| ପୁରୀର ଲୋକନୃତ୍ୟ | ଶ୍ରୀ ତାରାକାନ୍ତ ମହାନ୍ତି | ୨୧ |
| ନାଟ୍ୟ ମଞ୍ଚ | ଶ୍ରୀ କାର୍ତ୍ତିକ କୁମାର ଘୋଷ | ୨୪ |
| ବିଶ୍ୱନାଥପୁର ଚନ୍ଦନ | ଶ୍ରୀ ପୂର୍ଣ୍ଣଚନ୍ଦ୍ର ମିଶ୍ର | ୨୭ |
| ସମ୍ପ୍ରତି ପ୍ରସଙ୍ଗ | | ୩୨ |



## ମଇ ଦିବସ ଉପଲକ୍ଷେ ମୁଖ୍ୟମନ୍ତ୍ରୀ

## ଶ୍ରୀ ଜାନକୀ ବଲ୍ଲଭ ପଟ୍ଟନାୟକଙ୍କ

# ବାର୍ତ୍ତା

୧୯୮୩ ମଇ ଦିବସ ଉପଲକ୍ଷେ ମୁଁ ଓଡ଼ିଶାର ମଜଦୁର ଭାଇ ଭଉଣୀମାନଙ୍କୁ ହାର୍ଦ୍ଦିକ ଅଭିନନ୍ଦନ ଜଣାଉଛି ।

ପୃଥିବୀର ଶ୍ରମଜୀବୀ ଜନଗଣଙ୍କ ପାଇଁ ମଇ ପହିଲା ଏକ ମହତ୍ତ୍ୱପୂର୍ଣ୍ଣ ସ୍ମରଣୀୟ ଦିବସ । ଶ୍ରମଜୀବୀ ଜନସାଧାରଣଙ୍କର ନ୍ୟାଯ୍ୟ ଅଧିକାର ହାସଲ କରିବା କ୍ଷେତ୍ରରେ ଏହା ଏକ ପ୍ରଧାନ ମାଇଲ ଖୁଣ୍ଟି । ସଂଗ୍ରାମର ଏକ ଜ୍ୱଳନ୍ତ ସ୍ମାରକୀ ।

ଓଡ଼ିଶାର ଲୋକସଂଖ୍ୟାର ପ୍ରାୟ ଏକ-ତୃତୀୟାଂଶ ଶ୍ରମିକ ଶ୍ରେଣୀର ଲୋକ ଓ ଏମାନଙ୍କ ମଧ୍ୟରେ କୃଷି ଶ୍ରମିକଙ୍କ ସଂଖ୍ୟା ସର୍ବାଧିକ । ସାରା ଦେଶରେ ବିଭିନ୍ନ କ୍ଷେତ୍ରରେ କାର୍ଯ୍ୟ କରୁଥିବା ଲୋକଙ୍କ ମଧ୍ୟରେ ଶତକଡ଼ା ୧୧ ଭାଗ ଶ୍ରମିକ ଥିବାବେଳେ ଓଡ଼ିଶାରେ ମାତ୍ର ଶତକଡ଼ା ୭ ଭାଗ ଶ୍ରମିକ ଅଛନ୍ତି । ଏହାର କାରଣ ହେଉଛି, ଶିଳ୍ପ କ୍ଷେତ୍ରରେ ଓଡ଼ିଶାର ଅନଗ୍ରସର ଅବସ୍ଥା । ଶିଳ୍ପ କ୍ଷେତ୍ରରେ ଓଡ଼ିଶାକୁ ଏକ ଶ୍ରେଷ୍ଠ ସମୃଦ୍ଧିଶାଳୀ ରାଜ୍ୟ ରୂପେ ଗଢ଼ିବା ହେଉଛି ଆମର ଲକ୍ଷ୍ୟ । ସେଥିପାଇଁ କୃଷି, ଶିଳ୍ପ, ଜଳସେଚନ, ବିଦ୍ୟୁତ୍ ଉତ୍ପାଦନ ଆଦି କ୍ଷେତ୍ରରେ ଏକ ବ୍ୟାପକ କାର୍ଯ୍ୟକ୍ରମ ଆରମ୍ଭ କରାଯାଇଛି । ସମାଜର ସବୁ ଶ୍ରେଣୀର ଲୋକଙ୍କ ସାହାଯ୍ୟ ବିନା ଏହା ସମ୍ଭବ ନୁହେଁ । ବିଶେଷ ଭାବରେ ଓଡ଼ିଶାର ଅଗ୍ରଗତିରେ ଶ୍ରମଶକ୍ତିର ସକ୍ରିୟ ସହଯୋଗ ଏକାନ୍ତ ଆବଶ୍ୟକ । ରାଜ୍ୟ ସରକାର ଶ୍ରମିକମାନଙ୍କର ବିଭିନ୍ନ ସୁଖ ସୁବିଧା ଏବଂ ନ୍ୟାୟୋଚିତ ଦାବୀ ହାସଲ କରିବାରେ ବହୁ ଗୁରୁତ୍ୱପୂର୍ଣ୍ଣ ପଦକ୍ଷେପ ନେଇଛନ୍ତି । ସର୍ବନିମ୍ନ ମଜୁରୀ ହାରକୁ ବଢ଼ାଇ ଦିଆଯାଇଛି । ବଡ଼ବିଲ ଅଞ୍ଚଳରେ ଶ୍ରମିକମାନଙ୍କ ପାଇଁ ଦୁଇକୋଟି ଟଙ୍କାର ପାନୀୟ ଜଳଯୋଗାଣ କାର୍ଯ୍ୟକାରୀ କରାଯାଉଛି । ତାଳଚେରରେ ଶ୍ରମିକ ମାନଙ୍କ ପାଇଁ ୨୦୦୦ ଗୃହ ନିର୍ମାଣର ବ୍ୟବସ୍ଥା କରାଯାଉଛି । ରାଜ୍ୟରେ ଦରିଦ୍ର ଲୋକଙ୍କ ଥଇଥାନ ପାଇଁ ପ୍ରାୟ ୫ ଲକ୍ଷ ପରିବାରକୁ ସ୍ଥାୟୀ ଭାବରେ ଥଇଥାନ କରାଯିବାର ବ୍ୟବସ୍ଥା କରାଯାଉଛି । ଏହି ୫ ଲକ୍ଷ ପରିବାର ହେଉଛନ୍ତି ଭୂମିହୀନ ଚାଷୀ ମୂଲିଆ ଶ୍ରେଣୀର ଲୋକ । ଶ୍ରମିକମାନଙ୍କ ମଙ୍ଗଳପାଇଁ ଶ୍ରମିକ ବୀମା ଯୋଜନା, ଭବିଷ୍ୟନିଧି ଯୋଜନା, ମାତୃମଙ୍ଗଳ ଯୋଜନା ଆଦି କାର୍ଯ୍ୟକ୍ରମ ଗ୍ରହଣ କରାଯାଉଛି ।

ସରକାର ଚାହାନ୍ତି ରାଜ୍ୟରେ ଏପରି ଏକ କାମଧନ୍ଦାର ବାତାବରଣ ସୃଷ୍ଟି ହେଉ, ଯେଉଁଥିରେ ବହୁ ଶ୍ରମିକ ଓଡ଼ିଶା ବାହାରକୁ ଯାଇ ଦାଦନ ଶ୍ରମିକ ଭାବରେ ବିଭିନ୍ନ ଅଭାବ ଅସୁବିଧାରେ ନ ପଡ଼ନ୍ତୁ । ସରକାର ଏ ସମ୍ପର୍କରେ ମଧ୍ୟ ଆବଶ୍ୟକ କାର୍ଯ୍ୟପନ୍ଥା ଗ୍ରହଣ କରୁଛନ୍ତି ।

ଶ୍ରମିକମାନଙ୍କର ନ୍ୟାୟୋଚିତ ଦାବୀ କିପରି ଶୀଘ୍ର ସମାଧାନ ହେବ, ପରିଚାଳନା କ୍ଷେତ୍ରରେ ସେମାନେ ଅଧିକରୁ ଅଧିକ ଅଂଶୀଦାର ହେବେ, ବିଭିନ୍ନ ଶ୍ରମିକ ଆଇନର ଲାଭ ସେମାନେ ଯେପରି ଭୋଗ କରିପାରିବେ, ତାହାହିଁ ସରକାରଙ୍କର ଆନ୍ତରିକ ଇଚ୍ଛା ।

ମୁଁ ଏହି ପବିତ୍ର ମଇ ଦିବସ ଉପଲକ୍ଷେ ସେମାନଙ୍କ ପ୍ରତି ରାଜ୍ୟ ସରକାରଙ୍କର ଏକାନ୍ତ ସଦିଚ୍ଛା ଓ ମିତ୍ରତା ଘୋଷଣା କରିବା ସଙ୍ଗେ ସଙ୍ଗେ ଆଶା କରୁଚି ଯେ ଏକ ନୂତନ ଓଡ଼ିଶା ନିର୍ମାଣ ପାଇଁ ସେମାନେ ସରକାରଙ୍କ ସହ ପୂର୍ଣ୍ଣ ସହଯୋଗ କରିବେ ।

ଜୟହିନ୍ଦ୍

# ମୋ ଦୃଷ୍ଟିରେ ....

ପ୍ରଖର ରୌଦ୍ର ଦଗ୍ଧ ଓଡ଼ିଶାର ପୁରପଲ୍ଲୀରେ ଅଗଣିତ ପାଠକପାଠିକାଙ୍କ ମନରେ ଶୀତଳ ସୁଖ ପାଠ୍ୟ ପ୍ରବନ୍ଧର ଧାରା ଝରାଇ ଦେବା ନିମନ୍ତେ 'ଉତ୍କଳ ପ୍ରସଙ୍ଗ'- ଏହି ମେ ସଂଖ୍ୟାଟି ଉତ୍ସର୍ଗୀକୃତ ।

ମୁଖ୍ୟମନ୍ତ୍ରୀ ଶ୍ରୀ ଜାନକୀ ବଲ୍ଲଭ ପଟ୍ଟନାୟକଙ୍କ "ଶିଳ୍ପ ଅଭ୍ୟୁଦୟରେ ଏକ ନୂତନ ଦିଗନ୍ତ" ଓଡ଼ିଆ ଜାତିକୁ ଏକ ନୂତନ ଆହ୍ବାନ । ଅଭିଶାପର ସମୟ ସୀମା ଆଜି ଅତିକ୍ରାନ୍ତ । ଓଡ଼ିଶାକୁ ସମୃଦ୍ଧି ପଥରେ ଆଗେଇ ନେବା ନିମନ୍ତେ ଓଡ଼ିଶା ଶାସନର ପ୍ରଚେଷ୍ଟାର ଏକ ଉଜ୍ଜ୍ୱଳ ଦିଗନ୍ତ ଏହି ପ୍ରବନ୍ଧରେ ଦିଆଯାଇଛି । ଅଭିଶପ୍ତ ପାଷାଣ ସତେ ଯେପରି ଆଜି ରୂପସୀ ଅହଲ୍ୟାରେ ରୂପାନ୍ତରିତ ହେବାକୁ ଯାଉଛି ।

ସେହି ଅହଲ୍ୟାକୁ ଶ୍ରୀମନ୍ତ କରିବା ନିମନ୍ତେ କୃଷିର ଅନବଦ୍ୟ ଅବଦାନ ରହିଛି । ଓଡ଼ିଶାରେ କୃଷି ମୁଖ୍ୟତଃ ଧାନ ଉପରେ ନିର୍ଭର କରେ । ସେହି ଜୀବନ୍ତ ଲକ୍ଷ୍ମୀ ବିଷୟରେ ଅଧ୍ୟାପକ ବିଭୂତି ଭୂଷଣ ସାହୁଙ୍କର ପ୍ରବନ୍ଧ ପ୍ରତି ଆମେ ଆମର କୃଷକ ଓ କୃଷି ବୈଜ୍ଞାନିକଙ୍କ ଦୃଷ୍ଟି ଆକର୍ଷଣ କରୁଛୁ ।

ଓଡ଼ିଶାର ଅନ୍ୟତମ କୃତୀ କଳାକାର ଶ୍ରୀ କାର୍ତ୍ତିକ କୁମାର ଘୋଷ ଓଡ଼ିଆ ନାଟ୍ୟକଳା ଓ ରଙ୍ଗମଞ୍ଚ ସହ ଅତ୍ୟନ୍ତ ଘନିଷ୍ଠ ଭାବରେ ସମ୍ପୃକ୍ତ । ନାଟ୍ୟମଞ୍ଚ ସମ୍ପର୍କରେ ଶ୍ରୀ ଘୋଷଙ୍କର ପ୍ରବନ୍ଧ ପାଠକଙ୍କୁ ଉପାଦେୟ ତଥ୍ୟ ଯୋଗାଇବ ବୋଲି ଆମର ଆଶା ।

ବିଂଶସୂତ୍ରୀ କାର୍ଯ୍ୟକ୍ରମର ଅନ୍ୟତମ ସୂତ୍ର ହେଉଛି, ଗୋତି ଶ୍ରମିକଙ୍କର ଉଦ୍ଧାର ଓ ଥଇଥାନ ବ୍ୟବସ୍ଥା । ଢେଙ୍କାନାଳ ଲକ୍ଷ୍ମୀକାନ୍ତଙ୍କର ଗୋତି ଶ୍ରମିକଙ୍କ ବିଷୟରେ ପ୍ରବନ୍ଧପ୍ରତି ଆମେ ପାଠକଙ୍କର ଦୃଷ୍ଟି ଆକର୍ଷଣ କରୁଛୁ ।

ଭାରତର ଅନ୍ୟତମ ପ୍ରାଚୀନ ସଭ୍ୟତା ଦେଖିବାକୁ ମିଳେ ଜୁଆଙ୍ଗ ସମ୍ପ୍ରଦାୟଙ୍କ ମଧ୍ୟରେ । ଗୋନାସିକା ଏହି ଜନକ୍ଷୟିଷ୍ଣୁ ଜୁଆଙ୍ଗ ସଭ୍ୟତାର କେନ୍ଦ୍ର । ସେହି ଜୁଆଙ୍ଗମାନଙ୍କ ଜୀବନଧାରା ସମ୍ପର୍କରେ ଏହି ସଂଖ୍ୟାରେ ଏକ ରମ୍ୟରଚନା ପ୍ରକାଶିତ ହୋଇଛି ।



DHANAGHERI LIFT IRRIGATION POINT INAUGURATED BY C.M.



C.M INAUGURATED MAHANTI SET



BISWANATH BIDYAPITHA NEW HOSTEL INAUGURATED BY CHIEF MINISTER



C.M. LAID FOUNDATION OF BUDHABALANGA (NAKHARA) SETU



# ...ଳ୍ପ ଅଭ୍ୟୁଦୟରେ ଏକ ନୂତନ ଦିଗନ୍ତ

**ଶ୍ରୀ ଜାନକୀ ବଲ୍ଲଭ ପଟ୍ଟନାୟକ**

"ଉପିକଲ୍" ରାଜ୍ୟର ଶିଳ୍ପ ଅଭ୍ୟୁଦୟରେ ଏକ ନୂତନ ଦିଗନ୍ତ ଆଣିପାରିଛି । କୌଣସି ଏକ ରାଜ୍ୟରେ ଶିଳ୍ପର ଅଗ୍ରଗତି ପାଇଁ ସରକାରୀ ସାହାଯ୍ୟ ଅଥବା ସରକାରଙ୍କ ପକ୍ଷରୁ ଉତ୍ସାହ ପ୍ରଦାନ ଏକ ପ୍ରଧାନ କାର୍ଯ୍ୟକ୍ରମ । କାରଣ ଯେ ପର୍ଯ୍ୟନ୍ତ ସରକାରଙ୍କ ପକ୍ଷରୁ ଆଗ୍ରହ ଉତ୍ସାହ ତଥା ସଂକଳ୍ପ ପ୍ରକାଶ ନ ପାଉଛି ସେ ପର୍ଯ୍ୟନ୍ତ ଶିଳ୍ପର ଅଗ୍ରଗତି ସମ୍ଭବ ହୋଇ ନାହିଁ । 'ଉପିକଲ୍'ର ଜନ୍ମ ୧୯୭୪ ମସିହାରେ । ସେହି ଦିନଠାରୁ ଏହି ସଂସ୍ଥା ରାଜ୍ୟରେ ଶିଳ୍ପ ପ୍ରସାରରେ ଅବିଚ୍ଛିନ୍ନ ଉଦ୍ୟମ କରିଆସିଛି । କିନ୍ତୁ ଉପିକଲ୍‌ର ବିଗତ ୯ ବର୍ଷର କାର୍ଯ୍ୟକଳାପକୁ ବିସ୍ତରରୁ ନିଆଗଲେ ଦେଖାଯିବ ଯେ, ଏହି ସଂସ୍ଥା ପ୍ରଥମ ୬ ବର୍ଷରେ ଯେତିକି କାର୍ଯ୍ୟ କରିଛି, ଗତ ୩ ବର୍ଷରେ ତାର ଦୁଇଗୁଣରୁ ଅଧିକ କାର୍ଯ୍ୟ କରିପାରିଛି । ସମୟ ଅତିବାହିତ ହେବା ସଙ୍ଗେ ସଙ୍ଗେ କ୍ରମଶଃ ଏହାର କାର୍ଯ୍ୟ ପରିସରର ଅଭିବୃଦ୍ଧି ଘଟିଛି । ଯେଉଁ ଆଶା ନେଇ ଉପିକଲ୍ ଗଠିତ ହୋଇଥିଲା, ଆଜି ତାହା ପୂରଣ ହୋଇ ପାରିଥିବାରୁ ବାସ୍ତବିକ ଏହା ଏକ ଆନନ୍ଦର ବିଷୟ ।

ଶିଳ୍ପ କ୍ଷେତ୍ରରେ ଭାରତର ଅନ୍ୟାନ୍ୟ ରାଜ୍ୟ ତୁଳନାରେ ଓଡ଼ିଶା ଏବେ ମଧ୍ୟ ବହୁ ପଛରେ ପଡ଼ିଛି । ଶିଳ୍ପ ...

ନିମନ୍ତେ ଓଡ଼ିଶାର ପ୍ରାକୃତିକ ସଂପଦର ବିକାଶ କିପରି ପ୍ରୟୋଜନ ତାହା ସମସ୍ତେ ଉପଲବ୍ଧି କରିପାରୁଥିବେ । ଏକଦା ଓଡ଼ିଶାରୁ ବିଭିନ୍ନ କଞ୍ଚାମାଲ, ଯଥା—ଓଡ଼ିଶାର ଖଣିଜ ଦ୍ରବ୍ୟ, ଜଙ୍ଗଲ ଜାତ ଦ୍ରବ୍ୟ, ଏପରିକି ଲୋକଶକ୍ତି ମଧ୍ୟ ବାହାରକୁ ରପ୍ତାନୀ ହେଉଥିଲା । କୌଣସି ଆତ୍ମ-ଗୌରବ ସଂପନ୍ନ ରାଜ୍ୟ ପକ୍ଷରେ ଏହା ଆଦୌ ସ୍ପୃହଣୀୟ ନୁହେଁ । ତେଣୁ ଏହି ସରକାର ରାଜ୍ୟର ଶାସନ ଦାୟିତ୍ୱ ଗ୍ରହଣ କଲାପରେ ଏକ ନୂତନ ସଂକଳ୍ପ ନେଲେ । ସଂକଳ୍ପ ହେଲା—ଓଡ଼ିଶାର ପ୍ରାକୃତିକ ସଂପଦ ତଥା ଲୋକ ଶକ୍ତିର ସଦୁପଯୋଗ କରି ଏକ ଶିଳ୍ପ ବିପ୍ଳବ ସୂତ୍ରପାତ କରିବା । ଏହି ଶିଳ୍ପ ବିପ୍ଳବ ଜରିଆରେ ଅଳ୍ପକାଳ ମଧ୍ୟରେ ଓଡ଼ିଶାକୁ ଭାରତର ଅଗ୍ରଗାମୀ ରାଜ୍ୟମାନଙ୍କ ମଧ୍ୟରେ ପ୍ରତିଷ୍ଠିତ କରିବାକୁ ହେବ । ସେଥିପାଇଁ "ହଜାରେ ଦିନରେ ହଜାରେ କୋଟି ଟଙ୍କାରେ ହଜାରେ ଶିଳ୍ପ" ଧ୍ୱନି ଦିଆଗଲା । ଏହି ଧ୍ୱନି ହିଁ ହେଉଛି ସେ ଶିଳ୍ପ ବିପ୍ଳବର ପ୍ରତୀକ । ଏହି ଧ୍ୱନିର ଅର୍ଥ ନୁହେଁ, ଠିକ୍ ହଜାର ଦିନରେ ହଜାରେ କୋଟି ଟଙ୍କା ବ୍ୟୟରେ ହଜାରଟି ଶିଳ୍ପ ପ୍ରତିଷ୍ଠା କରିବା । ଏହି ଧ୍ୱନିର ଉଦ୍ଦେଶ୍ୟ ହେଲା—ରାଜ୍ୟରେ ଏଭଳି ଏକ ଶିଳ୍ପ ବାତାବରଣ ସୃଷ୍ଟି କରିବାକୁ ହେବ ଯଦ୍ୱାରା ଆପଣା ଛାଏଁ ଶିଳ୍ପକାରଖାନା

ଗଢ଼ି ଉଠିବ । ଭାରତର ଚାରିଆଡ଼ୁ ଶିଳ୍ପୋଦ୍ୟୋଗୀମାନେ ଓଡ଼ିଶାକୁ ଆସିବେ । ରାଜ୍ୟରେ ଯେଉଁମାନଙ୍କର କିଛି ନା କିଛି ସମ୍ବଳ ଅଛି, ସେମାନେ ସେ ସମ୍ବଳକୁ ଶିଳ୍ପ କ୍ଷେତ୍ରରେ ବିନିଯୋଗ କରିବେ । ଆଉ ଓଡ଼ିଶାର ଯେଉଁ ଶିକ୍ଷିତ ଯୁବକ-ମାନେ ବେକାର ହୋଇ ବସିଛନ୍ତି, ସେହି ଯୁବସଂପ୍ରଦାୟ ଏହି ଶିଳ୍ପ ଅଭିଯାନର ନେତୃତ୍ୱ ନେବେ । ଏ ଉଦ୍ଦେଶ୍ୟରେ ଶିଳ୍ପ ବିପ୍ଳବର ଆହ୍ୱାନ ଦିଆଯାଇଥିଲା । ବିଗତ ୩ ବର୍ଷ ଭିତରେ ଏ ଆହ୍ୱାନ କେତେଦୂର ସଫଳ ହୋଇଛି, ତାହା ରାଜ୍ୟର ଜନସାଧାରଣ ବିଚାର କରିବେ ।

## ଅଭିନନ୍ଦନୀୟ ଉଦ୍ୟମ

ଇମ୍ପିକଲ୍ ଉଦ୍ୟମରେ ଏ ପର୍ଯ୍ୟନ୍ତ ୪୦ଟି ମଧ୍ୟମ ଓ ବୃହତ୍ ଶିଳ୍ପ କାରଖାନା ପ୍ରତିଷ୍ଠିତ ହୋଇ ଉତ୍ପାଦନ ଆରମ୍ଭ ହୋଇସାରିଛି । ଏହାଛଡ଼ା ପ୍ରାୟ ୧,୨୦୦ କୋଟି ଟଙ୍କା ବିନିଯୋଗରେ ୨୦୦ଟି କଳକାରଖାନା ବିଭିନ୍ନ ପର୍ଯ୍ୟାୟରେ କାର୍ଯ୍ୟକାରୀ ହେଉଛି । ମାତ୍ର ତିନିବର୍ଷ ହେଲା ଏ ଉଦ୍ୟମ ଆରମ୍ଭ ହୋଇଛି । ଆଗାମୀ ଦୁଇ ବର୍ଷ ମଧ୍ୟରେ ଏ ଉଦ୍ୟମ ଆହୁରି ତ୍ୱରାନ୍ୱିତ ହେବ । ଏହା ଫଳରେ ଆହୁରି ବହୁ ସଂଖ୍ୟକ ବୃହତ୍ ଓ ମଧ୍ୟମ ଧରଣର କଳକାରଖାନା ଓଡ଼ିଶାରେ ପ୍ରତିଷ୍ଠିତ ହୋଇ ପାରିବ । ତେଣୁ କଳକାରଖାନାଗୁଡ଼ିକର ସଂଖ୍ୟା ଦୃଷ୍ଟିରୁ ବିଚାର କଲେ ଦେଖାଯିବ ଯେ, ରାଜ୍ୟରେ ଶିଳ୍ପ ବିପ୍ଳବ ପାଇଁ ବର୍ତ୍ତମାନର ସରକାର ଯେଉଁ ଆହ୍ୱାନ ଦେଇଥିଲେ, ତାହା ବିଫଳ ହୋଇନାହିଁ । ଅନ୍ୟ ପକ୍ଷରେ, ବିଶେଷକରି କ୍ଷୁଦ୍ର ଶିଳ୍ପ କ୍ଷେତ୍ରରେ ପ୍ରାୟ ୭୦୦୦ ଟି ଶିଳ୍ପ ଓଡ଼ିଶାରେ ପ୍ରତିଷ୍ଠିତ ହୋଇସାରିଛି । ୧୯୮୦ ମସିହାପୂର୍ବରୁ ସାରା ରାଜ୍ୟରେ ପ୍ରାୟ ୯୦୦୦ କ୍ଷୁଦ୍ର ଶିଳ୍ପ ପ୍ରତିଷ୍ଠିତ ହୋଇ-ଥିବା ସ୍ଥଳେ ଗତ ତିନିବର୍ଷ ଭିତରେ ଅଧିକ ୭୦୦୦ କ୍ଷୁଦ୍ରଶିଳ୍ପ ପ୍ରତିଷ୍ଠିତ ହୋଇ ପାରିଛି । ୧୯୮୫ ମସିହା ସୁଦ୍ଧା ଏଭଳି ୧୪,୦୦୦ କ୍ଷୁଦ୍ରଶିଳ୍ପ ପ୍ରତିଷ୍ଠା ହୋଇପାରିବ ବୋଲି ଆଶା କରାଯାଉଛି । ତେଣୁ ସଂଖ୍ୟା ଦୃଷ୍ଟିରୁ ବିଚାର କଲେ ଏ ସାଫଲ୍ୟ ପାଇଁ ଯଥେଷ୍ଟ ଗର୍ବ କରାଯାଇ ପାରେ ।

## ଶିଳ୍ପ ବାତାବରଣ ସୃଷ୍ଟି

ରାଜ୍ୟରେ ପ୍ରତିଷ୍ଠିତ ଶିଳ୍ପ କାରଖାନାଗୁଡ଼ିକର ସଂଖ୍ୟାକୁ ବିଚାର ନକରି ରାଜ୍ୟରେ ସୃଷ୍ଟି ହୋଇଥିବା ଶିଳ୍ପ ବାତାବରଣକୁ ବିଚାର କରିବା ଉଚିତ । କାରଣ ଶିଳ୍ପ ବାତାବରଣ ଯଦି ସୃଷ୍ଟି ହୋଇ ପାରିଛି, ତେବେ ଶିଳ୍ପ କାରଖାନାକୁ ସଂଖ୍ୟାରେ ହିସାବ କରିବାର କିଛି ମୂଲ୍ୟ ନାହିଁ । ଏ ସଂଖ୍ୟା ଆଜି ଯାହା ଅଛି, ତାହା ଦୁଇଗୁଣ, ତିନିଗୁଣ, ଏପରିକି ଚାରିଗୁଣକୁ ବି ବୃଦ୍ଧି ପାଇ ପାରିବ । ରାଜ୍ୟରେ ଏହି ଶିଳ୍ପ ବାତାବରଣ ସୃଷ୍ଟି କରିବାରେ ଆଜି ଯେଉଁମାନେ ଅଗ୍ରଣୀ, 'ଇମ୍ପିକଲ୍' ତନ୍ମଧ୍ୟରେ ଅନ୍ୟତମ । 'ଇମ୍ପିକଲ୍' ଗୋଟିଏ ସଂସ୍ଥାର ନାମ ହେଲେ ମଧ୍ୟ, କେତେ ଜଣ ବ୍ୟକ୍ତିବିଶେଷଙ୍କୁ ନେଇ ଏ ସଂସ୍ଥା ଗଠିତ । ସେମାନେ ସରକାରୀ କର୍ମଚାରୀ ହେଲେ ମଧ୍ୟ ରାଜ୍ୟ ପାଇଁ ନିଜକୁ ଉତ୍ସର୍ଗ କରିଛନ୍ତି । ସେମାନେ ସରକାରୀ ଫାଇଲ ପତ୍ରର ପରିସର ମଧ୍ୟରେ ସେମାନଙ୍କ କାର୍ଯ୍ୟକଳାପକୁ ସୀମାବଦ୍ଧ କରିବାକୁ ଚାହାନ୍ତି ନାହିଁ । ଆମ ରାଜ୍ୟର ଏକ ସ... କ୍ଷଣରେ ଶିଳ୍ପ କ୍ଷେତ୍ରରେ ବୈପ୍ଳବିକ କାର୍ଯ୍ୟକ୍ରମ ଗ୍ରହ... କରିବା ପାଇଁ ଏକ ଐତିହାସିକ ଆହ୍ୱାନ ଅଭି... ବେଳେ ଏହାର ସଫଳ ରୂପାୟନ ନିମନ୍ତେ ସେମାନେ ଆଗେଇ ଆସିଛନ୍ତି । ନିଷ୍ପ୍ରାଣ ଭାବରେ ଗତାନୁଗତିକ ରୀତିରେ କାର୍ଯ୍ୟ କରୁଥିବା ଅନେକ ଅନୁଷ୍ଠାନ ବା ସଂସ୍ଥା ଥିବା କଥା ଆମେ ଜାଣୁ । ଏଭଳି ନିଷ୍ପ୍ରାଣ ସଂସ୍ଥାକୁ ବିଚାରକୁ ନେଲେ ଗୋଟିଏ ବିଷୟ ଦେଖି ପାରିବା ତାହା ହେଉଛି 'ନାଲି ଫିତା' । ଏହି ନାଲି ଫିତା ଭିତରେ ସବୁ କିଛି ଲୋପ ପାଇଯାଉଛି । କିଛି ଅଗ୍ରଗତି ହୋଇପାରୁ ନାହିଁ । ଏଭଳି ସଂସ୍ଥା ଗଢ଼ାଯିବା କିମ୍ବା ଜନ୍ମନେବା ଦରକାର ଯାହାକୁ ଏହି ନାଲି ଫିତାର ଲକ୍ଷଣ ସ୍ପର୍ଶ କରିବ ନାହିଁ, ଯେଉଁ ସଂସ୍ଥା ପ୍ରକୃତରେ ଏକ ଅଗ୍ରଗାମୀ ଦୃଷ୍ଟିକୋଣର ପ୍ରତୀକ ହେବ । ସୁଖର ବିଷୟ, ଆଜି ଏହି 'ଇମ୍ପିକଲ' ସଂସ୍ଥାଟି ସେହି ଅଗ୍ରଗାମୀ ଦୃଷ୍ଟିକୋଣର ପ୍ରତୀକ ହୋଇପାରିଛି । ଏହି ସଂସ୍ଥା ଅଧିକ ଉତ୍ସାହର ସହିତ କାର୍ଯ୍ୟ କରିବା ସଙ୍ଗେ ସଙ୍ଗେ ରାଜ୍ୟ ପାଇଁ ଅଧିକ ସାଫଲ୍ୟ ଅର୍ଜନ କରୁ । ଏ ଦିଗରେ ଇମ୍ପିକଲ ଛଡ଼ା ଅନ୍ୟ କେତେ ଗୁଡ଼ିଏ ସଂସ୍ଥାର କାର୍ଯ୍ୟ ମଧ୍ୟ ବେଶ୍ ଉଲ୍ଲେଖ-ନୀୟ । ତନ୍ମଧ୍ୟରୁ ଗୋଟିଏ ହେଉଛି—'ଇନ୍‌ଫ୍ରାଷ୍ଟ୍ରକଚର ଡେଭେଲପ୍‌ମେଣ୍ଟ କର୍ପୋରେସନ' । ଏହି ସଂସ୍ଥା ମଧ୍ୟ ଅତି ଉତ୍ସାହର ସହିତ ବହୁ କାର୍ଯ୍ୟ କରିବାରେ ସକ୍ଷମ ହୋଇଛି । ତେଣୁ ସେମାନେ ମଧ୍ୟ ପ୍ରଶଂସନୀୟ । ଓଡ଼ିଶା ଶିଳ୍ପ ଉନ୍ନୟନ କର୍ପୋରେସନ ଗତ ୩ ବର୍ଷ ଭିତରେ ପ୍ରଶଂସନୀୟ କାର୍ଯ୍ୟ କରିପାରିଛି । ସେହିପରି ଶିଳ୍ପ ବିପ୍ଳବକୁ ଆଗେଇ ନେବା ପାଇଁ ଶିଳ୍ପ ବିଭାଗର ବିଭିନ୍ନ କର୍ମଚାରୀମାନେ ବିଶେଷ ଉତ୍ସାହ ଓ ତତ୍ପରତା ପ୍ରଦର୍ଶନ କରିଛନ୍ତି । ସମସ୍ତେ ଅବଗତ ଥିବେ, ଯେତେ-ବେଳେ ଶିଳ୍ପ ବିପ୍ଳବ ପାଇଁ ଆହ୍ୱାନ ଦିଆଗଲା ସେତେବେଳେ ବହୁ ବ୍ୟକ୍ତି ଏହାକୁ ବିଦ୍ରୂପ କରିବା ପାଇଁ ଲାଗିଲେ । ଅନେକ ଏହାକୁ ଫମ୍ପା ଧ୍ୱନି ଆଖ୍ୟା ଦେଲେ । ଏହା ରାଜନୈତିକ ଭଣ୍ଡାମି ଏବଂ ଏହାକୁ କାର୍ଯ୍ୟରେ ପରିଣତ କରାଯାଇ ପାରିବ ନାହିଁ ବୋଲି ମଧ୍ୟ କହିଲେ । କିନ୍ତୁ ଏ ସବୁ ସତ୍ତ୍ୱେ ଓଡ଼ିଶାର ଯୁବକମାନେ ଏହାକୁ ବିଶ୍ୱାସ କରି ଏବଂ ଏହାର ଘୋଷିତ କାର୍ଯ୍ୟକ୍ରମ ଅନୁଯାୟୀ କାର୍ଯ୍ୟ କରି ଆଜି ଶିଳ୍ପ ବିପ୍ଳବକୁ ସଫଳ କରି ପାରିଛନ୍ତି । ଫଳରେ ବହୁ କଳକାରଖାନା ଆଜି ଓଡ଼ିଶାରେ ସ୍ଥାପିତ ହୋଇଛି । ବୃହତ୍ ଏବଂ ମଧ୍ୟମ ଧରଣର କଳ କାରଖାନାର ଶତକଡ଼ା ୭୫ ଭାଗ ଓଡ଼ିଆ ଯୁବକମାନଙ୍କ ଦ୍ୱାରା ସ୍ଥାପିତ ହୋଇଛି । ରାଜ୍ୟରେ ଯେଉଁ ୭୦୦୦ କ୍ଷୁଦ୍ର ଶିଳ୍ପ ଗତ ୩ ବର୍ଷ ଭିତରେ ସ୍ଥାପନ କରାଯାଇଛି ତାର ଶତକଡ଼ା ୯୦ ଭାଗରୁ ଅଧିକ ଓଡ଼ିଆ ଯୁବକମାନଙ୍କ ଦ୍ୱାରା କରା ଯାଇଛି । ତେଣୁ ଆଜି ଓଡ଼ିଶାରେ ଯେଉଁ ଶିଳ୍ପ ପ୍ରସାର ଘଟିଛି, ତାହା ଓଡ଼ିଆ ଯୁବକମାନଙ୍କ ଦ୍ୱାରା ହୋଇ ପାରିଛି । ଓଡ଼ିଶାରେ ଓଡ଼ିଆ ଯୁବକମାନଙ୍କୁ ସୁଯୋଗ ଦିଆ ଯାଉନାହିଁ ବୋଲି ଯେଉଁ ଅଭିଯୋଗ ହେଉଥିଲା

ଗତ ୩ ବର୍ଷର ଅଗ୍ରଗତି ଦେଖିଲେ ସହଜରେ ଅନୁଭବ କରି ହେବଯେ ଏହା ସଂପୂର୍ଣ୍ଣ ମିଥ୍ୟା ଓ ଅଭିସନ୍ଧି-ମୂଳକ । ଓଡ଼ିଶାରେ ଆଜି ଯେଉଁ ଅଗ୍ରଗତି ଘଟିଛି ତାହା ରାଜ୍ୟର ଜନସାଧାରଣ, ବିଶେଷ କରି ଓଡ଼ିଆ ଯୁବକମାନଙ୍କ ଦ୍ୱାରା ସମ୍ଭବ ହୋଇଛି । ଓଡ଼ିଶାର ଯୁବକମାନେ ପରିଶ୍ରମୀ ନୁହନ୍ତି, ସେମାନେ କୌଣସି ନୂଆ ଉଦ୍ୟମ କରିବାକୁ ପ୍ରସ୍ତୁତ ନୁହନ୍ତି କିମ୍ବା କୌଣସି ଶିଳ୍ପାଭିମୁଖୀ କାର୍ଯ୍ୟକ୍ରମରେ ଯୋଗ ଦେବା ପାଇଁ ଆଗ୍ରହୀ ନୁହନ୍ତି ବୋଲି ଯାହା ଶୁଣିବାକୁ ମିଳୁଥିଲା ତାହା ମିଥ୍ୟା ଓ ଅମୂଳକ ବୋଲି ପ୍ରମାଣିତ ହୋଇଛି । ତେଣୁ ଆମେ ଯଦି ସୁଯୋଗ ତଥା ବାତାବରଣ ସୃଷ୍ଟି କରି ପାରିବା ତାହା ହେଲେ ଓଡ଼ିଶାର ଯୁବକଶକ୍ତି ଭାରତବର୍ଷରେ ସର୍ବଶ୍ରେଷ୍ଠ ବୋଲି ପ୍ରମାଣିତ ହେବେ ।

## ଐଶ୍ୱର୍ଯ୍ୟଶାଳୀ ଯୁଗର ଅଭ୍ୟୁଦୟ

ଭାରତରେ ହୁଏତ କୌଣସି କୌଣସି ରାଜ୍ୟରେ କିଛି ଅଭାବ ଥାଇ ପାରେ । କିନ୍ତୁ ଓଡ଼ିଶାରେ କୌଣସି ଅଭାବ ନାହିଁ । ଓଡ଼ିଶାର ପ୍ରାକୃତିକ ସମ୍ପଦ ବିଶ୍ୱବିଦିତ । ଏଭଳି ସମ୍ପଦ ଭାରତ କାହିଁକି ପୃଥିବୀର ଖୁବ୍ କମ୍ ରାଷ୍ଟ୍ରରେ ଅଛି । ରାଜ୍ୟରେ ଯେଉଁଭଳି ଖଣିଜ ସମ୍ପଦ, ଜଙ୍ଗଲ ସମ୍ପଦ, ନଦୀ ତଥା ଜଳ ସମ୍ପଦ, ସମୁଦ୍ର ସମ୍ପଦ ଏବଂ ସର୍ବୋପରି କର୍ମଠ ଓ ବୁଦ୍ଧିମାନ ଯୁବକଶକ୍ତି ରହିଛି, ଭାରତବର୍ଷର ଖୁବ୍ କମ୍ ରାଜ୍ୟରେ ଏହା ଦେଖିବାକୁ ମିଳିଥାଏ । କିନ୍ତୁ ଏ ସବୁ ସତ୍ତ୍ୱେ ଏକ ଅଭିଶପ୍ତ ପାଷାଣ ପରି ଓଡ଼ିଆ ଜାତି ବହୁ କାଳରୁ ପଡ଼ି ରହିଥିଲା । ବେଳେ ବେଳେ ଉତ୍‌ଥାନର ସ୍ୱପ୍ନ ଜାଗିଛି, କିନ୍ତୁ ତାହା ବିଲୀନ ହୋଇଯାଇଛି ।

ଉତ୍‌ପଦ୍ୟନ୍ତେ ବିଲୀୟନ୍ତେ
ଦରିଦ୍ରାଣାଂ ମନୋରଥାଃ

କିନ୍ତୁ ଆଜି ସେ ଅବସ୍ଥା ଆଉ ନାହିଁ । ସେ ଦୁଃସ୍ୱପ୍ନର ଦିନ ଅତିବାହିତ ହୋଇ ସାରିଛି । ସେ ଅଭିଶପ୍ତ କାଳରାତ୍ରିର ଅବସାନ ଘଟିଛି । ଓଡ଼ିଶାରେ ଏକ ଐଶ୍ୱର୍ଯ୍ୟଶାଳୀ ଯୁଗର ଅଭ୍ୟୁଦୟ ଘଟାଇବା ନିମନ୍ତେ ଓଡ଼ିଶାର ଜନ ସାଧାରଣ ଆଜି ସଂକଳ୍ପବଦ୍ଧ । ଇତିହାସ ସେମାନଙ୍କୁ ଅପେକ୍ଷା କରି ରହିଛି । ଭବିଷ୍ୟତ ସେମାନଙ୍କୁ ଆହ୍ୱାନ କରୁଛି । ଯଦି ସମଗ୍ର ରାଜ୍ୟର ଜନ ସାଧାରଣ, ସରକାରୀ କର୍ମଚାରୀ ତଥା ରାଜନୈତିକ ନେତୃବୃନ୍ଦ ନିଜ ନିଜକୁ ଉତ୍ସର୍ଗ କରି ଏ ଦିଗରେ କାର୍ଯ୍ୟ କରନ୍ତି ତେବେ ଏ ସ୍ୱପ୍ନ ସାର୍ଥକ ହେବ ।

## ଶିଳ୍ପ ଓ କୃଷିର ପ୍ରସାର

ଓଡ଼ିଶାରେ କେବଳ ଶିଳ୍ପକୁ ପ୍ରୋତ୍ସାହନ ଦିଆଯାଉଛି ଅଥଚ କୃଷିର ପ୍ରସାର ଦିଗରେ କୌଣସି ଉଦ୍ୟମ ହେଉ ନାହିଁ ବୋଲି ଅନେକ ସମୟରେ ସମାଲୋଚନା ହେଉଛି । କୃଷି ଏବଂ ଶିଳ୍ପ—ଏମାନେ ପରସ୍ପର ନିର୍ଭରଶୀଳ । ଯଦି ଶିଳ୍ପର ବିକାଶ ନ ହୁଏ ତେବେ କୃଷିର ବିକାଶ ହୋଇ ପାରିବ ନାହିଁ । ତେଣୁ କୃଷି ଓ ଶିଳ୍ପ ଉଭୟର ବିକାଶକୁ ଦ୍ରୁତତର ଭାବରେ ଆଗେଇ ନେବା ଆମର ଲକ୍ଷ୍ୟ । କାରଣ ଆମେ ଯଦି ସୂତାକଳ କରିବା, ତା' ହେଲେ ଏ ସୂତାକଳ ପାଇଁ ଯେଉଁ କପା ଆବଶ୍ୟକ, ତାହା କୃଷିରୁ ଆସି ପାରିବ । ଆମେ ଯଦି ତେଲକଳ କରିବା, ସେଥିପାଇଁ ତୈଳବୀଜ ଦରକାର, ତାହା ଆସିବ କୃଷିରୁ । ଆମେ ଯଦି ଚିନିକଳ କରିବା ସେଥିପାଇଁ ଆଖୁ ଦରକାର ଏଇ ଆଖୁ ବି ଆସିବ କୃଷିରୁ । ତେଣୁ ଶିଳ୍ପ କୃଷି ଉପରେ ଅତ୍ୟନ୍ତ ନିର୍ଭରଶୀଳ ଏବଂ କୃଷିର ବିକାଶ ଘଟାଇବାକୁ ହେଲେ ଏ ସବୁ କଳକାରଖାନାର ବିକାଶ ହେବା ଆବଶ୍ୟକ । ଓଡ଼ିଶା ଦିନେ କପାଚାଷ ପାଇଁ ଭାରତବର୍ଷରେ ପ୍ରସିଦ୍ଧିଲାଭ କରିଥିଲା । ପୂର୍ବେ ବାରଙ୍ଗ ଦେଇ ବମ୍ବେ ପର୍ଯ୍ୟନ୍ତ ଯେଉଁ ରାସ୍ତା ଯାଇଥିଲା, ତାର ପୁରୁଣାନାମ ହେଉଛି 'ଓଲଡ୍ କଟନ୍ ରୋଡ୍' । କିନ୍ତୁ ଆଜି ସେ କଟନ୍ (କପା) ନାହିଁ କି ସେ ରାସ୍ତା ନାହିଁ । ଆଜି ଓଡ଼ିଶାରେ ସେ କପାଚାଷ ହେଉନାହିଁ । ବମ୍ବେ ସହିତ ଓଡ଼ିଶାର ଯେଉଁ ବାଣିଜ୍ୟ ସମ୍ପର୍କ ଗଢ଼ି ଉଠିଥିଲା, ସେ ଇତିହାସ ଆଜି ବିସ୍ମୃତ ପ୍ରାୟ । ଓଡ଼ିଶାରେ ପୁଣି କପାଚାଷ କରିବା ପାଇଁ ହେଲେ ସୂତା କାରଖାନା ରହିବା ଦରକାର । କାରଖାନା ନ ରହିଲେ ଚାଷୀମାନେ କେବେହେଲେ ଏ ଭଳି ଶର୍ତ୍ତ ସାପେକ୍ଷ ଚାଷରେ ହାତ ଦେବେ ନାହିଁ । ଏଥିପାଇଁ ଆମେ ଯୋଜନା କରି ସାରିଛୁ । ଭୁବନେଶ୍ୱରର ଅଦୂରରେ ବରୁଣେଇ ପାହାଡ଼ ତଳେ ଏକ ବିରାଟ କାରଖାନା ହେବା ପାଇଁ ଯାଉଛି । ସେହିପରି ଭାବରେ ରାଜ୍ୟରେ ଆଉ ୧୦ଟି ସୂତାକଳ ସ୍ଥାପନ କରାଯାଉଛି । ଆଜି ଓଡ଼ିଶାରେ ଅଧିକ ଚିନାବାଦାମ ଚାଷ ହେଉଛି । କିନ୍ତୁ ଏ ଚିନାବାଦାମ ଯିବ କୁଆଡ଼େ? ଏହା ଯିବ ଗୁଜୁରାଟ । ସେଠାରେ ତେଲ ହୋଇସାରି ପୁଣି ଆସିବ ଓଡ଼ିଶାକୁ । ଏହା କେତେ ଦୂର ଆମ ପକ୍ଷେ ସ୍ୱାଗତଯୋଗ୍ୟ ? ତେଣୁ ଚିନାବାଦାମ ପାଇଁ ତେଲକଳ ପ୍ରତିଷ୍ଠିତ ହେବା ଦରକାର । ଦୁଇଟି ନୂଆ ଚିନିକଳ ବି ଆମେ ସ୍ଥାପନ କରୁଛୁ । ଏହାର ସଫଳତା ଉପରେ ନିର୍ଭର କରି ଆହୁରି ଅନେକ ଚିନିକଳ ସ୍ଥାପନ ହୋଇପାରିବ । ମହାରାଷ୍ଟ୍ରରେ ଗୋଟିଏ ଜିଲ୍ଲା ଅଛି ଯେଉଁଠି ୩୦ରୁ ଅଧିକ ଚିନିକଳ ଅଛି । ଅହମ୍ମଦ ନଗରରେ ଅଛି ୨୫ଟି ଚିନିକଳ । ଏହିପରି ଭାବରେ ମହାରାଷ୍ଟ୍ରର ପ୍ରତ୍ୟେକ ଜିଲ୍ଲାରେ ଚିନିକଳ ଦେଖିବାକୁ ମିଳେ ।

ଆଜି ଆମର କୃଷିଭିତ୍ତିକ ଶିଳ୍ପର ଆବଶ୍ୟକତା ରହିଛି । କାରଣ କୃଷିଭିତ୍ତିକ ଶିଳ୍ପ ହେଲେ କୃଷିର ବିକାଶ ଆବଶ୍ୟକ । ତେଣୁ କୃଷିର ବିକାଶ ପାଇଁ ଏକ ବ୍ୟାପକ କାର୍ଯ୍ୟକ୍ରମ ଗ୍ରହଣ କରାଯାଇଛି । ଆମ ଯୋଜନାର ଶତକଡ଼ା ୫ ଭାଗ ଅର୍ଥ ମାତ୍ର ଶିଳ୍ପ ପାଇଁ ରଖା ଯାଇଥିବା ସ୍ଥଳେ ୪୫ ଭାଗ ଅର୍ଥ

କୃଷି ପାଇଁ ଉଦ୍ଦିଷ୍ଟ । ଏଥିରୁ ସହଜରେ ଅନୁମାନ କରା ଯାଇପାରେ ଯେ କୃଷି ପାଇଁ କି ଭଳି ଧ୍ୟାନ ଦଆ ଯାଉଛି ।

## ଶିଳ୍ପ ବିପ୍ଳବର ରଥଯାତ୍ରା

ଶିଳ୍ପ ପ୍ରସାର ପାଇଁ ଆବଶ୍ୟକ ଦୃଢ଼ ସଂକଳ୍ପ ଏବଂ ମନୋବଳ । ଓଡ଼ିଶାରେ ନୂତନ ଶିଳ୍ପନୀତି କାର୍ଯ୍ୟକାରୀ ହେବା ଫଳରେ ଯେଉଁ ବାତାବରଣ ସୃଷ୍ଟି ହୋଇଛି ତା ଫଳରେ ଭାରତର ଚାରିଆଡ଼ୁ ଶିଳ୍ପପତିମାନେ ବର୍ତ୍ତମାନ ଓଡ଼ିଶାକୁ ଆସୁଛନ୍ତି । ଓଡ଼ିଶାକୁ ଅନୁଗୃହୀତ କରିବାପାଇଁ ଏମାନେ ଆସୁନାହାନ୍ତି, ଆଜି ଆମେ ଏ ଭଳି ଏକ ବାତାବରଣ ସୃଷ୍ଟି କରି ପାରିଥାଇଁ, ଯାହା ଫଳରେ କି ସେମାନେ ଓଡ଼ିଶାକୁ ଆସିବା ପାଇଁ ସ୍ୱତଃ ଆଗ୍ରହ ପ୍ରକାଶ କରୁଛନ୍ତି, କିନ୍ତୁ ଅନେକେ କହୁଛନ୍ତି—ବାହାର ଶିଳ୍ପପତି କାହିଁକି ଓଡ଼ିଶାକୁ ଆସିବେ ? ଭାରତବର୍ଷ ପ୍ରତିଯୋଗିତାର ଏକ ରଙ୍ଗମଞ୍ଚ । କୌଣସି ରାଜ୍ୟ ଏହି ପ୍ରତିଯୋଗିତାରେ ଅବତୀର୍ଣ୍ଣ ହୋଇ ଶିଳ୍ପର ବିକାଶ ଘଟାଇବାକୁ ହେଲେ ଭାରତ ସରକାରଙ୍କ ସମେତ ରାଜ୍ୟର ଓ ରାଜ୍ୟ ବାହାରର ଶିଳ୍ପପତିଙ୍କର ସାହାଯ୍ୟ ସହଯୋଗ ନିତାନ୍ତ ପ୍ରୟୋଜନ । ତା' ହେଲେ ଯାଇ ଏ ବିପ୍ଳବର ରଥଯାତ୍ରା ସମ୍ଭବ ହେବ । ଓଡ଼ିଶାରେ ଏକ ନୂତନ ଶିଳ୍ପ ଯୁଗର ଅଭ୍ୟୁଦୟ ନିମନ୍ତେ ରାଜ୍ୟବାସୀ ଯେଉଁ ସଂକଳ୍ପ, ପରିଶ୍ରମ ତଥା ପ୍ରଚେଷ୍ଟା ଆରମ୍ଭ କରିଛନ୍ତି ତାହା ଫଳବତୀ ହେବ ।

### ରାଜ୍ୟ କର୍ମଚାରୀ ବୀମା ଯୋଜନା ମାଧ୍ୟମରେ ଶିଳ୍ପ ଶ୍ରମିକଙ୍କ ସାମାଜିକ ସୁରକ୍ଷା ବ୍ୟବସ୍ଥା

ଗତ ଫେବୃଆରୀ ମାସରେ ୧୪ ଲକ୍ଷ ୯ ହଜାର ଟଙ୍କା ସାହାଯ୍ୟ ବଣ୍ଟନ

ଗତ ଫେବୃଆରୀ ମାସରେ ଡାକ୍ତରୀ ଚିକିତ୍ସା ବ୍ୟତୀତ ଅସୁସ୍ଥତାଜନିତ ସାମୟିକ ଓ ସ୍ଥାୟୀ ଅକ୍ଷମତା, ଦୀର୍ଘଦିନ-ଧରି ଶାରୀରିକ ଅସୁସ୍ଥତା ଇତ୍ୟାଦି ବାବଦରେ ରାଜ୍ୟ ବୀମାଭୁକ୍ତ ଶିଳ୍ପ ଶ୍ରମିକ ଓ ତାଙ୍କର ପରିବାରବର୍ଗଙ୍କୁ ମୋଟ୍ ୧୪ ଲକ୍ଷ ୯ ହଜାର ୬୯୦ ଟଙ୍କା ଆର୍ଥିକ ସାହାଯ୍ୟ ବଣ୍ଟନ କରାଯାଇଛି ।

ଦିଆଯାଇଥିବା ଆର୍ଥିକ ସାହାଯ୍ୟ ମଧ୍ୟରେ ଶାରୀରିକ ଅସୁସ୍ଥତା ବାବଦରେ ସର୍ବାଧିକ ୧୦ ଲକ୍ଷ ୩୦ ହଜାର ୧୧୯ ଟଙ୍କା, ସାମୟିକ ଅକ୍ଷମତା ପାଇଁ ୧ ଲକ୍ଷ ୯୪ ହଜାର ୬୩୯ ଟଙ୍କା, ସ୍ଥାୟୀ ଅକ୍ଷମତା ପାଇଁ ୮୭ ହଜାର ୯ ଟଙ୍କା ଅନ୍ତର୍ଭୁକ୍ତ । ଏହାଛଡ଼ା ପ୍ରସୂତି-କାଳୀନ ଛୁଟି, ନିର୍ଭରଶୀଳ ସାହାଯ୍ୟ, ଶ୍ରାଦ୍ଧକ୍ରିୟା ଓ ପରିବାର କଲ୍ୟାଣ ବାବଦରେ ଅର୍ଥ ସାହାଯ୍ୟ ବଣ୍ଟନ କରାଯାଇଛି ।

ଏଠାରେ ଉଲ୍ଲେଖ କରାଯାଇପାରେ ଯେ ଶିଳ୍ପ ଶ୍ରମିକମାନଙ୍କ ସାମାଜିକ ନିରାପତ୍ତାପାଇଁ ୧୯୫୯ ମସିହାଠାରୁ ରାଜ୍ୟରେ କାର୍ଯ୍ୟକାରୀ ହେଉଥିବା କର୍ମଚାରୀ ବୀମା ଯୋଜନା ଅନୁସାରେ ବିଭିନ୍ନ ଶିଳ୍ପ ଓ ବ୍ୟବସାୟିକ ସଂସ୍ଥାରେ କାର୍ଯ୍ୟ କରୁଥିବା ୧ ଲକ୍ଷ ୨୪ ହଜାର ଶ୍ରମିକ ଓ ସେମାନଙ୍କର ପରିବାରବର୍ଗ ଉପକୃତ ହେଉଛନ୍ତି । ଏହି ବୀମା ଯୋଜନା ରାଜ୍ୟର ୨୮ ଟି କେନ୍ଦ୍ରରେ କାର୍ଯ୍ୟକାରୀ ହେଉଛି ।

# ଧାନ: ଓଡ଼ିଶାର ପରମ୍ପରାରେ ଜୀଅନ୍ତା ଲକ୍ଷ୍ମୀ

ଅଧ୍ୟାପକ ବିଭୂତି ଭୂଷଣ ସାହୁ

'ଧନ ଧାନ୍ୟ ଗୋପ ଲକ୍ଷ୍ମୀ' ବୋଲି ଗୋଟିଏ ଉକ୍ତି ଅଛି । ଲକ୍ଷ୍ମୀ ହେଉଛନ୍ତି ଧନର ଅଧିଷ୍ଠାତ୍ରୀ ଦେବୀ । ଧନ ପୁଣି ବହୁବିଧ ରୂପ ସମ୍ଭାରରେ ସମୃଦ୍ଧ । ଏଠାରେ ଧନର ତିନୋଟି ରୂପର ଅବତାରଣା କରାଯାଇଅଛି । ପ୍ରଥମରେ ଧାନ ଓ ଗୋଧନ ବ୍ୟତୀତ ଅନ୍ୟ ସମସ୍ତ ପ୍ରକାର ସ୍ଥାବର ଓ ଅସ୍ଥାବର ସଂପତ୍ତି, ଦ୍ୱିତୀୟରେ ଧାନ ଏବଂ ତୃତୀୟରେ ଗୋଧନ ବା ପଶୁ ସଂପଦ । ଉକ୍ତିଟିରୁ ଏହାହିଁ ସୂଚିତ ହୋଇଥାଏ ଯେ ସୁନାରୁପା, ଟଙ୍କା ପଇସା, ଜମିବାଡ଼ି, ଘରଦ୍ୱାର କିମ୍ବା ଗୋଧନ ପରି ମୂଲ୍ୟବାନ ସଂପଦ ଠାରୁ ଧାନ ପରି ଗୋଟିଏ ଖାଦ୍ୟ ଶସ୍ୟର ମୂଲ୍ୟ ତଥା ସମ୍ମାନ ଅର୍ଥନୀତି, ରାଜନୀତି, ସମାଜ ନୀତି କିମ୍ବା ଧର୍ମ ନୀତିର ବଡ଼ ଦାଣ୍ଡରେ କୌଣସି ଗୁଣରେ ନ୍ୟୂନ ନୁହେଁ । ଧାନ ଏକ ଶସ୍ୟ ହେଲେ ସୁଦ୍ଧା ଓଡ଼ିଶାର ପରଂପରାରେ ତାହା ଜୀଅନ୍ତା ଲକ୍ଷ୍ମୀ ଭାବରେ ସ୍ୱୀକୃତା । ଅନ୍ୟ ସମସ୍ତ ଦେବାଦେବୀଙ୍କର ପୂଜା ଆରାଧନା ପାଇଁ ଯେପରି ଧୂପ ଦୀପ ଭୋଗରାଗର ଆୟୋଜନ ହୋଇଥାଏ, ଧାନ ରୂପା ଲକ୍ଷ୍ମୀଙ୍କଠାରେ ମଧ୍ୟ ତାହାହିଁ ଅନୁସୃତ ହୁଏ ।

ଧାନ ସହିତ ଓଡ଼ିଶାର ଜନ ଜୀବନର ଏକ ନିବିଡ଼ ସଂପର୍କ ବିଦ୍ୟମାନ । ଧାନରୁ ଚାଉଳ ଓ ଚାଉଳରୁ ଭାତର ସୃଷ୍ଟି । ଭାତକୁ ଅନ୍ନ ଭାବରେ ଗ୍ରହଣ କରାଯାଏ । ଭାତ ପ୍ରତ୍ୟେକ ଓଡ଼ିଆଙ୍କର ପ୍ରଧାନ ଖାଦ୍ୟ । ଆଉ ଯାହା କିଛି ସେ ଖାଦ୍ୟ ରୂପରେ ଗ୍ରହଣ କରେ ସେ ସବୁ ଗୌଣ । ସେଥିପାଇଁ ବୋଧହୁଏ ଏ ସଂସାରରେ କେତେ ପ୍ରକାର ଖାଦ୍ୟ ସଞ୍ଚିତ ହୋଇ ରହିଥିଲେ ମଧ୍ୟ କେବଳ ଅନ୍ନକୁହିଁ ଜଗତର ନାଥ ମହାପ୍ରଭୁ ଜଗନ୍ନାଥଙ୍କର ମହାପ୍ରସାଦ ଭାବରେ ଲାଗି କରାଯାଏ । ଓଡ଼ିଶାର ପ୍ରତ୍ୟେକ ଗୃହରେ ଅନ୍ନକୁ ଏକ ସ୍ୱତନ୍ତ୍ର ଦୃଷ୍ଟି କୋଣରୁ ବିଚାର କରାଯାଏ । ଏଠାରେ ଅନ୍ନ କେବଳ ଗୋଟିଏ ଖାଦ୍ୟଦ୍ରବ୍ୟ ନୁହେଁ ବରଂ ଅନ୍ନ ହିଁ ସ୍ୱୟଂ ଅନ୍ନପୂର୍ଣ୍ଣାଙ୍କର ଏକ ବିକଳ୍ପ ରୂପ । ଆଉ ସେଥିପାଇଁ ଓଡ଼ିଶାର ପ୍ରତ୍ୟେକ ଗୃହ ଗୋଟିଏ ଗୋଟିଏ ମନ୍ଦିର ଏବଂ ଓଡ଼ିଶାର ପ୍ରତ୍ୟେକ ମା, ଭଉଣୀ ଜଣେ ଜଣେ ପୂଜାରିଣୀ କହିଲେ ଅତ୍ୟୁକ୍ତି ହେବ ନାହିଁ । ଓଡ଼ିଶାରେ ଯେତେ ପ୍ରକାର ଦେବ ଦେବୀଙ୍କର ଆସ୍ଥାନ ବା ମନ୍ଦିରମାନ ଅଛି ସେ ଗୁଡ଼ିକରେ ମୁଖ୍ୟତଃ ବହୁ ପ୍ରକାର ପୂଜା ବିଧି ଅନୁଷ୍ଠିତ ହୋଇଥାଏ । ସେଥି ମଧ୍ୟରୁ ଗୋଟିଏ ହେଲା ନିତ୍ୟ ନୈମିତ୍ତିକ ପୂଜା ସେବା, ସେହିଥିରେ କି ପ୍ରତ୍ୟେକ ଦିନର ଏକ ନିର୍ଦ୍ଦିଷ୍ଟ କାର୍ଯ୍ୟ ସୂଚୀ ଅନୁଯାୟୀ ପୂଜା ଅନୁଷ୍ଠିତ ହୁଏ । ଯେପରି ଶିବ ମନ୍ଦିରରେ ଦୈନନ୍ଦିନ ଶିବ ପୂଜା, ଚଣ୍ଡୀ ମନ୍ଦିରରେ ଚଣ୍ଡୀ ପୂଜା, ରାଧାକୃଷ୍ଣଙ୍କ ମନ୍ଦିରରେ ରାଧାକୃଷ୍ଣଙ୍କ ପୂଜା ଏବଂ ଶ୍ରୀ ମନ୍ଦିରରେ ଦୈନନ୍ଦିନର ପୂଜା ବିଧି ଅନୁପାତରେ ଆଳତୀ, ଅବକାଶ, ଦ୍ୱାରପାଳ ପୂଜା, ସୂର୍ଯ୍ୟ-ପୂଜା, ବଲ୍ଲଭ, ସାହାଣ ମେଲା, ସକାଳ ଧୂପ, ସଂଧ୍ୟା ଆଳତୀ ସଂଧ୍ୟାଧୂପ, ବଡ଼ ସିଂହାର, ପହୁଡ଼ ଇତ୍ୟାଦି ଲାଗି ରହିଥାଏ । ଆଉ ଗୋଟିଏ ହେଲା ସାମୟିକ ପୂଜା ପାର୍ବଣ, ଯାହାକି ବର୍ଷର ଏକ ଏକ ବିଶେଷ ମାସ, ବାର, ପକ୍ଷ, ତିଥି ଅନୁସାରେ ତାକୁଇ କେନ୍ଦ୍ର କରି ବହୁ ପର୍ବ ପର୍ବାଣୀ ମେଳା ମହୋତ୍ସବ ଅନୁଷ୍ଠିତ ହୋଇଥାଏ । ଯେପରି ଶିବଙ୍କ ପୀଠରେ ଶିବରାତ୍ରୀ ବା ଜାଗର ମେଳା, ଦେବୀଙ୍କ ପୀଠରେ କାଳୀ ବା ଦୁର୍ଗୋତ୍ସବ, ଗଣେଶଙ୍କ ପୀଠରେ ଗଣେଶ ଚତୁର୍ଥୀ, ସରସ୍ୱତୀଙ୍କ ପୀଠରେ ଶ୍ରୀପଞ୍ଚମୀ, ରାଧାକୃଷ୍ଣଙ୍କ ପୀଠରେ ଜନ୍ମାଷ୍ଟମୀ ଓ ଦୋଳଯାତ୍ରା, ରାମଙ୍କ-ପୀଠରେ ରାମ ନବମୀ ଏବଂ ଶ୍ରୀ ମନ୍ଦିରରେ ଜଗନ୍ନାଥଙ୍କୁ କେନ୍ଦ୍ରକରି ରଥଯାତ୍ରା, ଝୁଲଣ, ଚନ୍ଦନ ଯାତ୍ରା, ସ୍ନାନ ଯାତ୍ରା ଇତ୍ୟାଦି ପାଳିତ ହୋଇଥାଏ । ଚିନ୍ତା କଲେ ବଡ଼ ଆଶ୍ଚର୍ଯ୍ୟ ଲାଗେ, ଓଡ଼ିଶାର ବହୁ ଦେବାଦେବୀଙ୍କର ଆସ୍ଥାନ ଥିଲେ ସୁଦ୍ଧା ବଡ଼ ଠାକୁର ଶ୍ରୀ ଜଗନ୍ନାଥଙ୍କଠାରେ ଯେପରି ବହୁବିଧ ମାନବୀୟ ସେବା ପୂଜାର ନିୟୋଗ ଦେଖାଯାଏ, ତଦନୁରୂପ ସେବା ପୂଜା ଆଉ କେବଳ ଧାନ ଲକ୍ଷ୍ମୀଙ୍କ ଠାରେ ହିଁ ପ୍ରଯୁଜ୍ୟ ହୋଇଥାଏ । ଧାନକୁ ସାକ୍ଷାତ୍ ମା ଲକ୍ଷ୍ମୀ ଭାବରେ ପରିକଳ୍ପନା କରି ବହୁବିଧ ପୂଜା ପାଠର ପ୍ରଚଳନ ଓଡ଼ିଶାର ପରଂପରାରେ ସୁବିଦିତ । ଏହାର ପଦ୍ଧତି ଓ ଉଦ୍ଦେଶ୍ୟକୁ ପର୍ଯ୍ୟାଲୋଚନା କଲେ ଓଡ଼ିଶାର ଜନ ଜୀବନ ସହିତ ଏହା ଯେ କେତେ ଘନିଷ୍ଠ କେତେ ମାର୍ମିକ, ଜୀବନ ଉପରେ କେତେ ଉପଯୋଗୀ ତାହା ସହଜରେ ଜଣାପଡ଼େ । ସତେ ଯେପରି ନାହିଁ ଏଠି ଭିନ୍ନା ଭିନ୍ନ ସବୁ ଏକାକାର । ମଣିଷ ଓ ଦେବତା ମଧ୍ୟରେ କୌଣସି ଫରକ ନାହିଁ । ଯେ ମଣିଷ ସେ ଦେବତା, ଯେ ଦେବତା ସେ ମଣିଷ ।

ଏହି ପରିପ୍ରେକ୍ଷୀରେ ଗୋଟିଏ କଥା ଉଲ୍ଲେଖ କରାଯାଇପାରେ । ଓଡ଼ିଶାରେ ଅନେକ ପୂଜା ଘଟ ସ୍ଥାପନ ଦ୍ୱାରା ଅନୁଷ୍ଠିତ ହୋଇଥାଏ । କୌଣସି ଦେବାଦେବୀଙ୍କର ସାକାର ବିଗ୍ରହ ପରିବର୍ତ୍ତେ ଏହି ଘଟ ସ୍ଥାପନ ଦ୍ୱାରାହିଁ ଦେବାଦେବୀଙ୍କର ସ୍ୱସ୍ଥାନ ଆବାହନ ଓ ବିସର୍ଜନ ପ୍ରକ୍ରିୟା



ସମାହିତ ହୋଇଥାଏ । ଏଥିରେ ପୂଜକ ମୁଠାଏ ଶୁଭ୍ର ବର୍ଣ୍ଣର ଧାନ ଥୋଇ ତା ଉପରେ ଘଟ ସ୍ଥାପନ କରନ୍ତି । ଧାନ ଉପରେ ଘଟ ଓ ଘଟ ମଧ୍ୟରେ ଜଳ ଏବଂ ଜଳ ମଧ୍ୟରେ ପାଞ୍ଚ କିମ୍ବା ସାତଟି ପତ୍ର ବିଶିଷ୍ଟ ଆମ୍ବଡାଳ ଥୁଆ ହୁଏ । ଏହାର ସାଧାରଣ ଅର୍ଥ ଯାହା ହେଉନା କାହିଁକି ଏହାର ମାର୍ମିକ ଅର୍ଥ ହେଲା ଧାନ ହେଉଛି ଲକ୍ଷ୍ମୀ-ରୂପା ମାଆ । ମାଆ ତାହାରି ସନ୍ତାନକୁ କୋଳରେ ଧାରଣ କଲାପରି ଧାନ ଉପରେ ଘଟର ଅବତାରଣା କରାଯାଏ । ଘଟ ମଣିଷଶରୀରର ପ୍ରତୀକ ଏବଂ ଘଟ ମଧ୍ୟସ୍ଥ ଜଳ ଜୀବନ ପ୍ରକ୍ରିୟାର ଉଜ୍ଜ୍ୱଳ ସଙ୍କେତ । ଆଉ ପାଞ୍ଚ କିମ୍ବା ସାତଟି ପତ୍ର ବିଶିଷ୍ଟ ଯେଉଁ ଆମ୍ବଡାଳଟି ତହିଁରେ ରହେ, ତାହା ମଣିଷର ବହୁମୁଖୀ ପ୍ରତିଭାର ସୂଚନା ବହନ କରେ । ଏଣୁ ଧାନ ଉପରେ ଘଟ ସ୍ଥାପନର ମୋଟାମୋଟି ଅର୍ଥହେଲା ଧାନ ରୂପା ଲକ୍ଷ୍ମୀ ମାଆଙ୍କର ସନ୍ତାନ ଏହି ମଣିଷ ସମାଜ । ଅନ୍ନମୟ ଏ ଜଗତ । ଅନ୍ନମୟ ଏ ଶରୀର । ଅନ୍ନହିଁ ଶରୀରକୁ ପରିପୁଷ୍ଟ କରେ ଜ୍ଞାନପୁଷ୍ଟ କରେ । ଅନ୍ନଦ୍ୱାରା ମଣିଷ ବହୁମୁଖୀ ବିକାଶ ଲାଭ କରେ । ତା ଶରୀର ଜୀବନ ରସରେ ତରଙ୍ଗାୟିତ ତଥା ଉଜ୍ଜଳ ହୋଇ ଉଠେ ।

ଜଣେ ମାଆ ତାଙ୍କ ଜୀବନକାଳ ମଧ୍ୟରେ ଯେପରି ଜନ୍ମ-ବୟୋବୃଦ୍ଧି-ରଜଦର୍ଶନ-ବିବାହ-ଗର୍ଭଧାରଣ-ମାତୃତ୍ୱ ଲାଭ-ବୃଦ୍ଧାବସ୍ଥା-ମୃତ୍ୟୁ ଏବଂ ଶେଷରେ ତାଙ୍କରି ନାମରେ ତିଳ ତର୍ପଣ କ୍ରମରେ ତାଙ୍କରି ଜୀବନ ଲୀଳାର ଅବସାନ ଘଟିଥାଏ; ଧାନ ଲକ୍ଷ୍ମୀଙ୍କ ଠାରେ ମଧ୍ୟ ଠିକ୍ ଅନୁରୂପ କ୍ରମ ପରିଣତି ପରିଲକ୍ଷିତ ହୋଇଥାଏ । ସତେ ଯେପରି ଧାନ ମଧ୍ୟ ଆମରି ରକ୍ତମାଂସ ଦେହଧାରୀ ଓଡ଼ିଶାର ଜଣେ ମାଆ-ଆମରି ଗହଣରେ ତାଙ୍କରି ଗୋଟିଏ ଜୀବନ ଚକ୍ର । ଧାନଲକ୍ଷ୍ମୀକୁ କେନ୍ଦ୍ରକରି ଓଡ଼ିଶାର ଚାଷୀଭାଇ ମାନେ ଯେଉଁ କେତୋଟି ପୂଜା ସେବା-ବ୍ରତ-ଓଷା ପର୍ବପର୍ବାଣୀ ପାଳନ କରିଥାନ୍ତି, ସେଗୁଡ଼ିକର ବିସ୍ତୃତ ଆଲୋଚନାରୁ କଥାଟିର ମର୍ମ ଭଲ ଭାବରେ ଉପଲବ୍ଧି କରାଯାଇ ପାରିବ ।

## ଅକ୍ଷୟ ତୃତୀୟା

ଅକ୍ଷୟ ତୃତୀୟା ପର୍ବଟିକୁ ଓଡ଼ିଶାର ପ୍ରତ୍ୟେକ ଚାଷୀଭାଇମାନେ ଘରେ ଘରେ ପାଳନ କରିଥାନ୍ତି । ବୈଶାଖ ମାସ ଶୁକ୍ଳପକ୍ଷ ତୃତୀୟା ତିଥିରେ ଚାଷୀଭାଇମାନେ ଧାନ ବୁଣିବାକୁ ଶୁଭ ଅନୁକୂଳ କରିଥାନ୍ତି । ଏହା ପୂର୍ବରୁ କ୍ଷେତ୍ର ପ୍ରସ୍ତୁତ ଶେଷ ହୋଇ ଯାଇଥାଏ । ଏହା ବୀଜ ବପନର ପର୍ବ । ଦେଖିବାର କଥା ଚାଷୀଭାଇମାନେ ସେଦିନ ଶୁଭ ମୁହୂର୍ତ୍ତରେ ଦହି ମାଛ ଦର୍ଶନ ପୂର୍ବକ ନୂଆ 'ବୁଜୁଣୀ'ରେ ଧାନ ପୂର୍ଣ୍ଣକରି ବିଲକୁ ବୁଣିବାକୁ ଯାଆନ୍ତି । ବୁଜୁଣୀଟିରେ ଗୋଟିଏ ନୂଆ ଧୋତି ବା ନୂଆ ଗାମୁଛା ବେଢ଼ା ଯାଇଥାଏ । ସେଥିରେ ପୁଣି ଗୋଟିଏ ହିଙ୍କ ପକ୍ଷୀର ପର ଲଗା ଯାଇଥାଏ । ବୁଜୁଣୀଟିର ଆକୃତି ମଧ୍ୟ ଅନ୍ୟାନ୍ୟ ଟୋକେଇ ଠାରୁ ଭିନ୍ନ । ଏହାର ଆକୃତି ଦେଖିବାକୁ ଲମ୍ବ । ଏଥିରେ ଯେଉଁ ବୁଜୁଣୀ ଓ ହିଙ୍କପକ୍ଷୀର ପର ବ୍ୟବହୃତ ହୁଏ ତାହା ପୁରୁଷର ପୁରୁଷାଙ୍ଗ ଓ ତାହାର ବଜ୍ରତୁଲ୍ୟ ଶକ୍ତି ଏବଂ ସାମର୍ଥ୍ୟର ପରିଚାୟକ । ସେହିପରି ଦୃଢ଼ ପୁରୁଷାର୍ଥ ମାଧ୍ୟମରେ ଯେଉଁ ବୀଜ ବପନ କରାଯାଏ ତାହାହୁଏ ଅକ୍ଷୟ ଓ ଅବ୍ୟର୍ଥ ବୀଜ । ଅତଏବ ଅଙ୍କୁରୋଦ୍‌ଗମ ସୁନିଶ୍ଚିତ । ଏହା ଆମ ସମାଜରେ ପ୍ରଚଳିତ ଥିବା ଦଶବିଧ ସଂସ୍କାର ମଧ୍ୟସ୍ଥ 'ଗର୍ଭାଧାନ' ପ୍ରକ୍ରିୟା ସହ ସମାନ ।

## ରଜ

ଆଷାଢ଼ର ପ୍ରଥମ ଦିବସରେ ପୃଥିବୀ ମାତା ରଜବତୀ ହୁଅନ୍ତି ବୋଲି ଧାରଣା । ମୌସୁମୀ ପ୍ରବାହୀ ମେଘ ମଲ୍ଲାର ଆକାଶକୁ ଆଚ୍ଛାଦିତ କରେ । ପୃଥିବୀ ମାତା ରସସିକ୍ତ ହୁଅନ୍ତି । ଧାନର ଅଙ୍କୁରୋଦ୍‌ଗମ ସୁଗମ ହୁଏ । ଧାନ ଗଛ ପତ୍ର ମେଲେ । ନୂଆ ଶିଶୁଟି ପରି କଅଁଳ ଛନଛନ ସବୁଜ ପତ୍ରରେ ଧାନଗଛ ଦରୋଟି ହସେ । ମାତ୍ର କଅଁଳ ସବୁଜଶ୍ରୀ ବେଶୀଦିନ ରହି ପାରେନା । ଭୂଆସୁଣୀଟି ନାନାଦି ସୁଖ ଦୁଃଖରେ ଓଲୋଟ ପାଲୋଟ ହୋଇ ସଜ୍ଜିତ ହେଲପରି ଧାନ ଗଛକୁ ବେଉଷଣ କରାଯାଏ । ସଂସାର ମଧ୍ୟରେ ଘର ସଂସାର କରି ତିଷ୍ଠି ରହିବାକୁ ଗଲେ କେତେ ଯେ ଦୁଃଖ ଲାଂଛନା ସହ୍ୟ କରିବାକୁ ପଡ଼େ ସେ କଥା ସମସ୍ତ ମାତୃ ଜାତିକୁ ଭଲ ଭାବରେ ଜଣା । ଏଥିରୁ ଧାନ ଲକ୍ଷ୍ମୀ ବା ବାଦ ପଡନ୍ତେ କିପରି ।

## ନବାନ୍ନ

ନବାନ୍ନ ଭକ୍ଷଣ ବା ନୂଆଖିଆ ଉତ୍ସବଟିକୁ ମଧ୍ୟ ଓଡ଼ିଶାର ବହୁ ଅଞ୍ଚଳରେ ପାଳନ କରିବାର ଦେଖାଯାଏ । ବିଶେଷ ରୂପେ ସମ୍ବଲପୁର, ବଲାଙ୍ଗୀର, ସୁନ୍ଦରଗଡ଼, କେନ୍ଦୁଝର ଓ ମୟୂରଭଞ୍ଜ ଅଞ୍ଚଳରେ ଚାଷୀଭାଇମାନେ ଏହାକୁ ବହୁ ଆନନ୍ଦ ଉଲ୍ଲାସ ମଧ୍ୟରେ ପାଳନ କରିଥାନ୍ତି । ଆଶ୍ୱିନ ମାସରେ ପହଲୀ ଭାବରେ ଯେତେ ବେଳେ ନୂଆ ଧାନ ପାଚିବାକୁ ଆରମ୍ଭ କରେ, ଚାଷୀଭାଇମାନଙ୍କର ମନ ଆନନ୍ଦରେ ଉଦ୍‌ବେଳିତ ହୋଇଉଠେ । ସେ ପୂଜାପାଠ ପୂର୍ବକ ନୂଆଧାନକୁ ବିଲରୁ ଆଣି ସେହି ଧାନର ଚାଉଳକୁ ପ୍ରଥମ ଭାବରେ ଭୋଗ ରୂପେ ସେବନ କରେ । ଶଶୁରାଳୟକୁ ନବ ବଧୂର ଶୁଭାଗମନକାଳୀନ ଯେଉଁ ଆନନ୍ଦ ଉଦ୍ଦୀପନା ସୌନ୍ଦର୍ଯ୍ୟ ଓ ସମାବେଶ ପରିଲକ୍ଷିତ ହୋଇଥାଏ ଠିକ୍ ସେହିପରି ନୂଆଖିଆର ଆଭିମୁଖ୍ୟଟି ଅତି ତାତ୍ପର୍ଯ୍ୟ ପୂର୍ଣ୍ଣ ଓ ଉଲ୍ଲାସ ସମୟ ପରି ବୋଧହୁଏ ।

## ଗର୍ଭଣା

ଆମ ଓଡ଼ିଶାରେ ଗୋଟିଏ ପ୍ରବାଦ ଅଛି "ଆଗେ ବୁଣ୍ ପଛେ ବୁଣ୍ ଗର୍ଭଣାକୁ ଟୁଣ୍ ଟୁଣ୍" । ଅର୍ଥାତ୍ ଯେ କୌଣସି ପ୍ରକାର ଧାନ ଆଗ ବା ପଛରେ ବୁଣିଲେ ସୁଦ୍ଧା ଗର୍ଭଣା ସଂକ୍ରାନ୍ତିକୁ ସେ ନିଶ୍ଚୟ ଗର୍ଭରେ ଧାନଶିଷ ଧାରଣକରି ରହିଥିବ । ଗର୍ଭବତୀ ନାରୀକୁ ନ ମାସରେ 'ସାଧ' ଦିଆ ଯିବାର ପରମ୍ପରା ଅଛି । ଗର୍ଭବତୀ ନାରୀର ମନଜାଣି ଦହଦ ପୂରଣ କରାଯିବାର ଯେଉଁ ପ୍ରଥା ଅଛି ତାହା ଧାନ ଲକ୍ଷ୍ମୀଙ୍କ ଠାରେ ମଧ୍ୟ ପୂରଣ କରାଯାଏ । ଗର୍ଭଣା ପର୍ବ ସାଧାରଣତଃ କାର୍ତ୍ତିକ ମାସରେ ପାଳିତ ହୋଇଥାଏ । ଏଥିରେ ଧାନ ଲକ୍ଷ୍ମୀଙ୍କ ସାଧ ପୂରଣ ପାଇଁ ଚାଷୀଭାଇ ମାନେ ଭକ୍ତିପୂତ ଭାବରେ ତାଳ ଖୁନ୍ଦୁଡ଼ିର ଶସ, କଦଳୀ, ଦୁଧ, ଦହି, ମହୁ ଇତ୍ୟାଦି ବିଲକୁ ନେଇ ଧାନଗଛ ମୂଳରେ ଅର୍ପଣ କରି ଆସନ୍ତି । ଅର୍ପଣ କଲା ସମୟରେ କହନ୍ତି "ଝଡା ମଣଦା ପାତାଳକୁ ଯାଅ, ଧାନ ଠାକୁରାଣୀ ସହସ୍ର ବସ ।" ଅର୍ଥାତ୍ 'ଝଡା' 'ମଣଦା' ପରି ଧାନର ପ୍ରଧାନ ଶତ୍ରୁ ଗୁଡ଼ିକର ଲୋପ ହେଉ ଏବଂ ଗର୍ଭଧାରିଣୀ ମା' ଧାନ ଲକ୍ଷ୍ମୀ ଦୃଢ଼ଭାବରେ ଶିର ଉତ୍ତୋଳନ କରି ଛିଡା ହୋଇ ରହନ୍ତୁ । ଏହାହିଁ ଜଣେ ଚାଷୀଭାଇର ଅନ୍ତରର ଆଶା ଓ ଭରସା ।

## ଗୁରୁବାର ଓଷା

ଧାନକୁ ଲକ୍ଷ୍ମୀ ଠାକୁରାଣୀ ଭାବରେ ପୂଜା କରିବାର ଯେଉଁ ବିଧିବିଧାନମାନ ପରିଲକ୍ଷିତ ହୁଏ ତାହା ଓଡ଼ିଶାର କଳା ନୈପୁଣ୍ୟ ଓ ସୌନ୍ଦର୍ଯ୍ୟ ଜ୍ଞାନର ଏକ ଅନୁପମ ଆଲେଖ୍ୟ । ମାର୍ଗଶୀର ମାସରେ ପାଚିଲା ଧାନର କେଣ୍ଡା-ଗୁଡ଼ିକୁ ଆଣି ତାହାକୁ ଅତି ସୁନ୍ଦର ଭାବରେ ବେଣୀ ପକାଇ ଧାନ ଶିଷର ମାଳା ଗୁନ୍ଥାଯାଏ । ସେହି ଧାନ ମାଳିକୁ ଧାମାନ କିମ୍ବା କାନ୍ଥରେ ଝୁଲାଇ ଓଡ଼ିଶାର ଗୃହିଣୀମାନେ ଭକ୍ତିପୂତ ଭାବରେ ପୂଜା କରିଥାନ୍ତି । ମାର୍ଗଶିର ମାସର ପ୍ରତ୍ୟେକ ଗୁରୁବାରରେ ଲକ୍ଷ୍ମୀବ୍ରତ ପାଳନ କରାଯାଏ । ମାଣବସା ଓଷା ଭାବରେ ମଧ୍ୟ ଏହା ସୁବିଦିତ । ଅନ୍ୟ ପକ୍ଷରେ ମାର୍ଗଶିର ମାସରେ ପ୍ରତ୍ୟେକ ଗୁରୁବାରରେ ଚାଷୀ ଭାଇମାନେ ସେମାନଙ୍କର ସଦ୍ୟ କଟା ଧାନବିଡାକୁ ଗୋଟିଏ ଆଣି ଖଳା ମଧ୍ୟରେ ସ୍ଥାପନ କରନ୍ତି ଏବଂ ଗୃହିଣୀମାନେ ସେହି ଧାନ ବିଡାକୁ ଲକ୍ଷ୍ମୀ ଠାକୁରାଣୀ ଭାବରେ ଧୂପଦୀପ ଭୋଗରାଗ ଦେଇ ପୂଜା କରିଥାନ୍ତି । ମାର୍ଗଶିର ମାସ ଓ ତହିଁର ଗୁରୁବାରଗୁଡ଼ିକରେ ଧାନକୁ ଯେଉଁପରି ଭାବରେ ସମ୍ମାନିତ କରାଯାଏ ତାହା ଯେ କୌଣସି ବ୍ୟକ୍ତି ବିଶେଷଙ୍କର ଜନ୍ମଦିନ ପାଳନ ସହିତ ସମାନ ବୋଲି ପ୍ରତୀୟମାନ ହୁଏ ।

## କ୍ଷେତ ଅଣା

କ୍ଷେତ ଅଣା ପର୍ବଟିକୁ ଆମ ଓଡ଼ିଶାର ବହୁ ଅଞ୍ଚଳରେ ପାଳନ କରାଯାଏ । ବିଶେଷ ରୂପେ ମୟୂରଭଞ୍ଜ, ବାଲେଶ୍ୱର ଓ କେନ୍ଦୁଝର ଅଞ୍ଚଳର ଚାଷୀଗୃହ ମାନଙ୍କରେ ଏହାକୁ ବହୁ ଆଡମ୍ବର ସହ ପାଳନ କରାଯିବାର ଦେଖା-ଯାଏ । ମାର୍ଗଶିର ମାସର ଶେଷ ବେଳକୁ ଚାଷୀଭାଇ-ମାନେ ଯେତେ ବେଳେ ତାଙ୍କ ବିଲରୁ ଧାନ କଟା ଶେଷ କରନ୍ତି, ସେହି ଶେଷ ଦିନରେ ନିଜ ବିଲରେ ଗୋଟିଏ ଧାନ ମେଣ୍ଡାକୁ ନ କାଟି ଅକ୍ଷତ ଭାବରେ ଛାଡିଦେଇ ଆସନ୍ତି । ତାହାର ଦୁଇ ଚାରିଦିନ ପରେ ଚାଷୀଭାଇ ତାଙ୍କରି ସମସ୍ତ କୃଷି ଶ୍ରମିକମାନଙ୍କୁ ସାଥିରେ ନେଇ ଉକ୍ତ ବିଲକୁ ଯାଆନ୍ତି ଓ ପୂର୍ବର ପରିତ୍ୟକ୍ତ ଅକ୍ଷତ ଧାନ ମେଣ୍ଡାଟିକୁ ଗୋଟିଏ ଥାଳିରେ ଥୋଇ କାନ୍ଧେଇ ନେଇ ଆସନ୍ତି । ବିଲରୁ ଘରକୁ ପ୍ରତ୍ୟାଗମନ କଲା ସମୟରେ ସମସ୍ତେ " ହରି ବୋଲ, ହରି ବୋଲ ହରି—ହରି ବୋଲ, ହରି ବୋଲ ହରି" ଏକ ସଙ୍ଗେ ଡାକ ଦେଇ ଦେଇ ଫେରନ୍ତି । ଏହି ଉତ୍ସବଟି ସାଧାରଣତଃ ଶନିବାର କିମ୍ବା ମଙ୍ଗଳବାର ସନ୍ଧ୍ୟା ସମୟରେ ହିଁ ପାଳିତ ହୋଇଥାଏ । ଉତ୍ସବଟିକୁ ଲକ୍ଷ କଲେ ଜଣେ ମୃତ ବ୍ୟକ୍ତିର ଶବାଧାର ସହ ଶ୍ମଶାନକୁ ଯାତ୍ରା କାଳୀନ ପରିବେଶଟି ମନେ ପଡିଯାଏ । ଧାନ ମେଣ୍ଡାଟିକୁ ଶୋଇବାଠାଣୀରେ କାନ୍ଧରେ ଥୋଇ ଆଣିବା—ହରିବୋଲ ଡାକ ଦେବା—ବିଶେଷରୂପେ ଶନିବାର ବା ମଙ୍ଗଳବାର ସନ୍ଧ୍ୟାକୁ ସେଥିପାଇଁ ଉପଯୁକ୍ତ ସମୟ ଭାବରେ ଗ୍ରହଣ କରିବା; ଗୋଟିଏ ଶବକୁ ନେଇ ମାଲ ଭାଇମାନଙ୍କର ଶ୍ମଶାନକୁ ଯାତ୍ରା ତଥା ମୁହଁରେ "ରାମ ନାମ ସତ୍ୟ ହେ" ର ଡାକରା ସହ ତୁଳନା କରାଯାଇ ପାରେ । କ୍ଷେତ ଅଣା ପର୍ବ ଗୋଟିଏ ଦୁଃଖ ଏବଂ ବିଷାଦର ପର୍ବ ଅଟେ । ସେହି ଦିନ ଠାରୁ ଚାଷୀଭାଇ ନିଜର ବିଲକାମ ସେହି ବର୍ଷକ ପାଇଁ ସମାପ୍ତ କରନ୍ତି । ଏହି ଉପଲକ୍ଷେ ପିଠାପଣାର ଆୟୋଜନ ଓ ବିତରଣ ମଧ୍ୟ ହୁଏ । ଏହା ଶ୍ରାଦ୍ଧ କ୍ରିୟା ଉପଲକ୍ଷେ ବ୍ରାହ୍ମଣ ଭୋଜନ କିମ୍ବା ଦରିଦ୍ର ନାରାୟଣ ସେବା ସହ ସମାନ ।

## ବାଉଁଣ୍ଡି

ପୌଷ ମାସର ଶେଷ ଦିନଟିକୁ 'ବାଉଁଣ୍ଡି' ଆଖ୍ୟା ଦିଆ ହୋଇଥାଏ । ତା ପରଦିନ ଅର୍ଥାତ୍ ମାଘ ମାସର ପ୍ରଥମ ଦିନ ମକର ସଂକ୍ରାନ୍ତି । ମକର ସଂକ୍ରାନ୍ତି ଠାରୁ ଚାଷୀ ଭାଇମାନେ ନୂଆ ଚାଷ ବର୍ଷ ଆରମ୍ଭ କରନ୍ତି । ବାଉଁଣ୍ଡିରେ ବାଉଁଣ୍ଡି ବାନ୍ଧିବା ଏକ ପରମ୍ପରା ଅଛି । ଏହାର ତାତ୍ପର୍ଯ୍ୟ ହେଲା କ୍ଷେତ ଅଣାରେ ଯେଉଁ ଧାନ ମେଣ୍ଡା-ଟିକୁ କ୍ଷେତରୁ ଉପାଡି ଆଣି ଘରେ ଥୁଆ ହୋଇ ଥାଏ, ସେହି ଚେରରେ ଲାଗି ଥିବା ମାଟିକୁ ଚନ୍ଦନ ସିନ୍ଦୁର ସହ ଗୋଳାଇ ଘରର ଯାବତୀୟ ପ୍ରକାର ଆସବାବ ପତ୍ରରେ ପୂଜା ପାଠ ସହ ଟିକା ଦିଆଯାଏ । ଘରର ଦ୍ୱାରବନ୍ଧ, ଧାନ ଚମାର, ଧାନ ମରେଇ, ଧାନ ପୁଡା, ସିନ୍ଦୁକ, ଆଲମାରୀ, ଲଙ୍ଗଳ ଯୁଆଳି, ବଳଦଗାଡି, କୁଲା, ପାଛିଆ, ଠେକା, ପାଇ ପଇଲା ଇତ୍ୟାଦି ଚାଷ ସମ୍ବନ୍ଧୀୟ ଯାବତୀୟ ଉପକରଣମାନଙ୍କରେ ସେ ଟିକା ଝଲସି ଉଠେ । ଏପରି କି ବାଡି ବଗିଚାମାନଙ୍କରେ ମଧ୍ୟ ସେହି ପବିତ୍ର ମାଟିକୁ ନେଇ ବିଞ୍ଚି ଦିଆଯାଏ । ଆମ ସମାଜରେ ଯେପରି କୌଣସି ମୃତ ବ୍ୟକ୍ତିଙ୍କର ଭସ୍ମାବଶେଷକୁ ଆଣି ନଦ ନଦୀ ସମୁଦ୍ର ପରି ପବିତ୍ର ଜଳାଶୟଗୁଡ଼ିକରେ

ତିଳ ତର୍ପଣ ସହ ଅର୍ପଣ କରିବାର ବିଧିବିଧାନମାନ ରହିଅଛି ତଥା ଅନେକ ସମୟରେ ମହାପୁରୁଷମାନଙ୍କର ଭସ୍ମାବଶେଷକୁ ଯେପରି ବିଲ ବନ ଗିରି ପ୍ରାନ୍ତରରେ ବିଞ୍ଚି ଦେବାର ମଧ୍ୟ ଦେଖାଯାଏ, ଏହା ତାହାରି ଅନୁରୂପ ଏକ ପରଂପରା କହିଲେ ଅତ୍ୟୁକ୍ତି ହେବ ନାହିଁ । ଏହିଠାରେ ହିଁ ଗୋଟିଏ ମହାନ୍ ଜୀବନର ମାନବୀୟ ଲୀଳାର ଶେଷ ଯବନିକା ପାତ ହୁଏ । ଧାନ ଲକ୍ଷ୍ମୀଙ୍କର ଜୀବନ ଲୀଳାର ମଧ୍ୟ ଏହାହିଁ ହେଉଛି ଶେଷ ପରିଣତି । କାରଣ ମକର ଠାରୁ ସେ ପୁଣି ନୂତନ ବର୍ଷ ପାଇଁ ନବକଳେବର ଧାରଣ କରି ଯିବେ ।

ଏହିପରି ଭାବରେ ପର୍ଯ୍ୟାଲୋଚନା କଲେ ଜଣାଯାଏ ଧାନ ଯେ କେବଳ ଗୋଟିଏ ଗୁରୁତ୍ୱପୂର୍ଣ୍ଣ ଖାଦ୍ୟ ଶସ୍ୟ ଭାବରେ ଗଣ୍ୟହୁଏ ତାହାନୁହେଁ; ଧାନ ସହିତ ଓଡ଼ିଶାର ଜନ ଜୀବନର ଏକ ନିଗୁଢ ସଂପର୍କ ବିଦ୍ୟମାନ–ଏ ସଂପର୍କ ଅତି ଘନିଷ୍ଠ ରକ୍ତ ମାଂସର ସଂପର୍କ, ଅତି ଆପଣାର ମାଆ ଓ ସନ୍ତାନର ସଂପର୍କ । ○○○

ଓଡ଼ିଆ ବିଭାଗ, କରଞ୍ଜିଆ ମହାବିଦ୍ୟାଳୟ,
କରଞ୍ଜିଆ, ମୟୂରଭଞ୍ଜ ।

## ଇଡ୍‌କଲ୍ ସହାୟତାରେ ପ୍ରତିଷ୍ଠିତ ୩ଟି ପ୍ରକଳ୍ପରୁ ଗତ ଆର୍ଥିକ ବର୍ଷରେ ଉତ୍ପାଦନ ଆରମ୍ଭ

ଶିଳ୍ପ ଉନ୍ନୟନ କର୍ପୋରେସନ (ଇଡ୍‌କଲ) ରାଜ୍ୟରେ ଶିଳ୍ପ ପ୍ରତିଷ୍ଠା କରିବା କ୍ଷେତ୍ରରେ ଗୁରୁତ୍ୱପୂର୍ଣ୍ଣ ଭୂମିକା ଗ୍ରହଣ କରିଅଛନ୍ତି । ଏହି ସଂସ୍ଥା ପକ୍ଷରୁ ସିମେଣ୍ଟ, ଫେରୋକ୍ରୋମ, ପିଗ୍ ଆଇରନ୍ ଏମ୍. ଏସ୍. ରାଉଣ୍ଡସ, କଣ୍ଡେକ୍ଟରସ୍ ଏବଂ ଟ୍ରାନ୍ସମିସନ୍ ଲାଇନ୍ ଟାୱାର ପ୍ରଭୃତି ଉତ୍ପାଦନ କରାଯାଉଛି । ୧୯୮୨-୮୩ ଆର୍ଥିକ ବର୍ଷରେ ଆଉ ତିନୋଟି ଗୁରୁତ୍ୱପୂର୍ଣ୍ଣ ପ୍ରକଳ୍ପରୁ ଉତ୍ପାଦନ ଆରମ୍ଭ ହୋଇପାରିଛି । ଏହି ପ୍ରକଳ୍ପଗୁଡ଼ିକ ମଧ୍ୟରେ ହୀରାକୁଦ ପ୍ରପର୍ଜିମିଲ୍, ବଡ଼ବିଲ୍ ସନ୍ ପାଇପ୍ ପ୍ଲାଣ୍ଟ ଏବଂ ତାଳଚେରର ଓରିକେମ୍ ଅନ୍ତର୍ଭୁକ୍ତ । ଏହି ପ୍ରକଳ୍ପଗୁଡ଼ିକ ପ୍ରତିଷ୍ଠା କରିବା ପାଇଁ ୧୧ କୋଟି ୩୦ ଲକ୍ଷ ଟଂକା ବିନିଯୋଗ କରାଯାଇଛି ଏବଂ ଏଥିରେ ୧,୦୨୯ ଜଣ ବ୍ୟକ୍ତିଙ୍କ ପାଇଁ ନିଯୁକ୍ତି ସୁବିଧା ସୃଷ୍ଟି କରାଯାଇ ପାରିଛି ।

ହୀରାକୁଦ ପ୍ରପର୍ଜିମିଲ୍ ପାଇଁ ୧ କୋଟି ୩୨ ଲକ୍ଷ ଟଙ୍କା ବିନିଯୋଗ କରାଯାଉଛି । ଏଥିରୁ ବାର୍ଷିକ ୬ ହଜାର ମେଟ୍ରିକ୍ ଟନ୍ ଆଲୁମିନିୟମ୍ ଦ୍ରବ୍ୟ ଉତ୍ପାଦିତ ହୋଇପାରିବ ଏବଂ ଏଥିରେ ୬୬ ଜଣ ବ୍ୟକ୍ତିଂକ ପାଇଁ ନିଯୁକ୍ତି ସୁବିଧା ମିଳିପାରିବ ।

ବଡ଼ବିଲ୍ ସନ୍ ପାଇପ୍ ପ୍ଲାଣ୍ଟ ପ୍ରତିଷ୍ଠା ପାଇଁ ୫ କୋଟି ୨୩ ଲକ୍ଷ ଟଂକା ବିନିଯୋଗ କରାଯାଇଛି । ଏଥିରୁ ବର୍ଷକୁ ୩,୬୦୦ ମେଟ୍ରିକ୍ ଟନ୍, ଜି. ଆଇ. ସନ୍ ପାଇପ୍ ଏବଂ ଏଥିରେ ୬୩୭ ଜଣ ବ୍ୟକ୍ତିଂକ ପାଇଁ ନିଯୁକ୍ତି ସୁବିଧା ମିଳିପାରିବ ।

ସେହିପରି ତାଳଚେର ଓରିକେମ୍ ପ୍ରକଳ୍ପ ପାଇଁ ୪ କୋଟି ୭୫ ଲକ୍ଷ ଟଂକା ବିନିଯୋଗ କରାଯାଇଛି । ଏଥିରୁ ବାର୍ଷିକ ୩,୩୦୦ ମେଟ୍ରିକ୍ ଟନ୍ ସୋଡ଼ିୟମ୍ ଡାଇକ୍ରୋମେଟ୍ ଏବଂ ୧,୫୨୦ ମେଟ୍ରିକ୍‌ଟନ୍ ସୋଡ଼ିୟମ ସଲ୍‌ଫେଟ୍ ଉତ୍ପାଦିତ ହୋଇପାରିବ । ଏଥିରେ ୩୧୬ଜଣ ବ୍ୟକ୍ତିଂକୁ ନିଯୁକ୍ତି ସୁବିଧା ମିଳିପାରିବ ।

### ଶୋଷଣର ପାଚିଲୁ ଖଟା ଆମ୍ବ ସୁଆଦ

ଅଧିକାଂଶ ଲୋକ ପାଚିଲା ମିଠାଆମ୍ବ ଖାଏ । ହେଲେ ଏ ଶିଳ୍ପ ତାଙ୍କ ନିପଟ ଖଟା ଆମ୍ବର ସୁଆଦ ଭଳି । ଏମିତି ଖଟା ଆମ୍ବର ସୁଆଦରେ ଆଉଟି ପାଉଟି ହୋଇ ଶିହୁଣିଯାଏ ଦେଖିଲେ ମୁହଁ ଜଳିଥିବା ଘାଟପଡ଼ାର ରସୀଆ ଦୀପ୍ ଓ ଲାଞ୍ଜିଗଡ଼ର ଝୁଙ୍ଗୁଟା ମାଝୀ, ଦିଜଣ ଗୋଟି ଶ୍ରମିକଙ୍କୁ ଭେଟିଥିବେଳେ ତାଙ୍କ ଭାଷାରେ ଯେଉଁ ପଦକ ଶୁଣିଥିଲେ ତାର ଭାବ ହେଉଛି, "ମହାପ୍ରଭୁ... .. ସାହୁକାର ସେ, ନଗଦ ଦେବା ଲୋକ । ଗୋଟି ରଖିବା ଲୋକ, ଦେଇ ନ ପାରୁଣୁ ତାର, ଋଣତ ଆମେ ସୁଧ ଗଣିବା ଲୋକ । ଗୋଟି ଖଟିବା ଲୋକ । ଗଉଁଛିଆ ସେ ଯିଏଁ, ଆଉ ଆମେ ଋଣତ ଜାଳେଣୀ କାଠ - ପୁଉ ପୁଉ ପିଢ଼ିଯାଏ" କେବଳ ଏକା ଏକା ଘାଟପଡ଼ା ବା ଲାଞ୍ଜିଗଡ଼ର ରସୀଆ ଦୀପ୍ ଓ ଝୁଙ୍ଗଟା ମାଝୀ ନୁହନ୍ତି, ତାଙ୍କ ଭଳି ଗୋଟି ଓ ବେଠି ଖଟଣୀରେ ଆଉଟି ପାଉଟି ହେଉଥିବା ଏଭଳି ଗୋଟି ଶ୍ରମିକ ଭାରତର ଅନ୍ୟାନ୍ୟ କେତେକ ରାଜ୍ୟରେ ଏବଂ ପୃଥିବୀର କେତେକ ଦେଶରେ ବେଶି ଆଉ ମା ଅମଳରୁ ଥିଲେ ଓ ଏବେବି ଭିନ୍ନ ରୂପରେ

କେବଳ ଅର୍ଥନୈତିକ କାରଣ ନୁହେଁ; ସାମାଜିକ, ସାଂସ୍କୃତିକ ଏ ଭଳିକି ବ୍ୟବହାରିକ ତଥା ପାରସ୍ପାରିକ ଜାଲିଆତି ଆଦି କାରଣ ଏ ଭଳି ହୀନ ପ୍ରଥା ପାଇଁ ମୁଖ୍ୟତଃ ଦାୟୀ । ନିଅଣ୍ଟିଆ ପରିସ୍ଥିତିରେ ଆମ

ରାଜ୍ୟର ଆଦିବାସୀ ଓ ତଫସିଲଭୁକ୍ତ ଜାତିର ଗରିବ ପାଇଟିଆଳ ଭାଇମାନେ ଗାଁ ଆଖପାଖ ସାହୁକାର, ଶୁଣ୍ଡି, କୁମୁଟି ଗଉଁଛିଆ ଆଉ ମହାଜନମାନଙ୍କ ଦ୍ୱାରସ୍ଥ ହୁଅନ୍ତି । କିଛି ଅର୍ଥ ଋଣ ପାଇଁ ଯେଣୁ ଆତୁରେ ନିୟମନାସ୍ତି , ଭଲ ଭେଲ ବିଚାରିବାକୁ ଫୁରା ନ ଥାଏ ସେମାନଙ୍କର, ଯେହେତୁ ସାହୁକାର ପାଖରେ ଋଣତର ଆଣ୍ଡ ନ ଥାଏ, ଓ ନ ଥାଏ ବାବୁଡ଼ିର ଥଣ୍ଡ । 'ଦେଲି ଏକ ନେଲୁ ଏକ ଦେବୁ ଏକା ହିସାବ କଷିଲେ ବି ସାହୁକାର ଋଣ ବଢ଼େଇ ଦିଏ । କେଉଁଠି ଲିଖିତ ଓ ମୌଖିକ କରାଇବା ଚୁକ୍ତିରେ । ଖାଲି ଋଣ ବା ସୁଧ କଡ଼ା ଗଣ୍ଡା ଆଦାୟର ଫେର ନୁହେଁ । ସେଥିରେ ଗୋଟେ କେଁ ଥାଏ । ଋଣ ଦାୟରୁ ପୁରା ନ ମୁକୁଳିଲେ ଯାଏ, ଋଣତର ବାହୁ ବନ୍ଧା ଏ ଭଳି କି ଋଣତ ଗୋଟି ଖଟି ଖଟି ହଟିଗଲେ ତା ପିଲା କବିଲା ବି ପଡିଯାଆନ୍ତି ସେହି ବାହୁ ବନ୍ଧାରେ । ଆଉ କେଉଁଠି ମୂଲ ଲାଗି ଋଣ ଶୁଝି ଦେବା, ଘରଡିହ

# ଗୋଟି ଶ୍ରମିକ ଓ ସେମାନଙ୍କ ଥଇଥାନ

ଶ୍ରୀ ଚେଳାମଣି ଲକ୍ଷ୍ମୀକାନ୍ତ

ଗାଁ ଗାଁ ବନ୍ଧି ରହିଛି ମଧ୍ୟ, ଆପଣମାନେ ଜାଣିଥିବେ ଯଜ୍ଞବେଦର ଶହେ ଗଧ ଓ ମେଣ୍ଢାଙ୍କୁ ସଅଁପିବା କଥା ଅଥା ରାଜନ୍ଦର ଯଜମାନଙ୍କୁ ଶହେ କିଣାଗୁଲର ଦକ୍ଷିଣା ଦେବାର ନଜିର । ପଦ୍ମ ପୁରାଣ ଓ ଦେବୀ ଭଗବତ ପଢ଼ିଥିବେ କେହି କେହି । ଅତିଥିଙ୍କ ଗୋଡ଼ ଧୋଇବା ପାଇଁ ଗୃହସ୍ଥ ବଳେ କ୍ରୀତଦାସଙ୍କୁ ଅରପିବା ଏବଂ ଭଗବାନ ଶ୍ରୀକୃଷ୍ଣ ନିଜ ଭଉଣୀ ସୁଭଦ୍ରାର ବାହାଘରରେ ଦାଣ୍ଡି ଯୌତୁକସହ ଶହେ ପୋଇଲି ଖଟିବାକୁ ପଠାଇବା କଥା ବି ଜାଣିଥିବେ । ଗୋଟି ପ୍ରଥାକେଉଁ ଆଦିମ ଯୁଗରୁ କାୟା ବିସ୍ତାର କରି ବସିଛି ଯେମିତି ମୂଳ ନ ଥାଇ ଡାଳ ପାଇ ନ ଥାଏ, ଆଉ ଯେହେତୁ "ଧନ ସଙ୍ଗେ ପ୍ରିୟଜନ ରହିଥାଏ ଧନହୀନ ସିନା ଦାସ । ଧନ ଥିଲେ ଯିଏଁ ହୁଅନ୍ତା ସେ କିଣା ପର ଭବନରେ ଦାସ ।"

### ନିଆଁ ନ ଥାଇ ଧୂଆଁ ନ ଥାଏ

ସନ୍ତତିର ମୂଳ ନ ଥାଇ ଡାଳ ପାଇ ନ ଥାଏ । ସେ ଭଳି କାରଣ ନ ଥାଇ ସାମାଜିକ ହୀନ ପ୍ରଥା ( Social Malady ) ନ ଥାଏ ।

ଚିହ୍ନୁକିଗଛ ଅମଳ ଫସଲ ଆଉ କାହାକୁ ବିକିବା ବନ୍ଧା ଦେବା ମଧ୍ୟ ଜାଇଲି । କାହା କପାଳରେ ଓଳି ୧, ଦିଓଳି ଅଜଡିଆ କିଛି ଖାଇବାକୁ ମିଳେ, କାହା ଭାଗ୍ୟକୁ ମାସିକିଆ କିଛି ଧାନ, ମାଣ୍ଡିଆ ଓ ବାଜରା ମିଳେ । ସର୍ବନିମ୍ନ ମଜୁରୀ - ଆକାଶ କଇଁଆ ଚିଲିକା ମାଛ । ପାଟିଖୋଲିଲେ ବେତ ଉପରେ କୋରଡ଼ା ମାଡ଼ । କେବେ ନୀଚ ଜାତିଙ୍କ ଉଦ୍ଭାଟିଆଙ୍କ ହାତରେ ପାଣ୍ଡେଇ ମାଡର ଚହ୍ଲାଭ । ଜ୍ଞାତି ହ - କିଛି ଋଣ ନେ - ଫଳରେ ଋଣତ ଆକଣ୍ଠ ହୋଇ କଅଣ କରନ୍ତା ଆଉ । ଖଟେ ପୁଣି ସେଇ ଗୋଡି, ତା ଗୋଟି ଖଟଣୀର ପାହେନି ରାତି କାହାର ପୁଷମାସ ଆଉ କାହାର ସର୍ବନାଶ ।

### ଯାହା କାହାଣୀ ନୁହେଁ ସତ୍ୟ

ଆମ ସମ୍ବିଧାନର ୨୩ ଧାରାର ବାରଣ ଓ ସୁରକ୍ଷା କବଚ ସତ୍ତ୍ୱେ ଆଜିଯାଏ ବିଭିନ୍ନ ରୂପରେ ଏ ଭଳି ହୀନ ପ୍ରଥାର ଚଳଣୀ ଯେ ଭଳି ଜାତିମୂର୍ତ୍ତି ଜ୍ୟୋତି ଜାରୀ ସମସ୍ୟା ( Disgraceful ) ନଜିର । ସେ ଭଳି ନିନ୍ଦନୀୟ ଆମ ଦେଶର ଅନ୍ୟାନ୍ୟ ରାଜ୍ୟରେ ଗୋଟି ବେଠି ଖଟୁଥିବା ଗୋଟି ଶ୍ରମିକଙ୍କ ଭିତରେ, ଓଡିଶାର ଦୁଇନିୟୁତ ପାଖଲକ୍ଷ ଗୋଟି ଶ୍ରମିକଙ୍କ

ଆଦିବାସୀ ଅଧ୍ୟୁଷିତ କୋରାପୁଟ, ଫୁଲବାଣୀ, କେନ୍ଦୁଝର, ମୟୂରଭଞ୍ଜ, ଗଞ୍ଜାମର ମାଳ ଅଞ୍ଚଳ ସମେତ ଉପକୂଳବର୍ତ୍ତୀ କଟକ ଓ ପୁରୀ ଜିଲ୍ଲାରେ ଏ ଭଳି ଗୋତି ଶ୍ରମିକଙ୍କର ସଂଖ୍ୟା ପାଖାପାଖି ତିନିଲକ୍ଷ ପଚିଶ ହଜାର ବା ସେହିପରି ହେବ ବୋଲି ଗାନ୍ଧୀ ଶାନ୍ତି ସ୍ମାରକୀ ଏବଂ ଜାତୀୟ ଶ୍ରମ ପ୍ରତିଷ୍ଠାନ ପକ୍ଷରୁ ମିଳିତ ଭାବେ କରାଯାଇଥିବା ଏକ ପ୍ରାରମ୍ଭିକ ଅଟକଳରୁ ସୂଚୀତ । ଏହା ଆପଣମାନେ ଜାଣି ଓ ଶୁଣି ଖୁସି ହେବେ ଯେ, ୧୯୮୦ ଯାଏ ୬୦୦ ଜଣ ଗୋତି ଶ୍ରମିକଙ୍କୁ ଆମ ରାଜ୍ୟରେ ଉଦ୍ଧାର କରାଯାଇଥିବା ସ୍ଥଳେ, ୧୯୮୧ ଏବଂ ୧୯୮୨ ମସିହାରେ ଗାଏ ମୋଟ ଏକଲକ୍ଷ ବାଇଶି ହଜାର ଚଉଷଠି ଜଣ ଚୁକ୍ତିବଦ୍ଧ ଗୋତି ଶ୍ରମିକଙ୍କୁ ଚିହ୍ନଟ, ଉଦ୍ଧାର ଓ ଥଇଥାନ କରି ମୁଖ୍ୟମନ୍ତ୍ରୀ ଶ୍ରୀ ଜାନକୀ ବଲ୍ଲଭ ପଟ୍ଟନାୟକଙ୍କ ପ୍ରଗତିଶୀଳ ନେତୃତ୍ୱରେ ୧୯୮୨ର ସଂଶୋଧିତ ବିଂଶସୂତ୍ରୀ କାର୍ଯ୍ୟକ୍ରମର ସଫଳ ରୂପାୟନ ପରିପ୍ରେକ୍ଷୀରେ ସର୍ବ ଭାରତୀୟ ସ୍ତରରେ ପ୍ରଥମ କରି ଏଥିପାଇଁ ପ୍ରଥମ ସ୍ଥାନ ଅଧିକାର କରି ଅଗ୍ରଣୀ ହେବାର ଗୌରବ ଅର୍ଜନ କରିଅଛି । ଅବଶିଷ୍ଟ ଚୁକ୍ତିବଦ୍ଧ ଗୋତି ଶ୍ରମିକଙ୍କ ମୁକ୍ତି ଏବଂ ଥଇଥାନର ନୈତିକ ଗୁରୁବୋଝକୁ ଉତାରିବାର ଅନୁରୂପ ଗୁରୁ ଦାୟିତ୍ୱ ଆମ ସମସ୍ତଙ୍କର ମଧ୍ୟ ।

## ଢିଲି ବଳଦିଏ ଢିଲିକି, ନଈ ବଳଦିଏ ନଈକି ।

ଏଠାରେ ଭୁଲିଯିବା ଅନୁଚିତ ଯେ ଗୋତି ଶ୍ରମିକଙ୍କୁ ମୁକୁଳେଇବା ଓ ସେମାନଙ୍କୁ ଥଇଥାନ କରିବା ଏକା ଚଷା ନୁହେଁ ବସ ଭଳି ଆଲୁଅ ଓ ପବନ ଆଉ ପାଣି ନ ପାଇ କୂଅରେ ଦରମରା ହୋଇ ଅନ୍ଧାରରେ ଅଣନିଶ୍ୱାସୀ ହେଉଥିବା ଗଛ ଗଛଟିକୁ ବାହାରକୁ କେବଳ ନେଇ ଆଣିବାରେ ସବୁ ସରି ଯାଏନି । ଅବଧି ନ ମୁକୁଳି ଗୋତି ଖଟଣୀର ହରଡ଼ ଘଣାରେ ପେଶି ହେଉଥିବା ଚୁକ୍ତିବଦ୍ଧ ଶ୍ରମିକଙ୍କର ଚିହ୍ନଟ ଏବଂ ଥଇଥାନ କାର୍ଯ୍ୟ ଏକ ବ୍ୟୟ ସାପେକ୍ଷ ଏବଂ ଜଟିଳ ସମସ୍ୟା । ଏଥିପାଇଁ ପର୍ଯ୍ୟାପ୍ତ କେନ୍ଦ୍ରୀୟ ଆର୍ଥିକ ସହାୟତା ଯେଉଁଳି ଦରକାର, ଅଗ୍ରାଧିକାର ଭିତ୍ତିକ ପ୍ରଶାସନିକ ତତ୍ପରତା ସେ ଭଳି ଜରୁରୀ । ଚୁକ୍ତିବଦ୍ଧ ଶ୍ରମ ପ୍ରଥା ଉଚ୍ଛେଦ ଆଇନ୍ ୧୯୭୬ର ୧୩, ୧୪, ଓ ୧୫ ଧାରାର ବ୍ୟବସ୍ଥାନୁଯାୟୀ ଜାଗୁଆଳ ସମୀତା ବା ( Vigilance Committee )ର ଆଶୁ ରଚନା ଏବଂ ସକ୍ରିୟ ପ୍ରକାର୍ଯ୍ୟ (Funclianing)ର ଆବଶ୍ୟକତା ଏବଂ ଗୁରୁତ୍ୱ ଏଡ଼ିବାର ନୁହେଁ । ସେହିଭଳି ଲୋକହିତକାରୀ ଏବଂ ସ୍ୱେଚ୍ଛାସେବୀ ସଂସ୍ଥାମାନଙ୍କୁ ଗୋତି ଶ୍ରମିକଙ୍କ ଚିହ୍ନଟ, ଉଦ୍ଧାର ଓ ଥଇଥାନ କାମରେ ସମ୍ପୃକ୍ତ କରାଇବା ଆବଶ୍ୟକ । ଏ ଦିଗରେ ଆରୋପିତ ଏକାନ୍ତ ଗୁରୁତ୍ୱ ବାସ୍ତବରେ ତାତ୍ପର୍ଯ୍ୟ ପୂର୍ଣ୍ଣ କେନ୍ଦ୍ରୀୟ (meangful) ।

## ବଗର ଅଣ୍ଟା ବଢ଼ିଲେ ମୀନର ବିପତ୍ତି

ସାମାଜିକ ନ୍ୟାୟ ସମତା ଓ ମାନବୋଚିତ ଗରିମା ବା (Human Dignity) ଦୃଷ୍ଟିରୁ ଏ ଭଳି ହୀନ ପ୍ରଥାର ଉଚ୍ଛେଦ ବାଟରେ ଚିପ ଚାଲୁ କଥା ଭାବିଲାବେଳେ, ଏଠି ବିଶ୍ୱରିବାର କଥା ଯେ ଓଡ଼ିଶା କର ଭାର ନିୟନ୍ତ୍ରଣ ଆଇନ୍ ୧୯୪୮ ପ୍ରଚଳନ ସତ୍ତ୍ୱେ ପଙ୍କ ପୋଖରୀ କୂଳରେ ମଣିଷଖିଆ ଦାଗ ବିଗୁଡ଼ି ନ ଥିଲାବାଲା ବାଟୋଇକୁ ସୁନା କଙ୍କଣର ଲୋଭରେ ଡାକିବା ରୋକିଲାନି । ଋଣଦାତାମାନଙ୍କର ଅଜ୍ଞତା ଓ ସାମାଜିକ ନାପସନ୍ଦ ଆଦି ବହୁ କାରଣ ଏଥିପାଇଁ ଦାୟୀ। ପଛକଥା ହଣ୍ଡାଳି ଲାଭ ନ ଥାଏ । ଏହି ପ୍ରସଙ୍ଗରେ ଏଣୁ ୧୯୭୬ ଫେବୃୟାରୀ ୨ ତାରିଖରୁ ପ୍ରଣିତ ଓ ବଳବତ୍ତର ଥିବା ଚୁକ୍ତିବଦ୍ଧ ଶ୍ରମିକ ପ୍ରଥା ଉଚ୍ଛେଦ ଆଇନ ସମ୍ପର୍କରେ କିଛି କହୁଛି । ଏହି ଆଇନର ୪ ଧାରା ଅନୁଯାୟୀ ଗୋତି ଓ ବେଠି ଖଟାଇବା ନିଷେଧ । ୫ ଧାରା ବଳରେ ଏଥିପାଇଁ ମହାଜନଙ୍କର ଲିଖିତ ବା ମୌଖିକ ରାଜିନାମା ଅକାମୀ ବିବେଚିତ ହେବ ଓ ୬ ଏବଂ ୭ ଧାରାର ବ୍ୟବସ୍ଥା ବଳରେ ସମ୍ପୃକ୍ତ ଗୋତି ଶ୍ରମିକ ଋଣ ପରିଶୋଧ ଦାୟରୁ ଛାଏଁ ନିଷ୍କୃତି ପ୍ରାପ୍ତ ହେବେ । ୮ ଓ ୯ ଧାରାର କଟକଣା ଅନୁଯାୟୀ ମହାଜନ ସମ୍ପୃକ୍ତ ଗୋତି ଶ୍ରମିକଙ୍କୁ ଭିଟାମାଟିରୁ ଉଚ୍ଛେଦ କରି ପାରିବେ ନାହିଁ କିମ୍ବା କେଉଁ ବାଟରେ ଦେୟ ଋଣ ବା ସୁଧ ବାବଦରେ କିଛି ଅସୁଲ ମଧ୍ୟ କରି ପାରିବେ ନାହିଁ । ଗୋତି ଖଟାଇବା କିମ୍ବା ସେଥିପାଇଁ ଯାଚିତ ଅଯାଚିତ ଋଣ ଦେବା ନତୁବା ସିଧା କିମ୍ବା ବଙ୍କା ବାଟରେ ମିଛ ତରିକା (False lure) ବଳରେ ଗୋତି ଖଟାଇବାର ଭିତିରି ମତଲବ ନେଇ ଏହି ଆଇନତଃ କୌଣସି ବ୍ୟବସ୍ଥାର ଉଲଂଘନ ବା ଖିଲାପ କରନ୍ତି ତେବେ ସେଥିପାଇଁ, ୧୬, ୧୭, ଓ ୧୮ ଧାରାର ବ୍ୟବସ୍ଥାନୁଯାୟୀ ସେ ତିନିବର୍ଷ ଜେଲ ଖଟିବେ ଓ ୨ ହଜାର ଟଙ୍କା ଜୋରିମାନା ଦେବେ। ସ୍ୱତନ୍ତ୍ର କେନ୍ଦ୍ରୀୟ ଆଇନର ଏହି ସବୁ ସୁରକ୍ଷା କବଚ ସମ୍ପର୍କରେ ଶୁଣିଲାପରେ ଗୋତି ଓ ବେଠି ଖଟଣୀରୁ ଏ ଯାଏଁ ନ ମୁକୁଳିଥିବା ଶ୍ରମିକ ଭାଇମାନେ ଭୁଲିଯିବା ଅନୁଚିତ ଯେ, ମୁହଁ ଆଉ ଆଖି ନ ଖୋଲିଲେ ଦୁଃଖ ଯାଏ ନି । ଯେମିତି ଧାଡିଯାହେ ସକାଳ ହୁଏ, ସୂର୍ଯ୍ୟ ଉଏଁ, ସମସ୍ତେ ଦେଖନ୍ତି ହେଲେ ଦେଖି ପାରେ ନି ଅନ୍ଧାର ଖାତରେ ମୁହଁ ଗୁଞ୍ଜି ଆଖି ବୁଜି ଗହମ ନିଦରେ ଶୋଇଥିବା ଭାଲୁଟି ।

## ଇଚ୍ଛାଥିଲେ ଉପାୟ ଅଛି

ସବୁ ସମସ୍ୟାର କିଛି ନା କିଛି କାରଣ ଥାଏ ଓ ଥାଏ ସେଥିପାଇଁ ନିରାକରଣର ସଫଳ ତରିକା ଯେ ଭଳି ଗୋତି ପ୍ରଥା ଉଚ୍ଛେଦ ପାଇଁ ଚିହ୍ନଟ, ଉଦ୍ଧାର ଏବଂ ଥଇଥାନର ନିରୂପିତ ସେଇ ତିନିଧାକିଆ ଗିରି । ଏଠାରେ ଭୁଲିଯିବା ଅନୁଚିତ ହେବ ସାମ୍ବିଧାନିକ ସ୍ୱାଧୀକାରରୁ ବଞ୍ଚିତ ହୋଇ ଗୋତି ଓ ବେଠି ଖଟି ଖଟି ନିର୍ଯ୍ୟାତିତ ସେଇ ସବୁ ଶ୍ରମିକ ଭାଇମାନେ କେବଳ ପାଇଟିଆଳ ମଣିଷ ନୁହନ୍ତି, ଆମ ଭଳି ଜଣେ ଜଣେ ନାଗରିକ ମଧ୍ୟ । ଆମ ସମାଜର ଅବିଚ୍ଛେଦ୍ୟ ଅଙ୍ଗ । ଆମ ଭଳି ଶିକୁଳୀରୁ ମୁକୁଳି ଭଲରେ ରହିବାର ସ୍ୱଭାବ ସୁଲଭ ଆଶା ଆଉ ଅଭିଳାଷ ମଧ୍ୟ ସେମାନଙ୍କର ଭଣା ଅଧିକେ ରହିଛି ।

ଗୀତାରେ ଭଗବାନ ଶ୍ରୀକୃଷ୍ଣ କହିଛନ୍ତି, "ଅବ୍ୟକ୍ତାଦୀନି ଭୂତାନି ବ୍ୟକ୍ତ ମଧ୍ୟାନି ଭାରତ" ଏହା ଅନ୍ୟାନ୍ୟ ପ୍ରସଙ୍ଗରେ କୁହାଯାଇଥିଲେ ବି, ମାନବର ଦେହ ପଞ୍ଚଭୂତରେ ଗଠିତ ଏ କଥା ଏ ଶ୍ଳୋକରେ ସ୍ପଷ୍ଟ ସୂଚିତ ହୋଇଛି । ଏଇ ପଞ୍ଚଭୂତ ହେଉଛି କ୍ଷିତି, ଆପ୍, ତେଜ, ମରୁତ ଓ ବ୍ୟୋମ । ଆପ୍ ଅର୍ଥାତ ଜଳ ନ ଥିଲେ ଶରୀର ସୃଷ୍ଟି ହୋଇ ପାରି ନ ଥାନ୍ତା । ତେଣୁ ଶରୀର ଧାରଣ ପାଇଁ ଜଳ ଏକାନ୍ତ ପ୍ରୟୋଜନ ।

ଆଦିମ କାଳରୁ ମଣିଷ ଜଳର ଉତ୍ସ ନିକଟରେ ବସତି ସ୍ଥାପନ କରି ଆସିଛି । କ୍ରମେ ଯେତେବେଳେ ଜନସଂଖ୍ୟା ବୃଦ୍ଧି ହେଲା ଏବଂ କୌଣସି ନିର୍ଦ୍ଦିଷ୍ଟ ଜଳ ଉତ୍ସ ନିକଟରେ ରହିବା ସମ୍ଭବ ହେଲା ନାହିଁ ସେତେବେଳେ ଜଳର ସନ୍ଧାନରେ ଅନ୍ୟ ସ୍ଥାନକୁ ଘୁଞ୍ଚିଯିବାକୁ ବାଧ୍ୟ ହେଲା । ସେଥିପାଇଁ ଅତି ପୁରାତନ କାଳରେ ମାନବ ସଭ୍ୟତା ନଦୀ ତୀରମାନଙ୍କରେ ଗଢି ଉଠିଥିଲା ।

କିନ୍ତୁ ସମୟ ଆସିଲା ଯେତେବେଳେ ଲୋକସଂଖ୍ୟା ଅଧିକ ହେଲା ଏବଂ ମଣିଷ ବାଧ୍ୟ ହୋଇ ନଦୀତଟ ଛାଡି ଅନ୍ୟ ସ୍ଥାନମାନଙ୍କରେ ବସତି ସ୍ଥାପନ କରିବାକୁ ବାଧ୍ୟ ହେଲା । ଏବେ ଏଇ ମଣିଷ ପର୍ବତ ଶିଖରରେ ଘଞ୍ଚ ବନାନୀ ମଧ୍ୟରେ ଏମିତି କି ମରୁଭୂମିରେ ପୁଷ୍କରିଣୀ ନଦୀ ହ୍ରଦ ପ୍ରଭୃତି ଜଳାଧାରଠାରୁ ତିରିଶ କିଲୋମିଟର ଦୂରରେ ବାସ କରି ପାରୁଛି ଏବଂ ଜଳର ଚାହିଦା ପୂରଣ କରିବା ପାଇଁ ଦୂରରେ ଥିବା ନଦୀ ନାଳ ବା ଅନ୍ୟ କୌଣସି ଜଳାଧାର ତଥା ଭୂ-ଗର୍ଭରୁ ଜଳ ସଂଗ୍ରହ କରି ନିଜ ବ୍ୟବହାରରେ ନିୟୋଜିତ କରି ପାରୁଛି ।

ସ୍ନାନ ଶୌଚ ପ୍ରଭୃତି ନିତ୍ୟ ନୈମିତ୍ତିକ କାର୍ଯ୍ୟ ପାଇଁ ଜଳର ଆବଶ୍ୟକତା ଅବଶ୍ୟ ରହିଛି କିନ୍ତୁ ଜଳକୁ ପାନୀୟ ଭାବରେ ବ୍ୟବହାର କରିବାର ଆବଶ୍ୟକତା ଅପରିହାର୍ଯ୍ୟ । ସେଥିପାଇଁ ପ୍ରତି ସଭ୍ୟ ଦେଶରେ ଜନସାଧାରଣଙ୍କୁ ପାନୀୟ ଜଳ ଯୋଗାଣ ରାଷ୍ଟ୍ରର ଏକ ଗୁରୁ ଦାୟିତ୍ୱ ।

ପୂର୍ବେ ସହରାଞ୍ଚଳରେ ପାନୀୟଜଳ ଯୋଗାଣ ସ୍ୱାୟତ୍ତ ସଂସ୍ଥା ବା ସରକାରଙ୍କର ଦାୟିତ୍ୱ ରୂପେ ଗ୍ରହଣ କରା ଯାଉଥିଲା । ପଲ୍ଲୀ ଅଞ୍ଚଳରେ ଜଳ ଯୋଗାଣ ବ୍ୟବସ୍ଥାକୁ ଅଧିବାସୀମାନଙ୍କ ଉପରେ ଛାଡ଼ି ଦିଆଯାଉଥିଲା ମାତ୍ର କ୍ରମେ ଏ କାର୍ଯ୍ୟର ଗୁରୁତ୍ୱ ଉପଲବ୍ଧି କରି ସରକାର ଗ୍ରାମାଞ୍ଚଳରେ ପାନୀୟ ଜଳ ଯୋଗାଣ ବ୍ୟବସ୍ଥାକୁ ଅଗ୍ରାଧିକାର ଦେଲେ ।

ଅଧୁନା ଆମ ଦେଶରେ ଯେଉଁ ବିକାଶର ସ୍ରୋତ ପ୍ରବାହିତ ହୋଇଛି ସେଥିରେ ସହରାଞ୍ଚଳକୁ ପାନୀୟ ଜଳ ଯୋଗାଇ ଦେବା ସଙ୍ଗେ ସଙ୍ଗେ ଜଳ କ୍ଲିଷ୍ଟ ଗ୍ରାମଗୁଡିକରେ ପାନୀୟ ଜଳ ବ୍ୟବସ୍ଥାକୁ ଏକ ଗୁରୁ ଦାୟିତ୍ୱ ରୂପେ ଗ୍ରହଣ କରା ଯାଉଛି !

ନୂତନ ବିଂଶସୂତ୍ରୀ କାର୍ଯ୍ୟକ୍ରମ ଦେଶରେ ପ୍ରଗତି ଓ ବିକାଶର ଦ୍ୱାର ଉନ୍ମୋଚନ କରିଛି, ଜଳକ୍ଲିଷ୍ଟ ଗ୍ରାମଗୁଡିକୁ ପାନୀୟ ଜଳ ଯୋଗାଣ ଏଇ ବିଂଶସୂତ୍ରୀ କାର୍ଯ୍ୟକ୍ରମ ଅନ୍ତର୍ଭୁକ୍ତ । ଆମ ରାଜ୍ୟ ଓଡିଶା ପାନୀୟ ଜଳ ଯୋଗାଣ କ୍ଷେତ୍ରରେ ବେଶ୍ ଅଗ୍ରଗତି କରିଛି, ବିଶେଷତଃ ଷଷ୍ଠ ଯୋଜନା କାଳରେ ସହରାଞ୍ଚଳ ତଥା ଗ୍ରାମାଞ୍ଚଳରେ ପାନୀୟ ଜଳ ଯୋଗାଣରେ ଯଥେଷ୍ଟ ଉନ୍ନତି ହୋଇଛି ।

# ଓଡ଼ିଶାରେ ପାନୀୟ ଜଳ ଯୋଗାଣ

ଶ୍ରୀ ବଳରାମ ରାଉତ

## ସହରାଞ୍ଚଳରେ ପାନୀୟ ଜଳ ଯୋଗାଣ

ଆମ ରାଜ୍ୟରେ ୨୭ଟି ମ୍ୟୁନିସିପାଲିଟି ଏବଂ ୬୯ଟି ବିଜ୍ଞାପିତ ଅଞ୍ଚଳ ପରିଷଦ ଅଛି । ଉକ୍ତ ୯୬ଟି ସ୍ୱାୟତ୍ତ ଶାସନ ସଂସ୍ଥା ମଧ୍ୟରୁ ଏ ପର୍ଯ୍ୟନ୍ତ ୭୪ଟି ସଂସ୍ଥାରେ ପାଇପ୍ ସାହାଯ୍ୟରେ ପାନୀୟ ଜଳ ଯୋଗାଣ ବ୍ୟବସ୍ଥାକୁ ହାତକୁ ନିଆଯାଇଛି । ବାକି ୨୨ଟି ସ୍ୱାୟତ୍ତ ଶାସନ ସଂସ୍ଥାରେ ପାନୀୟ ଜଳ ଯୋଗାଣ ପର୍ଯ୍ୟାୟ କ୍ରମେ କରା ଯିବାକୁ ଯୋଜନା ପ୍ରସ୍ତୁତ ହୋଇଛି । ଏଠାରେସୂଚାଇ ଦିଆ ଯାଇପାରେ ଯେ ସହରାଞ୍ଚଳ ଜଳ ଯୋଗାଣ ପାଇଁ ଯେତେ ଅର୍ଥ ବ୍ୟୟ ହୁଏ ତା'ର ଏକ ତୃତୀୟାଂଶ ସରକାର ମ୍ୟୁନିସିପାଲିଟି ଏବଂ ସ୍ୱାୟତ୍ତ ଶାସନ ସଂସ୍ଥାମାନଙ୍କୁ ସାହାଯ୍ୟ ଆକାରରେ ଦିଅନ୍ତି ଏବଂ ବଳକା ଦୁଇ ତୃତୀୟାଂଶ ସେମାନେ ନିଜ ଆୟରୁ କିମ୍ବା ଜୀବନବୀମା କର୍ପୋରେସନଠାରୁ ଋଣ ନେଇ ଭରଣା କରନ୍ତି । ଅବଶ୍ୟ ଉକ୍ତ ଋଣ ପାଇଁ ରାଜ୍ୟ ସରକାର ଗ୍ୟାରେଣ୍ଟି ଦିଅନ୍ତି ।

୧୯୭୯-୮୦ ଆର୍ଥିକ ବର୍ଷରେ ବିଗତ ବର୍ଷରୁ ବାକି ଥିବା ଉଣେଇଶଟି ଜଳ ଯୋଗାଣ ବ୍ୟବସ୍ଥା ସହିତ

ଆଉ ଛଅଗୋଟି ନୂତନ ଜଳ ଯୋଗାଣ କାର୍ଯ୍ୟକ୍ରମ ହାତକୁ ନିଆ ଯାଇଥିଲା । ସେଗୁଡ଼ିକ ହେଲା :— (୧) ବ୍ରହ୍ମପୁର ପାନୀୟ ଜଳ ଯୋଗାଣ ଯୋଜନା, (୨) କଟକ ମଧ୍ୟବର୍ତ୍ତୀକାଳୀନ ପାନୀୟ ଜଳ ଯୋଜନା, (୩) କେନ୍ଦୁଝର ଜଳ ଯୋଗାଣ ଯୋଜନା, ଏବଂ (୪) ଜହର ଜଳ ଯୋଗାଣ ଯୋଜନା, ସୁନାବେଡ଼ା । ସମଗ୍ର ୨୩ଟି ଯୋଜନା ଭିତରୁ ୧୯୭୯-୮୦ ଆର୍ଥିକ ବର୍ଷରେ ୪ଟି ଯୋଜନା ସମ୍ପୂର୍ଣ୍ଣ ହୋଇଥିଲା ଏବଂ ୧୯ଟି ଯୋଜନା ଷଷ୍ଠ ପଞ୍ଚବାର୍ଷିକ ଯୋଜନାର ଅନ୍ତର୍ଭୁକ୍ତ କରା ଯାଇଥିଲା । ଏଇ ଆର୍ଥିକ ବର୍ଷରେ ବ୍ରହ୍ମପୁର ଜଏଣ୍ଟ ଜଳ ଯୋଗାଣ ଯୋଜନା ପାଇଁ ୨୧ ଲକ୍ଷ ୧୯ ହଜାର ଟଙ୍କା, କେନ୍ଦୁଝର ଜଳ ଯୋଗାଣ ଯୋଜନା ପାଇଁ ୯ ଲକ୍ଷ ୮୮ ହଜାର ଟଙ୍କା ଏବଂ ଜହର ଜଳ ଯୋଗାଣ ଯୋଜନା, ସୁନାବେଡ଼ା ପାଇଁ ୧୦ ଲକ୍ଷ ଟଙ୍କା ବ୍ୟୟ ବରାଦ ହୋଇଥିଲା । ଏହା ବ୍ୟତୀତ ଇଣ୍ଡିୟାନ୍ ରେଆର ଆର୍ଥ ଲିମିଟେଡ୍‌ଙ୍କଠାରୁ ବ୍ରହ୍ମପୁର ଜଳ ଯୋଗାଣ ଯୋଜନା ପାଇଁ ୯୦ ଲକ୍ଷ ଟଙ୍କା ଋଣ ଆକାରରେ ଅଣା ଯାଇଥିଲା ଏବଂ ସୁନାବେଡ଼ା ଯୋଜନା ପାଇଁ ରାଜ୍ୟ ସରକାରଙ୍କର ଜଳ ସେଚନ ଓ ବିଦ୍ୟୁତ୍ ବିଭାଗ ୪୦ ଲକ୍ଷ ଟଙ୍କାର ବ୍ୟୟ ବରାଦ କରିଥିଲେ ।

୧୯୮୦-୮୧ ଆର୍ଥିକ ବର୍ଷରେ ବିଗତ ବର୍ଷରୁ ଚାଲୁ ରହିଥିବା ୧୯ଟି ଜଳ ଯୋଗାଣ ଯୋଜନା ସହିତ ଦୁଇଟି ନୂଆ ଯୋଜନା କାର୍ଯ୍ୟକାରୀ କରା ଯାଇଥିଲା । ସେ ଦୁଇଟି ହେଉଛି ଦୁର୍ଗାପୁର ଓ ରାଉରକେଲା ବାସନ୍ତି ହାଉସିଂ କଲୋନି ପାଇଁ ଜଳ ଯୋଗାଣ ଏବଂ ଅନ୍ୟଟି ପ୍ରଥମ ପର୍ଯ୍ୟାୟ ମଧ୍ୟବର୍ତ୍ତୀ କାଳୀନ ଜଳ ଯୋଗାଣ ଯୋଜନା, ଫୁଲବାଣୀ । ଏ ଦୁଇଟି ଯୋଜନା ପାଇଁ ଯଥାକ୍ରମେ ୧୨ ଲକ୍ଷ ୭୮ ହଜାର ଏବଂ ୯ ଲକ୍ଷ ୩୪ ହଜାର ବ୍ୟୟ ବରାଦ କରା ଯାଇଥିଲା । ଉକ୍ତ ଆର୍ଥିକ ବର୍ଷରେ ରାଜ୍ୟ ସରକାର ବିଭିନ୍ନ ମ୍ୟୁନିସିପାଲିଟି ଓ ବିଜ୍ଞାପିତ ଅଞ୍ଚଳ ପରିଷଦକୁ ୯ଟି ଜଳ ଯୋଗାଣ ଯୋଜନା ପାଇଁ ୭୦ ଲକ୍ଷ ୨୯ ହଜାର ଟଙ୍କା ସାହାଯ୍ୟ ଆକାରରେ ଦେଇଥିଲେ । ଏତଦ୍‌ବ୍ୟତୀତ ଯାଜପୁର ରୋଡ୍, କେନ୍ଦ୍ରାପଡ଼ା ଓ ନୟାଗଡ଼ ଜଳ ଯୋଗାଣର ଉନ୍ନତି ପାଇଁ ୬ ଲକ୍ଷ ୩୩ ହଜାର ଟଙ୍କା ଦିଆ ଯାଇଥିଲା ।

୧୯୮୧-୮୨ ଆର୍ଥିକ ବର୍ଷରେ ୧୯ଟି ଚାଲୁ ରହିଥିବା ଜଳ ଯୋଗାଣ ଯୋଜନା ସହିତ ଆଉ ଚାରୋଟି ନୂତନ ଯୋଜନା କାର୍ଯ୍ୟକାରୀ ହୋଇଥିଲା । ସେଗୁଡ଼ିକ କଟଣୀ, ଛତ୍ରପୁର, ଯୋଡ଼ା ଏବଂ ବ୍ରଜରାଜ ନଗର ସହରାଞ୍ଚଳରେ ଆରମ୍ଭ କରାଯାଇଥିଲା । ଏହା ବ୍ୟତୀତ ୨୦ଟି ନଳକୂପ ବିଭିନ୍ନ ସହରାଞ୍ଚଳରେ ବସା ଯାଇଥିଲା । ଏହି ଆର୍ଥିକ ବର୍ଷରେ ସର୍ବମୋଟ ୧୭୧ ଲକ୍ଷ ୯୮ ହଜାର ଟଙ୍କା ବ୍ୟୟ କରାଯାଇଥିଲା ।

୧୯୮୨-୮୩ ଆର୍ଥିକ ବର୍ଷରେ ସହରାଞ୍ଚଳ ପାନୀୟ ଜଳ ଯୋଗାଣ ଉପରେ ଅଧିକ ଗୁରୁତ୍ୱ ଦିଆଯାଉଛି । ଏବର୍ଷ ସର୍ବମୋଟ ୨୦୪ ଲକ୍ଷ ୫୫ହଜାର ଟଙ୍କା ବ୍ୟୟ ବରାଦ କରାଯାଇଛି । ନିମ୍ନଲିଖିତ ତିନୋଟି ବଡ ବଡ ପ୍ରକଳ୍ପ ଏ ବର୍ଷ କାର୍ଯ୍ୟକାରୀ ହେଉଛି । ସେଗୁଡ଼ିକର ବ୍ୟୟ ଅଟକଳରୁ ଏ ପ୍ରକଳ୍ପଗୁଡ଼ିକର ଆକାର ଜଣାପଡ଼େ ।

୧—ଜଏଣ୍ଟ ଓ୍ୱାଟର ସପ୍ଲାଇ, ବ୍ରହ୍ମପୁର ୬,୫୪ ଲକ୍ଷ ୯୧ ହଜାର ।

୨—ଭୁବନେଶ୍ୱର ଅଗମେଣ୍ଟେସନ ସ୍କିମ୍ ୨,୨୮ ଲକ୍ଷ ୫୭ ହଜାର ।

୩—ଯୋଡ଼ା ଓ୍ୱାଟର ସପ୍ଲାଇ ସ୍କିମ୍ ୨,୦୮ ଲକ୍ଷ

ଆଗାମୀ ଆର୍ଥିକବର୍ଷ ଅର୍ଥାତ ୧୯୮୩-୮୪ରେ ସହରାଞ୍ଚଳ ପାନୀୟ ଜଳ ଯୋଗାଣ ପାଇଁ ୨୭୦ ଲକ୍ଷ ୫୦ ହଜାର ଟଙ୍କାର ବ୍ୟୟ ବରାଦ କରାଯାଇଛି । ଆସନ୍ତାବର୍ଷ ୮ ଟି ଚାଲୁରହିଥିବା ଯୋଜନା ସହିତ ୪ଟି ନୂତନ ଯୋଜନା କାର୍ଯ୍ୟକାରୀ ହେବ । ଏହାବ୍ୟତୀତ ସହରାଞ୍ଚଳରେ ନଳ-କୂପମାନ ଖନନ କରି ପାନୀୟ ଜଳ ଯୋଗାଇ ଦିଆଯିବ ।

ଉପରୋକ୍ତ ବିବରଣୀରୁ ଜଣାଯାଏ ସହରାଞ୍ଚଳରେ ପାନୀୟ ଜଳ ଯୋଗାଣର ଆବଶ୍ୟକତା ଉପଲବ୍ଧି କରି ରାଜ୍ୟ ସରକାର ପର୍ଯ୍ୟାୟ କ୍ରମେ ପୁରାତନ ପ୍ରକଳ୍ପର ମରାମତି, ବିକାଶ ଓ ସଂପୂର୍ଣ୍ଣ କରିବା ସଙ୍ଗେ ସଙ୍ଗେ ନୂତନ ପ୍ରକଳ୍ପ-ଗୁଡ଼ିକ କାର୍ଯ୍ୟକାରୀ କରୁଛନ୍ତି । ରାଜ୍ୟ ସରକାରଙ୍କର ଗୃହନିର୍ମାଣ ଏବଂ ନଗର ଉନ୍ନୟନ ବିଭାଗର ତତ୍ତ୍ୱାବଧାନରେ ରାଜ୍ୟ ଜଳସେଚନ ଓ ବିଦ୍ୟୁତ୍ ବିଭାଗ, ଶିଳ୍ପ ବିଭାଗ ଭାରତ ସରକାରଙ୍କର ପ୍ରତିରକ୍ଷା ବିଭାଗ ସହାୟତାରେ ଏବଂ ଇଣ୍ଡିଆନ୍ ରେୟାର ଆର୍ଥ ଲିମିଟେଡ୍‌ଙ୍କଠାରୁ ଋଣ ସଂଗ୍ରହ କରି ପାନୀୟ ଜଳ ଯୋଗାଣ ସମସ୍ୟାର ସମାଧାନ ପାଇଁ ରାଜ୍ୟସରକାର ଅହରହ ଉଦ୍ୟମ କରୁଛନ୍ତି । ସ୍ୱାୟତ୍ତଶାସନ ସଂସ୍ଥାଗୁଡ଼ିକ ନିଜ ପାଣ୍ଠିରୁ ତଥା ଜୀବନବୀମା କର୍ପୋରେସନରୁ ଋଣ ସଂଗ୍ରହ କରି ସହରାଞ୍ଚଳ ଜଳ ଯୋଗାଣ ବ୍ୟବସ୍ଥାକୁ ତ୍ୱରାନ୍ୱିତ କରୁଛନ୍ତି । ଆଶା କେତେବର୍ଷ ଏ ଉଦ୍ୟମ ଅବ୍ୟାହତ ରହିଲେ ସହରାଞ୍ଚଳରେ ପାନୀୟ ଜଳ ଯୋଗାଣ ଭଳି ଏକ ଉତ୍କଟ ସମସ୍ୟାର ସମାଧାନ ହୋଇ ପାରିବ ।

## ଗ୍ରାମାଞ୍ଚଳରେ ପାନୀୟ ଜଳ ଯୋଗାଣ

ଦିନ ଥିଲା ଯେତେବେଳେ ଗ୍ରାମାଞ୍ଚଳରେ ପାନୀୟ ଜଳ ବ୍ୟବସ୍ଥା କରିବା ସେଠାକାର ଅଧିବାସୀମାନଙ୍କର ଦାୟିତ୍ୱ ବୋଲି ଧରାଯାଉଥିଲା । ଲୋକମାନେ ନିଜର କୂଅ ପୋଖରୀ, ଗାଡ଼ିଆ ଖୋଳି କିମ୍ବା ଝରଣା, ନଦୀ ବା ଝୋରରୁ ପାଣି ଆଣି ପାନୀୟ ଜଳ ରୂପେ ବ୍ୟବହାର କରୁଥିଲେ । ସହର ଭଳି ପାନୀୟ ଜଳର ବ୍ୟବସ୍ଥା କରିବାକୁ ମ୍ୟୁନିସିପାଲିଟି ଭଳି କୌଣସି ସଂସ୍ଥା ନ ଥିଲା । ଫଳରେ ଗ୍ରାମବାସୀମାନେ ନିଜର ଅଜ୍ଞତା ଦୃଷ୍ଟିରୁ ଏବଂ ଅନେକ କ୍ଷେତ୍ରରେ ବିକଳ୍ପ ବ୍ୟବସ୍ଥା ନ ଥିବାରୁ ବାଧ୍ୟ ହୋଇ ଦୂଷିତ ଜଳ ସେବନ କରି ନାନା ପ୍ରକାର ରୋଗରେ ଆକ୍ରାନ୍ତ ହେଉଥିଲେ । ସ୍ୱାଧୀନତା

ପୂର୍ବରୁ ସରକାରଙ୍କ ତରଫରୁ କାଁ ଭାଁ କୂପ ଖନନ କରାଯାଉଥିଲା, ମାତ୍ର ତାସବୁ ଧ... ୀ ଅଫିସ କିମ୍ବା ସରକାରୀ କର୍ମଚାରୀଙ୍କ ବାସଭବନ ହତା ଭିତରେ ରହିଥିଲା । ସ୍ୱାଧୀନତା ପରେ କ୍ରମେ ସରକାର ପଲ୍ଲୀ ଅଞ୍ଚଳରେ ସରକାରୀ ଖର୍ଚ୍ଚରେ କୂପ ଖନନ କରିବାକୁ ଆରମ୍ଭ କଲେ ଏବଂ ପଞ୍ଚବାର୍ଷିକ ଯୋଜନାମାନଙ୍କରେ ଗ୍ରାମାଞ୍ଚଳରେ ପାନୀୟ ଜଳ ଯୋଗାଣକୁ ଅଗ୍ରାଧିକାର ଦିଆଗଲା । ବିଶେଷତଃ ଷଷ୍ଠ ପଞ୍ଚବାର୍ଷିକ ଯୋଜନାରେ ଗ୍ରାମାଞ୍ଚଳରେ ପାନୀୟ ଜଳ ଯୋଗାଣର ଆବଶ୍ୟକତା ଉପଲବ୍ଧି କରି ଅଧିକରୁ ଅଧିକ ବ୍ୟୟ ବ୍ୟବସ୍ଥା କରାଯାଉଛି । ପାନୀୟଜଳ ଯୋଗାଣ ସରକାରଙ୍କର ଏକ ପବିତ୍ର କର୍ତ୍ତବ୍ୟ ଓ ଗୁରୁଦାୟିତ୍ୱ ଉପଲବ୍ଧି କରି ପ୍ରଧାନମନ୍ତ୍ରୀ ଶ୍ରୀମତୀ ଇନ୍ଦିରା ଗାନ୍ଧୀ ଗ୍ରାମାଞ୍ଚଳରେ ପାନୀୟ ଜଳ ଯୋଗାଣକୁ ନୂତନ ବିଂଶସୂତ୍ରୀ କାର୍ଯ୍ୟକ୍ରମରେ ଅନ୍ତର୍ଭୁକ୍ତ କରିଛନ୍ତି ।

ଏହି ପରିପ୍ରେକ୍ଷୀରେ ରାଜ୍ୟ ସରକାର ଗ୍ରାମାଞ୍ଚଳରେ ପାନୀୟ ଜଳ ଯୋଗାଣ ପାଇଁ ଦୃଢ଼ ପଦକ୍ଷେପମାନ ଗ୍ରହଣ କରିଛନ୍ତି ଏବଂ ୧୯୮୧-୮୨ ଆର୍ଥିକ ବର୍ଷଠାରୁ ସରକାର ଏ ଦିଗରେ ଅଧିକ ଯତ୍ନଶୀଳ ହୋଇ ଜନସାଧାରଣଙ୍କର ପ୍ରଶଂସାଭାଜନ ହୋଇ ପାରିଛନ୍ତି ।

କାର୍ଯ୍ୟର ପ୍ରଥମ ପର୍ଯ୍ୟାୟରେ ଗ୍ରାମାଞ୍ଚଳରେ ଜଳକଷ୍ଟ ଭୋଗୁଥିବା ଗ୍ରାମଗୁଡ଼ିକର ସର୍ଭେ କରା ନ ଯାଇ ଚିହ୍ନଟ କରାଯାଇଥିଲା । ସାରା ରାଜ୍ୟରେ ଜନବସତି ଥିବା ୪୯,୨୮୪ ଗ୍ରାମ ମଧ୍ୟରୁ ୨୭,୦୭୧ଟି ଗ୍ରାମରେ ନଳକୂପ ଦ୍ୱାରା ଏବଂ ୧୦,୭୮୩ଟି ଗ୍ରାମରେ ସ୍ୱାସ୍ଥ୍ୟକର କୂପ ( Sanitary Well ) ଦ୍ୱାରା ଜଳ ଯୋଗାଇ ଦେବାର ବିହିତ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଇଛି ।

୧୯୭୯-୮୦ ଆର୍ଥିକ ବର୍ଷରେ ସର୍ବନିମ୍ନ ଚାହିଦା ଯୋଜନା (Minimum Needs Programme) ରେ ୨,୩୧ ଲକ୍ଷ • ଷାଠିଏ ହଜାର ଟଙ୍କା ଏବଂ ଭାରତ ସରକାରଙ୍କର ତ୍ୱରାନ୍ୱିତ ଗ୍ରାମାଞ୍ଚଳ ଜଳଯୋଗାଣ ଯୋଜନା ( Accelerated Rural Water Supply Programme ) ରେ ୨,୦୩ ଲକ୍ଷ ଟଙ୍କା ବ୍ୟୟ ବରାଦ କରାଯାଇଥିଲା । ଏତଦ୍‌ବ୍ୟତୀତ (Advance Plan Assistance) ରେ ୨,୬୪୭ଟି ମରୁଡ଼ିଗ୍ରସ୍ତ ଗ୍ରାମରେ ନଳକୂପ ବସାଇବା ପାଇଁ ୨୫୦ ଲକ୍ଷ ଟଙ୍କା ମଞ୍ଜୁର କରାଯାଇଥିଲା । ଏହି ବର୍ଷ ବିଭିନ୍ନ ଯୋଜନା କାର୍ଯ୍ୟକାରୀ ହୋଇ ୫,୪୧୭ଟି ନଳକୂପ ବସା ଯାଇଥିଲା । ୧୯୮୦-୮୧ ଆର୍ଥିକ ବର୍ଷରେ ଏ କାର୍ଯ୍ୟ ତ୍ୱରାନ୍ୱିତ କରି, ସର୍ବନିମ୍ନ ଚାହିଦା ଯୋଜନା ( Minimum Needs Programme ) ରେ ୪୧,୦୦ ଲକ୍ଷ ଟଙ୍କା, ତ୍ୱରାନ୍ୱିତ ଗ୍ରାମାଞ୍ଚଳ ଜଳଯୋଗାଣ ଯୋଜନାରେ ୩,୦୭ ଲକ୍ଷ ଟଙ୍କା ଏବଂ ମରୁଡ଼ିଗ୍ରସ୍ତ ଗ୍ରାମରେ ( Advance Plan Assistance ) ରେ ୨,୮୦ ଲକ୍ଷ ଟଙ୍କା ମଞ୍ଜୁର ହୋଇ ସାରା ରାଜ୍ୟରେ ୬,୪୦୪ଟି ନଳକୂପ ବସା ଯାଇଥିଲା ।

୧୯୮୧-୮୨ ବର୍ଷରେ ସର୍ବମୋଟ ୧୧,୪୪ ଲକ୍ଷ ୨୨ ହଜାର ଟଙ୍କା ଖର୍ଚ୍ଚ ହୋଇ ୭,୯୯୩ ଚିହ୍ନଟ ଗ୍ରାମରେ ଏବଂ ୬,୧୭ଟି ଅନ୍ୟାନ୍ୟ ଗ୍ରାମରେ ନଳକୂପ ବସା ଯାଇଥିଲା ।

ଚଳିତ ଆର୍ଥିକ ବର୍ଷ ଅର୍ଥାତ୍ ୧୯୮୨-୮୩ରେ ଗ୍ରାମାଞ୍ଚଳ ଜଳ ଯୋଗାଣ କ୍ଷେତ୍ରରେ ଏକ ସ୍ମରଣୀୟ ବର୍ଷ କହିଲେ ଅତ୍ୟୁକ୍ତି ହେବ ନାହିଁ । ଏ ବର୍ଷ ସର୍ବନିମ୍ନ ଚାହିଦା ଯୋଜନା ( Minimum Needs Programme) ରେ ୧୪,୩୫ ଲକ୍ଷ ୩୫ ହଜାର ଟଙ୍କା ଏବଂ (Advance Plan Assistance) ରେ ୫,୪୬ ଲକ୍ଷ ୭୫ ହଜାର ଟଙ୍କାର ବ୍ୟୟ ବରାଦ କରାଯାଇଛି । ଏତଦ୍‌ବ୍ୟତୀତ ରାଜସ୍ୱ ବିଭାଗ ପାଣ୍ଠିରୁ ୪,୬୩ ଲକ୍ଷ ୧୫ ହଜାର ଟଙ୍କା ନଳକୂପ ପାଇଁ ଖର୍ଚ୍ଚ କରାଯାଇଛି । କେବଳ ଏହି ବର୍ଷକ ଭିତରେ ବକେୟା ୩୩୩ଟି ନଳକୂପକୁ ମିଶାଇ ୮,୭୩୭ଟି ନଳକୂପ ଏବଂ ତ୍ୱରାନ୍ୱିତ ଜଳ ଯୋଗାଣ ଯୋଜନାରେ ୬,୮୦୫ଟି ନଳକୂପ ( Advance Plan ) ତଥା ରାଜସ୍ୱ ବିଭାଗ ପାଣ୍ଠିରୁ ଦୈବୀଦୁର୍ବିପାକରେ ଆକ୍ରାନ୍ତ ଗ୍ରାମଗୁଡ଼ିକରେ ୩,୪୨୩ଟି ନଳକୂପ ଏ ରୂପେ ସର୍ବମୋଟ ୧୮,୧୬୫ଟି ନଳକୂପ ସଂପୂର୍ଣ୍ଣ ହୋଇ ପାରିଛି । ଏହା ଗ୍ରାମାଞ୍ଚଳରେ ଜଳ ଯୋଗାଣ ଇତିହାସରେ ଅଭିନବ ।

ଗତ ୩୧-୩-୮୨ ସୁଦ୍ଧା ୭,୫୩୮ ଗ୍ରାମରେ ସଂପୂର୍ଣ୍ଣ ରୂପେ ଏବଂ ୯,୦୪୯ ଗ୍ରାମରେ ଆଂଶିକ ଭାବେ ଜଳକଷ୍ଟ ସମସ୍ୟାର ସମାଧାନ ହୋଇ ପାରିଥିଲା । ଚଳିତ ଆର୍ଥିକ ବର୍ଷ (୧୯୮୨-୮୩)ରେ ଅଟକଳ ଅନୁସାରେ ଆଉ ୧,୯୫୦ଟି ଗ୍ରାମରେ ସଂପୂର୍ଣ୍ଣ ରୂପେ ଜଳ ଯୋଗାଣ ବ୍ୟବସ୍ଥା କାର୍ଯ୍ୟକାରୀ ହୋଇଛି । ଏହା ବ୍ୟତୀତ ସ୍ୱାସ୍ଥ୍ୟକର କୂପ ଖନନ ଯୋଜନାରେ ୧,୬୯୨ ଗ୍ରାମରେ ସଂପୂର୍ଣ୍ଣ ରୂପେ ଏବଂ ୩,୦୬୩ ଗ୍ରାମରେ ଏପରି ଭାବରେ ଜଳକଷ୍ଟ ସମସ୍ୟାର ସମାଧାନ କରାଯିବାର ବ୍ୟବସ୍ଥା ରହିଛି ।

ଆଗାମୀ ଆର୍ଥିକ ବର୍ଷରେ (୧୯୮୩-୮୪) ସର୍ବମୋଟ ୮୫୦ ଲକ୍ଷ ବ୍ୟୟ ଅଟକଳ କରାଯାଇଛି । ତନ୍ମଧ୍ୟରୁ ୩,୮୦ ଲକ୍ଷ ସର୍ବ ନିମ୍ନ ଚାହିଦା ଯୋଜନା (Minimum Needs programme) ରେ ଏବଂ ୫,୫୦ ଲକ୍ଷ ଟଙ୍କା କେନ୍ଦ୍ରୀୟ ସାହାଯ୍ୟ ଆକାରରେ ମିଳିବ । ଏତଦ୍‌ବ୍ୟତୀତ ଦ୍ୱିପାକ୍ଷିକ ସାହାଯ୍ୟ ଯୋଜନା ଅନୁସାରେ ଡେନମାର୍କ ଆନ୍ତର୍ଜାତିକ ଉନ୍ନୟନ ସଂସ୍ଥା (D. I. D. A.) ଲୁଣା ଜଳ କ୍ଷତିଗ୍ରସ୍ତ କରୁଥିବା ଅଞ୍ଚଳରେ ନଳକୂପ ବସାଇବା ପାଇଁ ୨୨ କୋଟି ଟଙ୍କା ସାହାଯ୍ୟ ଦେବାକୁ ରାଜି ହୋଇଛନ୍ତି । ଏ ଯୋଜନା ସଂପୂର୍ଣ୍ଣ ହେଲେ ୧,୧୨୦ଟି ଗ୍ରାମରେ ପ୍ରାୟ ୩୩ ଲକ୍ଷ ଲୋକ ଉପକୃତ ହେବେ, ପୁନଶ୍ଚ ଆଦିବାସୀ ବହୁଳ ଅଞ୍ଚଳରେ ସ୍ୱତନ୍ତ୍ର କେନ୍ଦ୍ର ସାହାଯ୍ୟ ଯୋଜନା (Central Assistance Scheme) ରେ ନଳକୂପ ଖନନ ପାଇଁ ୨୦ ଲକ୍ଷ ଟଙ୍କାର ବ୍ୟୟ ବରାଦ କରାଯାଇଛି ।

ଉପରୋକ୍ତ ହିସାବରୁ ଜଣାଯିବ ଗ୍ରାମାଞ୍ଚଳରେ ପାନୀୟ ଜଳ ସମସ୍ୟାର ସମାଧାନ କରିବାକୁ ରାଜ୍ୟ ସରକାର ବଦ୍ଧପରିକର ଏବଂ ଅଦୂର ଭବିଷ୍ୟତରେ ଏ ଉତ୍କଟ ସମସ୍ୟାର ସମାଧାନ ହୋଇପାରିବ ।


ଅନୁଧ୍ୟାନରୁ ଜଣାଯାଉଛି କେତେକ କ୍ଷେତ୍ରରେ ଜଳକ୍ଲିଷ୍ଟ ଗ୍ରାମଗୁଡ଼ିକର ଚିହ୍ନଟ ବେଳେ କେତେଗୁଡ଼ିଏ ଗ୍ରାମ ତାଲିକାଭୁକ୍ତ ହୋଇପାରିନାହିଁ । ଏଗୁଡ଼ିକ ପୁଣି ତାଲିକାଭୁକ୍ତ କରିବା ପାଇଁ ରାଜ୍ୟ ସରକାରଙ୍କ ତରଫରୁ ବିହିତ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଇଛି ।

ନଳକୂପଗୁଡ଼ିକର ମରାମତି ଓ ରକ୍ଷଣାବେକ୍ଷଣ ପାଇଁ ସରକାର ଯତ୍ପରୋନାସ୍ତି ଉଦ୍ୟମ କରୁଛନ୍ତି ଏବଂ ସେଥି ପାଇଁ ପଦକ୍ଷେପ ନିଆଯାଇଛି କିନ୍ତୁ ସହର ତଥା ଗ୍ରାମମାନଙ୍କରେ ଏ ନଳକୂପଗୁଡ଼ିକର ରକ୍ଷଣାବେକ୍ଷଣ ଓ ମରାମତି ଜନସାଧାରଣଙ୍କର ସହଯୋଗ ଏବଂ କର୍ତ୍ତବ୍ୟବୋଧତା ଉପରେ ସଂପୂର୍ଣ୍ଣ ନିର୍ଭର କରେ । ପୁନଶ୍ଚ ଗ୍ରାମାଞ୍ଚଳରେ ନଳକୂପ ବସାଇବା ପାଇଁ ସ୍ଥାନ ନିରୂପଣ କଲାବେଳେ ନାନା ପ୍ରକାର ବାଦ ବିସମ୍ବାଦ ସୃଷ୍ଟି ହେଉଛି । କତିପୟ ବ୍ୟକ୍ତି ବିଶେଷଙ୍କର ସ୍ୱାର୍ଥ ରକ୍ଷା ହୋଇ ନ ପାରିବାରୁ କଳି କଜିଆ ହେଉଛି । ତେଣୁ ଜନସାଧାରଣଙ୍କୁ ଅନୁରୋଧ ସେମାନେ ବ୍ୟକ୍ତିଗତ ସ୍ୱାର୍ଥଠାରୁ ଊର୍ଦ୍ଧ୍ୱରେ ରହି ଗ୍ରାମର ସମୂହ ସ୍ୱାର୍ଥ ଦୃଷ୍ଟିରୁ ସ୍ଥାନ ନିରୂପଣ କରନ୍ତୁ ତା'ହେଲେ କୂପ ଖନନ କାର୍ଯ୍ୟ ତ୍ୱରାନ୍ୱିତ ହୋଇ ପାରିବ ।

ସର୍ବୋପରି ପାନୀୟ ଜଳ ବ୍ୟବହାରରେ ଜନସାଧାରଣଙ୍କ ମିତବ୍ୟୟିତା ଅପରିହାର୍ଯ୍ୟ । କେତେକ କ୍ଷେତ୍ରରେ ଦେଖାଯାଏ ପାଣି ଟ୍ୟାପ୍ ମେଲା ଥିଲେ ମଧ୍ୟ ଆମର ଦାୟିତ୍ୱବୋଧ ନ ଥିବାରୁ ଆମେ ତାକୁ ବନ୍ଦ କରି ଦେବାକୁ ଯତ୍ନବାନ ହେଉନା, କତିପୟ ସ୍ୱାର୍ଥାନ୍ୱେଷୀ ବ୍ୟକ୍ତି ପାନୀୟ ଜଳକୁ ବାଡ଼ି ବଗିଚା କିମ୍ବା ସ୍ୱଚ୍ଛବାସରେ ବ୍ୟବହାର କରିବାକୁ ପଶ୍ଚାଦ୍‌ପଦ ହୁଅନ୍ତିନାହିଁ । ଏହା ଦ୍ୱାରା ପାନୀୟଜଳର ଅଭାବ ହୁଏ ଏବଂ ଅନ୍ୟମାନେ ଅସୁବିଧାର ସମ୍ମୁଖୀନ ହୁଅନ୍ତି । ତେଣୁ, ପାନୀୟ ଜଳକୁ କେତେକ ଉଦ୍ଦିଷ୍ଟ କାର୍ଯ୍ୟରେ ବ୍ୟବହାର କରିବା ସମସ୍ତଙ୍କର ପବିତ୍ର କର୍ତ୍ତବ୍ୟ । ଏହା ବ୍ୟତୀତ ଯେଉଁଠାରେ ପାନୀୟ ଜଳ ଯୋଗାଇବା ପାଇଁ କର ଧାର୍ଯ୍ୟ ହୋଇଛି (ବିଶେଷତଃ ସହରାଞ୍ଚଳରେ ଏହା ପ୍ରଯୁଜ୍ୟ ) ଜନସାଧାରଣ ନିୟମିତ ଭାବରେ କର ଦେଇ କର୍ମକର୍ତ୍ତାଙ୍କ ସହିତ ସହଯୋଗ କରିବା ସୁନାଗରିକତ୍ୱର ପରିଚାୟକ । ଆମେ ରାଜ୍ୟ ସରକାରଙ୍କ ଏ ନିରବଚ୍ଛିନ୍ନ ଉଦ୍ୟମ ଏବଂ ଜନସାଧାରଣଙ୍କର ଆନ୍ତରିକ ସହଯୋଗରେ ଏ ଉତ୍କଟ ସମସ୍ୟାର ଆଶୁ ସମାଧାନ ହୋଇ ପାରିବ ।

○○○

ଡେପୁଟି କମିସନର, ରେଲୱେ
କୋଅର୍ଡିନେସନ୍ ତଥା ଡେପୁଟି
ସେକ୍ରେଟାରୀ, ଟ୍ରାନ୍ସପୋର୍ଟ
ଡିପାର୍ଟମେଣ୍ଟ





# ବିଜ୍ଞାନ କର୍ମଶାଳା

**ଶ୍ରୀ ଦେବକାନ୍ତ ମିଶ୍ର**

ଆମ ଦେଶର ଜନସାଧାରଣଙ୍କ ଜୀବନ ଧାରଣର ମାନରେ କ୍ରମୋନ୍ନତି ଘଟାଇବା ସଙ୍ଗେ ସଙ୍ଗେ ଜାତୀୟ ଅର୍ଥନୀତିରେ ଅଭିବୃଦ୍ଧି ଘଟାଇବା ପାଇଁ ଓ ଜାତୀୟ ପ୍ରଗତିର ହାରକୁ ତ୍ୱରାନ୍ୱିତ କରାଇବା ପାଇଁ ଯେଉଁ ପ୍ରକାର ଜନସମ୍ବଳ ଆବଶ୍ୟକ ହେଉଛି, ତାହାର ଚାହିଦା ପୂରଣ କରିବା ପାଇଁ ସଂପ୍ରତି ବିଜ୍ଞାନ ଶିକ୍ଷା ଓ ଗବେଷଣା ପ୍ରତି ବିଶେଷ ଗୁରୁତ୍ୱ ଆରୋପ କରାଯାଉଛି । ବିଜ୍ଞାନକୁ ଏକ ନୀରସ, ଶୁଷ୍କ ଓ ତଥ୍ୟବହୁଳ ପାଠ୍ୟକ୍ରମ ରୂପେ ଯେପରି ଭାବରେ ଉପସ୍ଥାପନା କରାଯାଉଥିଲା, ତଜ୍ଜନିତ ବିଦ୍ୟାର୍ଥୀମାନଙ୍କ ମାନସପଟରେ ବୈଜ୍ଞାନିକ ଦୃଷ୍ଟିଭଙ୍ଗୀର ଜାଗରଣ ଘଟିବା ପରିବର୍ତ୍ତେ ସେମାନେ ଏହାର ତଥ୍ୟ, ସୂତ୍ର ବା ନିୟମଗୁଡ଼ିକୁ କୌଣସି ପ୍ରକାରେ ଆୟତ୍ତ କରି ପରୀକ୍ଷାରେ କୃତକାର୍ଯ୍ୟ ହେବାକୁ ହିଁ ଯତ୍ନବାନ ହେଉଥିଲେ । ସାହିତ୍ୟ, ଚାରୁକଳା ଓ ସଂଗୀତ ଭଳି ବିଜ୍ଞାନକୁ ମନୁଷ୍ୟର ସୃଷ୍ଟିଶୀଳ ପ୍ରତିଭାର ପରିପ୍ରକାଶ ରୂପେ ଦର୍ଶାଇ ଦେବା ପାଇଁ, ମନୁଷ୍ୟର ପୂର୍ଣ୍ଣାଙ୍ଗ ବ୍ୟକ୍ତିତ୍ୱର ବିକାଶ ପଥରେ ତଥା ସଂତୁଳିତ ମାନସର ସର୍ଜନା ପଥରେ କଳା, ଧର୍ମ ଓ ବିଜ୍ଞାନର ତାତ୍ପର୍ଯ୍ୟପୂର୍ଣ୍ଣ ଭୂମିକା ସଂପର୍କରେ ବିଦ୍ୟାର୍ଥୀମାନଙ୍କୁ ସଚେତନ କରାଇବା ପାଇଁ, ବିଜ୍ଞାନର ସାମାଜିକ ଓ ନୈତିକ ମୂଲ୍ୟବୋଧ ସଂପର୍କୀୟ ଚେତନାର ଜାଗରଣ ବିନିମୟରେ ବିଦ୍ୟାର୍ଥୀମାନଙ୍କ ମାନସପଟରେ ସମାଜ ସଚେତନା ରୂପୀ ମହନୀୟ ଭାବର ଜାଗରଣ ଘଟାଇବା ପାଇଁ ବିଜ୍ଞାନ ଶିକ୍ଷାଦାନ ପଦ୍ଧତିରେ କୌଣସି ପରିବର୍ତ୍ତନ ଘଟାଇବା ସଂଭବ ହୋଇ ନ ଥିଲା ! ନିଜ ଦେଶର ପ୍ରାକୃତିକ ସମ୍ବଳ, ଜନସାଧାରଣଙ୍କ ଆର୍ଥିକ ଅବସ୍ଥା ଓ ଶିକ୍ଷା ଦୀକ୍ଷାକୁ ଭିତ୍ତି କରି ରାଷ୍ଟ୍ରୀୟ ପ୍ରଗତି ସାଧନ ଦିଗରେ ପ୍ରତ୍ୟେକ ଶିକ୍ଷିତ ତଥା କାର୍ଯ୍ୟକ୍ଷମ ନାଗରିକଙ୍କ ଠାରେ ଯେଉଁ ପ୍ରକାର ଇନ୍ନୋଭେସନ୍ ପ୍ରବଣ ମନୋବୃତ୍ତି ଅଭିବ୍ୟକ୍ତ ହେବା ବାଞ୍ଛନୀୟ ଏବଂ ଦୃଢ଼ ଆତ୍ମପ୍ରତ୍ୟୟ ବଳରେ ନିଜ ନିଜ ଉଦ୍ୟମରେ ପ୍ରତ୍ୟେକ ଅଞ୍ଚଳର ନାଗରିକ ନିଜ ଅଞ୍ଚଳର ଅବସ୍ଥା ପରିପ୍ରେକ୍ଷୀରେ ଉତ୍ପାଦନର ଅଭିବୃଦ୍ଧି ଘଟାଇବା ପାଇଁ ଯେଉଁ ପ୍ରକାର ସ୍ୱତଃସ୍ଫୂର୍ତ୍ତ ଉଦ୍ୟମ ଚଳାଇବା ଆବଶ୍ୟକ, ସେପରି ପରିବେଶ ସୃଷ୍ଟି କରିବା ପାଇଁ ଆମ ଦେଶର ଶିକ୍ଷା ଦାନ ବ୍ୟବସ୍ଥାରେ ଆନୁଷଙ୍ଗିକ ପଦକ୍ଷେପଗୁଡ଼ିକ କାର୍ଯ୍ୟକାରୀ କରାଯିବା ସଂଭବ ହୋଇ ନ ଥିଲା ।

ମାତ୍ର ଇତ୍ୟବସରରେ ଜାତୀୟ ଶିକ୍ଷା ଗବେଷଣା ଓ ପ୍ରଶିକ୍ଷଣ ପରିଷଦ ( NCERT ) ରାଜ୍ୟ ଶିକ୍ଷା ଗବେଷଣା ଓ ପ୍ରଶିକ୍ଷଣ ପରିଷଦ ( SCERT ) ବ୍ରିଟିଶ କାଉନସିଲ ଓ ୟୁନିସେଫ୍ ( UNICEF ) ପ୍ରଭୃତି ଜାତୀୟ ଅନୁଷ୍ଠାନଗୁଡ଼ିକ ତଥା ବୈଦେଶିକ ସେବାକାରୀ ଅନୁଷ୍ଠାନଗୁଡ଼ିକର ସମ୍ମିଳିତ ପ୍ରଚେଷ୍ଟା ବଳରେ ବିଜ୍ଞାନ ଶିକ୍ଷାକୁ ଜାତୀୟ ସ୍ୱାର୍ଥାନୁକୂଳ ମାର୍ଗରେ ପରିଚାଳନା କରିବା ପାଇଁ ବହୁବିଧ ଫଳପ୍ରଦ ପଦକ୍ଷେପଗୁଡ଼ିକ କାର୍ଯ୍ୟକାରୀ କରାଯିବା ସଂଭବ ହେଉଛି ।

ବିଜ୍ଞାନ ଶିକ୍ଷାକୁ ଛାତ୍ରଛାତ୍ରୀମାନଙ୍କ ଚିତ୍ତାକର୍ଷକ ତଥା ବୋଧଗମ୍ୟ କରାଇବା ପାଇଁ ପାଠ୍ୟ ପୁସ୍ତକରେ ସନ୍ନିବେଶିତ ତାତ୍ତ୍ୱିକ ବା ବର୍ଣ୍ଣନାତ୍ମକ ତଥ୍ୟରାଜିକୁ ଅଭିକ୍ରିୟା ବା ମଡେଲ କରିଆରେ ସେମାନଙ୍କ ହୃଦୟ ଗ୍ରାହୀ କରାଯିବାର ଉଦ୍ୟମ ଅବ୍ୟାହତ ରହିଛି । ସୁଖର କଥା ଯେ ପ୍ରାଥମିକ ତଥା ନିମ୍ନ ମାଧ୍ୟମିକ ସ୍ତରରେ ପ୍ରଚଳିତ ପାଠ୍ୟପୁସ୍ତକମାନଙ୍କରେ ଯେଉଁ ପାଠ୍ୟକ୍ରମ ସ୍ଥାନ ପାଇଛି, ସେ ଗୁଡ଼ିକୁ ବିଭିନ୍ନ ପ୍ରକାର ପରୀକ୍ଷା କରିଆରେ ଛାତ୍ରଛାତ୍ରୀମାନଙ୍କ ବୋଧଗମ୍ୟ କରାଯିବାର ଉଦ୍ୟମ ସଫଳ ହୋଇଛି । 'ଓ୍ୱାର୍କସିଟ୍' ପଦ୍ଧତି ମାଧ୍ୟମରେ ଏହି ପରୀକ୍ଷା ଗୁଡ଼ିକ ସହିତ ଶିକ୍ଷକମାନଙ୍କୁ ପରିଚିତ କରାଇବା ପାଇଁ ଚଳିତ ବର୍ଷ ଆମ ରାଜ୍ୟର ବିଭିନ୍ନ ସ୍ଥାନରେ ବିଜ୍ଞାନ କର୍ମଶାଳାର ଆୟୋଜନ କରାଯାଉଛି । ଏତଦ୍ୱାରା ଶିକ୍ଷକମାନଙ୍କୁ ଦର୍ଶାଇ ଦିଆଯାଉଛି ଯେ ପ୍ରାଥମିକ ଓ ନିମ୍ନମାଧ୍ୟମିକ ସ୍ତରୀୟ ବିଜ୍ଞାନ ଶିକ୍ଷାକୁ ବୋଧଗମ୍ୟ କରାଇବା ପାଇଁ ତଥା ଛାତ୍ରଛାତ୍ରୀମାନଙ୍କ ମାନସପଟରେ ଅଧିକରୁ ଅଧିକ ଜାଣିବାର କୌତୂହଳ ସୃଷ୍ଟି କରିବା ପାଇଁ କୌଣସି ପ୍ରତିଷ୍ଠିତ ବିଜ୍ଞାନାଗାର ବା ଦୁର୍ମୂଲ୍ୟ ଯନ୍ତ୍ରପାତିର ଆବଶ୍ୟକତା ନାହିଁ । ଶିକ୍ଷକ ନିଜ ଅଭିଜ୍ଞତା, କଳ୍ପନା ପ୍ରବଣତା, ପ୍ରଶିକ୍ଷଣ ପାରଙ୍ଗମତା ଓ ସ୍ୱତଃସ୍ଫୂର୍ତ୍ତ କର୍ତ୍ତବ୍ୟାନୁରାଗ ବଳରେ ପୁସ୍ତକ ସନ୍ନିବିଷ୍ଟ ତଥ୍ୟ ରାଜିକୁ ପରୀକ୍ଷା କରିଆରେ ଛାତ୍ରଛାତ୍ରୀମାନଙ୍କ ବୋଧଗମ୍ୟ କରାଇ ପାରିବେ ! ତାଲିମ୍ କେନ୍ଦ୍ରରେ ଦର୍ଶାଇ ଦିଆଯାଉଛି ଯେ, ହରଲିକ୍ସ ବୋତଲ, ଡିବା ଖୋଳ, କଣ୍ଟା, ତାର, ବାଲି, ମାଟି, ବିଭିନ୍ନ ପ୍ରକାର ପତ୍ର, ଫୁଲ, ଫଳ ପ୍ରଭୃତି ସହଜଲବ୍ଧ ଉପକରଣଗୁଡ଼ିକ ସାହାଯ୍ୟରେ ବିଭିନ୍ନ ପ୍ରକାର ଅଭିକ୍ରିୟାଗୁଡ଼ିକୁ ସଂପାଦନ କରିହେବ । ତାଲିମ୍ କେନ୍ଦ୍ରରେ ଯୋଗ ଦେଉଥିବା ଶିକ୍ଷକମାନେ ମଧ୍ୟ ନିଜେ ସରଳ ଯନ୍ତ୍ରଗୁଡ଼ିକୁ ପ୍ରସ୍ତୁତି କରୁଛନ୍ତି ଏବଂ ଇଚ୍ଛାକଲେ ତିଆରି କରିଥିବା ସରଞ୍ଜାମଗୁଡ଼ିକୁ ନିଜ ବିଦ୍ୟାଳୟକୁ ନେଇ ପାରୁଛନ୍ତି ।

ଏପରି ବିଜ୍ଞାନ କର୍ମଶାଳା ଶିକ୍ଷକମାନଙ୍କଠାରେ ବିପୁଳ ଆଗ୍ରହ ସୃଷ୍ଟି କରିଛି । ଇତ୍ୟବସରରେ ଖୋର୍ଦ୍ଧା, ଭଦ୍ରବାଲି ଓ କଟକରେ ତିନିଟି କର୍ମଶାଳା ଅନୁଷ୍ଠିତ ହୋଇଛି । ଏହି ସ୍ୱଳ୍ପ ଅଭିଜ୍ଞତାରୁ ଜଣାପଡ଼ିଛି ଯେ ଏହା ଶିକ୍ଷକମାନଙ୍କୁ ଏକ

ଅଭିନବ କର୍ମାଭିମୁଖୀ ସଂପର୍କରେ ସଚେତନ କରାଇଛି ଏବଂ ସେମାନେ ଏ ପ୍ରକାର କର୍ମଶାଳାର ତାତ୍ପର୍ଯ୍ୟକୁ ସମ୍ୟକ୍‌ଭାବରେ ହୃଦୟଙ୍ଗମ କରିବା ସଙ୍ଗେ ସଙ୍ଗେ ନିଜ ନିଜ ପ୍ରଶିକ୍ଷଣ ପାରଙ୍ଗମତାରେ ଅଭିବୃଦ୍ଧି ଘଟାଇବାକୁ ସ୍ୱତଃସ୍ଫୂର୍ତ୍ତ ଭାବରେ ଆଗ୍ରହୀ ହେବାର ମନୋଭାବ ପ୍ରକାଶ କରୁଛନ୍ତି ।

ମାର୍ଚ୍ଚ ମାସ ପ୍ରଥମ ଦୁଇ ସପ୍ତାହ ମଧ୍ୟରେ ଭୀମ୍ପୁଗିରି, ରାଉରକେଲା ଓ ହୀରାକୁଦଠାରେ ଏ ପ୍ରକାର ଆଉ ତିନିଟି କର୍ମଶାଳାର ଆୟୋଜନ କରାଯାଉଛି । ଏସ୍.ସି.ଇ.ଆର.ଟିର ବିଜ୍ଞାନ ବିଭାଗ ସହ ସଂପୃକ୍ତ ଅଧ୍ୟାପକମାନେ ଏହାର ପ୍ରଯୋଜନା ଓ ପ୍ରଶିକ୍ଷଣ ବ୍ୟାପାରଗୁଡ଼ିକୁ ପରିଚାଳନା କରୁଛନ୍ତି । ଆଶା କରାଯାଉଛି ଯେ ଶିକ୍ଷକମାନଙ୍କଠାରେ କୌତୂହଳ ଓ ସ୍ୱତଃସ୍ଫୂର୍ତ୍ତ ଆଗ୍ରହ ସୃଷ୍ଟି କରୁଥିବା ଏ ପ୍ରକାର ପ୍ରଶିକ୍ଷଣ ବ୍ୟବସ୍ଥା ଆମ ରାଜ୍ୟରେ ବିଜ୍ଞାନ ଶିକ୍ଷାର ଲକ୍ଷ୍ୟ ପୂରଣ ଦିଗରେ ଅଚିରେ ଏକ ଗୁରୁତ୍ୱପୂର୍ଣ୍ଣ ଭୂମିକା ଗ୍ରହଣ କରିବ । ଆଗାମୀ ଶିକ୍ଷା ବର୍ଷଗୁଡ଼ିକରେ ଏ ପ୍ରକାର କାର୍ଯ୍ୟକ୍ରମର ସଂପ୍ରସାରଣ ପାଇଁ ତଥା ଉଚ୍ଚମାଧ୍ୟମିକ ଶିକ୍ଷାର ଗୁଣାତ୍ମକ ମାନ ବୃଦ୍ଧି ଦିଗରେ ଓ୍ୱାର୍କସିଟ୍ ଭିତ୍ତିକ ଶିକ୍ଷାଦାନ ପଦ୍ଧତିର ପ୍ରଚଳନ ପାଇଁ ବ୍ୟାପକ ଉଦ୍ୟମ କରାଯିବ ।

ସୁଖର କଥା ଯେ, କେତେକ ବିଦ୍ୟାଳୟ ଏପରି ତାଲିମ କେନ୍ଦ୍ର ଅନୁଷ୍ଠିତ କରାଇବା ଦିଗରେ ଆତିଥ୍ୟ ପ୍ରଦାନ କରିବାକୁ ବିଶେଷ ଆଗ୍ରହୀ ହେଉଛନ୍ତି । ଓଡ଼ିଶାର ଅନ୍ୟତମ ଉଚ୍ଚ ପଞ୍ଚାୟତ ଭୀମ୍ପୁଗିରିର କର୍ମକର୍ତ୍ତାମାନେ ସେଠାକାର ବିଦ୍ୟାଳୟରେ ଗୋଟିଏ କର୍ମଶାଳାର ଆୟୋଜନ କରିବା ପାଇଁ ଯେଉଁ ଆବେଦନ କରିଥିଲେ, ତାହାକୁ ସାଦରେ ଗ୍ରହଣ କରି ଏସ୍.ସି.ଇ.ଆର.ଟି କର୍ତ୍ତୃପକ୍ଷ ଚଳିତ ମାସ ୭ ତାରିଖଠାରୁ ୧୧ ତାରିଖ ପର୍ଯ୍ୟନ୍ତ ସେଠାରେ ଏକ କର୍ମଶାଳାର ଆୟୋଜନ କରୁଛନ୍ତି । ଆଶା କରାଯାଉଛି ଯେ, ଆଗାମୀ ବର୍ଷମାନଙ୍କରେ ଏ ପ୍ରକାର କର୍ମଶାଳାମାନଙ୍କର ସଂଖ୍ୟା ତଥା ଏଗୁଡ଼ିକ କରିଆଉ ପରିଚାଳିତ ତାଲିମ୍‌ଗତ ବ୍ୟାପାରଗୁଡ଼ିକର ଗୁଣାତ୍ମକ ମାନରେ ଅଭିବୃଦ୍ଧି ଘଟିବା ସଙ୍ଗେ ସଙ୍ଗେ ଏଗୁଡ଼ିକର ଆୟୋଜନ ପାଇଁ ସୌଜନ୍ୟମୂଳକ ଆତିଥ୍ୟର ଅଭାବ ରହିବ ନାହିଁ ।

ଡେପୁଟି ଡି. ପି. ଆଇ. (ବିଜ୍ଞାନ), ଭୁବନେଶ୍ୱର

## ଭୁବନେଶ୍ୱର ପୌରାଞ୍ଚଳରେ କଞ୍ଚା ପାଇଖାନାକୁ ପକ୍‌କା କରିବା ଲାଗି ଆର୍ଥିକ ସାହାଯ୍ୟ

ଭୁବନେଶ୍ୱର ପୁରୁଣାସହର ସମେତ ସ୍ଥାନୀୟ ପୌରାଞ୍ଚଳରେ ଥିବା ସମସ୍ତ କଞ୍ଚା ପାଇଖାନାକୁ ଉଠାଇଦେଇ ତା' ସ୍ଥାନରେ ସୁଲଭ ଶୌଚାଳୟ ନିର୍ମାଣ କରିବାକୁ ରାଜ୍ୟସରକାର ନଷ୍ପତି କରିଛନ୍ତି । ସେଥିପାଇଁ ସଂପୃକ୍ତ ଗୃହମାଲିକଙ୍କୁ ପୌରସଂସ୍ଥା ତରଫରୁ ପାଇଖାନା ଖର୍ଚ୍ଚର ଶତକଡ଼ା ୫୦ ଭାଗ ଗ୍ରାଣ୍ଟ ଆକାରରେ ଏବଂ ଅବଶିଷ୍ଟ ୫୦ ଭାଗ ଋଣ ସୂତ୍ରରେ ସାହାଯ୍ୟ ମଂଜୁର କରାଯିବ । ଏ ବାବଦରେ ନଗର ଉନ୍ନୟନ ବିଭାଗ ୩ ଲକ୍ଷ ଟଂକାର କେନ୍ଦ୍ରୀୟ ସାହାଯ୍ୟ ଆଣି ସ୍ଥାନୀୟ ପୌରସଂସ୍ଥାକୁ ଯୋଗାଇ ଦେଇଛନ୍ତି । ଏହି କାର୍ଯ୍ୟକ୍ରମକୁ ଚଳିତ ଆର୍ଥିକ ବର୍ଷ ଶେଷ ସୁଦ୍ଧା ସଂପୂର୍ଣ୍ଣ କରାଯିବବୋଲି ଲକ୍ଷ୍ୟଧାର୍ଯ୍ୟ କରାଯାଇଛି ।

କଞ୍ଚା ପାଇଖାନା ପରିଷ୍କାର କରିବା କାର୍ଯ୍ୟରେ ନିଯୁକ୍ତ ଥିବା ମେହେନ୍ତରମାନଂକୁ ଏଣିକି ଅନ୍ୟାନ୍ୟ କାର୍ଯ୍ୟରେ ନିଯୁକ୍ତ କରାଯିବାର ସ୍ଥିର ହୋଇଛି ।

ଗୋନାସିକା ଛିଡ଼ା ହୋଇଛି ନୀଳ-ନୀଳିମାର କୃଷ୍ଣ ଦେଶରେ ଉନ୍ନତ ବକ୍ଷ ଆକାଶ ଆଡ଼କୁ । ବିସ୍ତୃତ ତାହାର ବାହୁ ଛାୟାରେ ବିଶାଳ ବପୁ କେଡ଼େ ଉଦାର । ଗମ୍ଭୀର ଅଉ ମହତ୍ । ଶ୍ରୀକ୍ଷେତ୍ରରେ କଳାନିଧିଙ୍କୁ 'ଆହେ ନୀଳ ଶଇଳ ପ୍ରବଳ ମତ୍ତ ବାରଣ' ରୂପରେ ବର୍ଣ୍ଣନା କଲପରି ଗୋନାସିକା ପ୍ରବଳ ଅମର ବାରଣ ପରି ଶୁଣ୍ଢ ତୋଳି ରହିଛି ପ୍ରଶାନ୍ତ ଦୃଷ୍ଟିରେ ନିର୍ଲିପ୍ତ ଉଜ୍ଜ୍ୱଳତାରେ । ବିଷ୍ଣୁଙ୍କ ନକ୍ଷ କୋଣରେ ଗଙ୍ଗାଙ୍କ ଆବିର୍ଭାବ ପରି ଉତ୍କଳର ଗଙ୍ଗା ବୈତରଣୀ ଗୋନାସିକା ଚରଣ ପ୍ରାନ୍ତରୁ ନିର୍ଝରି ଆସିଛି ନଦୀ ରୂପରେ । ଇତିହାସର ସ୍ମାରକୀ ବହି ରହିଛି ଛୋଟ ଜୁଆଙ୍ଗ ପଲ୍ଲୀ 'ଗୁପ୍ତ ଗଙ୍ଗା' । ଋଷି ମାନସର ତଳକୁ—ଯେଉଁଠାରୁ ତପମଗ୍ନ ଋଷିମାନଙ୍କ ଆବାହନରେ ବିଜେ କଲେ ଗଙ୍ଗା ଉତ୍କଳ ଦେଶରେ । ଅଦୂରରେ ବ୍ରହ୍ମେଶ୍ୱର ମନ୍ଦିର ଓ ରୂପମୟୀ ବୈତରଣୀ କୋଳରେ "ମୁଛାପାଣି" କ୍ଷୁଦ୍ର ଜଳପ୍ରପାତ-ବୈତରଣୀର ନିଜସ୍ୱ ଏକ ରମ୍ୟ କେଳୀ ରଚନା । ନିଶବ୍ଦ ଘଞ୍ଚ ବନାନୀର ନିଥର କୋଳରେ ସଂଗୀତର ଅପୂର୍ବ ମୂର୍ଚ୍ଛନା ତୋଳି "ମୁଛାପାଣି" ତରଳ ମୁକ୍ତାର ଧାରାପରି କଳା ମୁଗୁନି ପଥର ଛାତିରେ ଶୋଇ ଶୋଇ ବହି ଯାଉଛି ବୈତରଣୀ ରୂପରେ ।

ଗୁଲ୍‌ଦି, ଝାଲି, ଝଙ୍ଗେଲ, ମକା ବାଜରା, ସଂଗ୍ରହ କରି ତା'ର ଘର କରଣା ଚଳାଏ । ସେଇଥିରୁ କିଛି ବଳେଇ ହାଟକୁ ଯାଏ—ଲୁଗାପଟା ଖଣ୍ଡେ କିଣେ ।

ସତ୍‌କାତ କେନ୍ଦୁଝରର ସ୍ଥାୟୀ ବାସିନ୍ଦା ଭୂୟାଁ, ଜୁଆଙ୍ଗ । ଜୁଆଙ୍ଗ ଗୋଟିଏ ଅବହେଳିତ ଆଦିବାସୀ ସଂପ୍ରଦାୟ । ଆଜି ସିନା ସେମାନଙ୍କ ଭିତରେ ଆଦିବାସୀ ସ୍ୱତନ୍ତ୍ର ଯୋଜନା, ସବୁ ପାଇଁ ଆଧୁନିକ ଶିକ୍ଷା, କୃଷି, ଗୋପାଳନ, କୁଟୀର ଶିଳ୍ପ ସବୁ କ୍ରମେ ବଢ଼ି ବଢ଼ି ସେମାନଙ୍କ ଜୀବନ ଧାରଣର ମାନ ପରିବର୍ତ୍ତିତ କରି ଚାଲିଛି, ନ ହେଲେ ସେଦିନ ସେମାନେ ଏକ ପ୍ରକାରର ବନ୍ୟଜୀବ ଥିଲେ ।

ସାମାଜିକ ଜୀବନ ସେମାନଙ୍କର ଗଢ଼ି ଉଠିଥିଲା ଛାୟା ଓ ଛବିଳତା ଭିତରେ, ମାୟା ନ ଥିଲା । ଜୁଆଙ୍ଗମାନେ ବହୁତ ସରଳ ଓ ଅତିଥି ପରାୟଣ । ଗାଁ ମାଟି ଛାଡ଼ିଯିବା ସେମାନଙ୍କର ପକ୍ଷରେ ମୃତ୍ୟୁପରି ଭୀଷଣ ଏବଂ ଦୁରାରୋଗ୍ୟ । ପାଖ ପଡ଼ୋଶୀମାନଙ୍କ ଭିତରେ ମିଳି ମିଶି ଜୀବନକୁ ତିଳେ ତିଳେ ଅନ୍ୟର ସେବା ଓ ସନ୍ତୋଷରେ ଉତ୍ସର୍ଗ କରିବା ଜୁଆଙ୍ଗର ନିଜସ୍ୱ ପ୍ରକୃତି ଚରିତ୍ର ଓ ନିଶା ।

# ଗୋନାସିକାର ରସିକ ଜୁଆଙ୍ଗ

(ଏକ)

ଶ୍ରୀ ଅନାଦ ଚରଣ ସ୍ୱାଇଁ

ଶିଖର ଜୁଆଙ୍ଗ ଘରେ ଅଶିଆ ଅପିଆ କେତେଦିନ ଗଲଣି । ବଡ଼ ଭାଇଟା ହଇଜାରେ ମରିଗଲା । ଗୁରି ପାଞ୍ଚ ବର୍ଷର ସବା ସାନ ଭାଇଟା ଥିଲା ରସିକ । ତାକୁ କିଏ କଟକୀ ବାବୁ ନେଇଗଲେ । ଅରକ୍ଷା, ଅବଜ୍ଞା ଘରେ ଶିଖର ମୋଡ଼ି ମାଡ଼ି ହୋଇ ଶୋଇଛି । ଦେହ ଯାକ ଧୂଳି ପାଉଁଶରେ ବୋଳା । ଜୁଆଙ୍ଗ ଜୀବନରେ ପେଟେ ଭାତ ଖାଇବାକୁ ବା ଖଣ୍ଡେ ଭଲ ପିନ୍ଧିବାକୁ ମିଳେ ନାହିଁ । ଜୀବନର ଆବଶ୍ୟକତା ମେଣ୍ଟାଇ ଥାଏ ଗୋନାସିକାର ସମୃଦ୍ଧ ଅରଣ୍ୟ । ଜମି ନାହିଁ, ଭୂମି ବି ନାହିଁ । ସେଦିନର ଜୁଆଙ୍ଗ ଜାତକରେ—ଆଜି ସିନା ସରକାର ସବୁ କିଛି କରି ଦେଉଛନ୍ତି ! ନ ହେଲେ ସେଦିନ ସକାଳ ହେଲେ ଜୁଆଙ୍ଗ ପୁଅ ଘୁମନ୍ତ ଭାବରେ ଶୋଇ ପଡ଼ୁଥାଏ ମଣ୍ଡ ଘର କିମ୍ବା କେଉଁ ଗଛ ତଳେ । ହୃଦୟ ମନରେ ତା'ର ବିକାର ହୀନ ଅଚିନ୍ତ୍ୟ ଭାବ । ମିଳିଲେ ଖାଇଲା, ନମିଳିଲେ ଢୀକ୍ ଢୀକ୍ ବୈତରଣୀରେ ଶୀତଳ ଜଳ ପେଟେ ପାନ କରି ସଢ଼ି ଗଲିଲା । ଅନାହୂତ ଭବିଷ୍ୟତ ଭିତରେ ଜୀବନଟା ଯେପରି କେଉଁଠି ସ୍ୱପ୍ନହୀନ ନିଥରଣ ଖାଲି । ଜୁଆଙ୍ଗ ଝିଅ କିନ୍ତୁ କାର୍ଯ୍ୟକ୍ଷମ, ଚଞ୍ଚଳ । ସାହସୀ ଓ ପତି ସୁହାଗିନୀ ପତ୍ନୀ । ନିଜେ ଜଙ୍ଗଲରୁ ଫଳମୂଳ, କେତେ ଜାତିର ଘାସ ଜାତୀୟ ଫସଲ ଯଥା :—କାଙ୍ଗୁ,

ନୂଆ ଫସଲଟିଏ ପାଇଲା ମାତ୍ରେ ତା'ର ନୂଆଖିଆ ଉତ୍ସବ ଏକାକୀ ନୁହେଁ-ସବୁ ଜାତିଭାଇଙ୍କୁ ନେଇ । 'Laugh and be merry ର ଜୀବନ ଦର୍ଶନ ଏହି ଜୁଆଙ୍ଗମାନଙ୍କଠାରେ ପ୍ରତିଫଳିତ ଶ୍ରୀମାଙ୍କ ଭାଷାରେ "When you will smile at life, life will smile at you", ତୁମେ ଜୀବନ ଉପରେ ହସିଲେ ଜୀବନବି ତୁମ ଉପରେ ହସିବ ଏବଂ ପ୍ରକୃତିଗତ ଭାବରେ ଏହି ଉକ୍ତିର ସାର୍ଥକତା ଜୁଆଙ୍ଗମାନଙ୍କ ଭିତରେ । ସେମାନେ ସଦା ହର୍ଷୋତ୍‌ଫୁଲ୍ଲ, ସରଳ । ନିରାଡ଼ମ୍ବର, ଧୀର ଏବଂ ପ୍ରଶାନ୍ତ । ସେମାନଙ୍କ ମୌଳିକ ଧାରଣା ସଫାଲୁଗା ପିନ୍ଧିଲେ ବାଘ ନେଇଯିବ କାରଣ ସେମାନେ ଋଷିପୁତ୍ର, ଗୈରିକତାର ଉପାସକ । ଏହି ଗୈରିକ ସେମାନଙ୍କ ବସନ, ଭୂଷଣ, ଅବୟବ ଏପରିକି କେଶରାଶି ପର୍ଯ୍ୟନ୍ତ ।

ସୁଙ୍ଗ୍ ନାଚରେ ମତୁଆଲ ଜଆଙ୍ଗଜାତି ସବୁବେଳେ ସାମାଜିକତାକୁ ଅନୁସରଣ କରିଥିଲେ । ପଡ଼ୋଶୀ ମନଭାବ ତା'ର ଅନନ୍ୟ ସାଧାରଣ । ନିଜେ ନ ଖାଇ ସେ ଅନ୍ୟକୁ ଖୁଆଇ ଜାଣେ । ପରସ୍ପର ପ୍ରତି ଗଭୀର ସହଯୋଗରେ ସେ ଯେପରି ମନେକରେ ଜୀବନଟା ଗୋଟିଏ ନୁହେଁ ଅନେକ ଏବଂ ସମସ୍ତେ ଏକାପରି ନିଜର

ପୁଅର ବିବାହ ସମୟହେଲେ ବାପା, ମା, ଭାଇ, ବନ୍ଧୁ ଝିଅର ଅନୁସନ୍ଧାନକରି ସେହି ଗାଁକୁ ଓ ଝିଅ ଘରକୁ ଯାଆନ୍ତି ଓ ତାଙ୍କ ଦୁଆରେ ଗୋଟିଏ ବାଡ଼ି ରଖିଦେଇ ଯାଚଜ୍ଞା କରନ୍ତି । ଯଦି ଝିଅଘର କୌଣସି କାରଣରୁ ଅମଙ୍ଗ ହୁଅନ୍ତି ତାହେଲେ ଜୁଆଙ୍ଗ ସଂପ୍ରଦାୟ ଭିତରୁ କେହି ସେହି ଝିଅ ଦୁଆରକୁ ଯାଆନ୍ତି ନାହିଁ । ପ୍ରତ୍ୟେକ ଜୁଆଙ୍ଗ–ତା'ର ଗାଁ ମୁଖିଆ ପଧାନ ଏବଂ ସାତଖଣ୍ଡ ଗାଁର ମୁଖିଆ ସର୍ଦ୍ଦାରକୁ ମାନନ୍ତି । ବଡ଼ମାନଙ୍କ କଥାକୁ ସବୁବେଳେ ସାନମାନେ ଭକ୍ତି ସହିତ ଗ୍ରହଣ କରନ୍ତି ।

ଦରିଦ୍ରତା, ନିରକ୍ଷରତା, ରୋଗ ଓ ଦୁଃଖ ଭିତରେ ଜୁଆଙ୍ଗ ଜାତିର ନିଜସ୍ୱ ବିବେକଟିଏ ଅପର ଜାତି, ସଭ୍ୟତାକୁ ଅନୁସରଣ ନ କରି ସବୁବେଳେ ନିଜକୁ ଅନୁସରଣ କରୁଥାଏ, ଯାହାଫଳରେ ତା'ର ମୌଳିକତା ଏବେବି ଅନ୍ୟାନ୍ୟ ଆଦିବାସୀ ସଂପ୍ରଦାୟଠାରୁ ନିଜକୁ ସ୍ୱତନ୍ତ୍ର କରିରଖିଛି । ଶିଖର ଜୁଆଙ୍ଗର ଦୁଇଭାଇ, ଦୁଇଟାହାତ ଗ୍ଳଲିଯାଇଥିଲେବି ତା ଛାତିଟା ଅଛି–ଗୋନାସିକାର ବର୍ଷା, ବାତ୍ୟା, ବଜ୍ର ପ୍ରହାର ଖିଆ ଛାତିପରି । ଶ୍ରୀମାଙ୍କର ଅନ୍ୟଏକ ଭାଷାରେ ଅଛି, "ଜଣେ ଯେତେବେଳେ ସବୁକିଛି ହରେଇ ବସିଥାଏ, ସେତେବେଳେ ସେ ସବୁକିଛି ପାଇବାର ଅବସ୍ଥାକୁ ଆସିଥାଏ । ଶିଖରର ନିଭୃତ ଅବଚେତନ ମନ ସେସବୁକୁ ଜାଣିଥାଏ କି ନା କିଏ ଜାଣେ ?

ଜଂଘିରା ହାଟ ବସିଛି । ଆଜି ସୋମବାର । ଶିଖର ବ୍ରହ୍ମେଶ୍ୱର ମହାଦେବଙ୍କୁ ମୁଣ୍ଡିଆମାରି ଭାଇ, ସାଇଲୋକଙ୍କୁ ଧରି ଆସିଛି ହାଟକୁ–ଜିନିଷ କିଣିବାଲାଗି ନୁହେଁ । ସେ ସମସ୍ତଙ୍କୁ ଚିହ୍ନେଇ ଦେବାଲାଗି ଆସିଛି ଯେ, କାହିଁ କେଉଁଦିନୁ ଅତୀତରେ ହଜି ଯାଇଥିବା ତା'ର ସବାସାନ ମାଣିକ ରସିକ ଜୁଆଙ୍ଗ ଆଜି ଜଂଘିରା ଆଶ୍ରମ ସ୍କୁଲର ପ୍ରଧାନ ଶିକ୍ଷକ । ଦେହରେ ସିନା କଇଁଫୁଲିଆ ଧଳା ଧୋତି ଓ ପଞ୍ଜାବୀ, ନ ହେଲେ ରୂପଟି ଅବିକଳ ଜୁଆଙ୍ଗଟିଏ । ପୃଲିଲ ପୃଲିଲ ଗାଲ, ଟିକିଏ ବଡ଼ ବଡ଼ ଆଖି, ନୁଆଣିଆ କାନ ପାଖକୁ ଛୋଟ ଓ ଅଳ୍ପ ଚେପଟା ନାକଟିଏ । ବହଳିଆ ଓଠ ଭିତରେ ସବୁବେଳେ ତୃପ୍ତିର ଧାରେ ହସ । ଛୋଟ ମୁଣ୍ଡର ବାଳ । କଥା କଥାକେ ରସିକତା, ଭକ୍ତି ଅଶ୍ରୁର ଉଜାଣି ଯମୁନା, "ଦେ ମୋତେ ବାଉଯାକରି, ଆରେ ମୋର ବାଉସା ରଜା" । ମୀରା ବାଈଙ୍କ ଭଜନରୁ ସବୁବେଳେ ପଦେ ପଦେ ଆବୃତ୍ତି,

"ତେରି ଅଙ୍ଗମେଁ ଅଙ୍ଗ ଲଗାଉଁ ମହାପ୍ରଭୁ
ତେରି ଚିରମେଁ ଚିର ଲଗାଉଁ ।"

ରସରେ ଯେପରି ସେ ସବୁବେଳେ ଆନନ୍ଦ ଏବଂ ପ୍ରେମାଶ୍ରୁ ତାଙ୍କର ସମୁଦ୍ରନିଧି ।

ଆଶ୍ରମ ସ୍କୁଲର ପ୍ରଧାନ ଶିକ୍ଷକ ଏହି ଶ୍ରୀଯୁକ୍ତ ରସାନନ୍ଦ ଦାସ ସେଦିନ ଗଲ୍ପ ପାଡ଼ି ହାଟରେ ଆଦିବାସୀ ଜୁଆଙ୍ଗ ସଂପ୍ରଦାୟର ପିଲମାନଙ୍କୁ ସ୍କୁଲରେ ପାଠ ପଢ଼େଇବାକୁ ଅନୁରୋଧ କରୁଥିଲାବେଳେ, ଭାବ ପ୍ରବଣତାରେ ଗଦ୍ ଗଦ୍ ହୋଇ କହି ପକେଇଲେ, " ଆରେ ମୁଁବି ତ ଜଣେ ଜୁଆଙ୍ଗ, ଜଣେ କଟକିଆ ବାବୁ ମୋତେ ନେଇ, ପାଠ ପଢ଼େଇ ଏତେବଡ଼ କରେଇଛନ୍ତି । ଆଉ ତୁମେମାନେ ତୁମ ପଇମାନଙ୍କୁ ପାଠ ପଢ଼େଇବାକୁ ଡ଼ରୁଛ ? ଜୁଆଙ୍ଗ ପିଲକୁ ପାଠ ପଢ଼େଇ ମଣିଷ କରିବ, ଏହାତ କେତେ ଗୌରବର କଥା ? କ'ଣ କହୁଛ ?

ଯିଏ ଯାହା ଭାବନ୍ତୁନା କାହିଁକି, ଶିଖର କିନ୍ତୁ 'କଟକୀ ବାବୁ ନେଇଯାଇଥିବା ଓ ପୁଣି ଫେରିଆସିଥିବା, କଥାଟି ଶୁଣି ମନେମନେ ସ୍ଥିର କରିନେଇଛି ଯେ ଏହି ତା'ର ସବାସାନଭାଇ ରସିକ ଜୁଆଙ୍ଗ । ସେ କଥା ସେ ମନେମନେ ଅନେକ ତଉଲା ତଉଲି କରି, ସ୍ମୃତି ଦର୍ପଣରେ ରୂପଟି ମିଳାମିଳିକରି ସ୍ଥିରକରିଛି । ତା ସ୍ତ୍ରୀ, ଭାଇଜ, ଭାଇ ଗାଁଲୋକ–ସମସ୍ତଙ୍କୁ ଛାତିଫୁଲେଇ କହିଛି । ଆଜି ସମାଜରେ ପରିଚିତ କରେଇଦେବାଲାଗି ଭାଇ ସାହି ନେଇ ଆସିଛି ନିମନ୍ତ୍ରଣ କରିବାକୁ ଘରକୁ । ସାନଭାଇଟା, କେତେଦିନରୁ ପାଠପଢ଼ି ଗାଁଟାକୁ ଭୁଲିଗଲାଣି । ଉଦାରତାରେ ଶିଖର ଖାଲି ଭାବି ଗ୍ଳଲିଛି କେତେ କଥା ତା' ଭାଇ ଏତେ ପାଠ ପଢ଼ିଛି, ଏତେ ବଡ଼ଲୋକ ? ଧନ୍ୟରେ ଭଗବାନ ! ଆଉ ତା'ଠାରୁ ବଡ଼ କିଏ ?

ଘଟଣାଟି ଜଣାପଡ଼ିଯିବାରୁ ରସାନନ୍ଦ ଭାଇ ମଧ୍ୟ ଜୁଆଙ୍ଗ ମନର ଛତ୍ର ଚାମରତଳେ ପ୍ରେମର ଅଳିଟିଏ ହୋଇ ମଧୁ ଆହରଣ କରିବା ସଙ୍ଗେ ସଙ୍ଗେ ନିଜର କର୍ତ୍ତବ୍ୟ ଶିକ୍ଷାକୁ ପ୍ରୟୋଗ କରିବାରେ ତତ୍ପର ।

ସହଜେ ତ ରସାନଂଦ ଭାଇ ପରୋପକାରୀ ସେବାପରାୟଣ, ଭାବପ୍ରବଣ, ରସିକ ଓ ହୃଦୟଗ୍ରାହୀ ଲୋକ । ବର୍ତ୍ତମାନ ଅବହେଳିତ ଆଦିବାସୀ ସଂପ୍ରଦାୟ ଭିତରେ ଶିକ୍ଷା ସଭ୍ୟତାର ଉନ୍ନତି କରିବାଲାଗି ନିଜକୁ ରସିକ ଜୁଆଙ୍ଗକରି ପାରିଲେ କ୍ଷତି କ'ଣ ? ଅପୂର୍ବ ଆତ୍ମ ସଂବେଦନଟା ସେ ରସିକ ଜୁଆଙ୍ଗ ହୋଇଯିବାର ଆତ୍ମପ୍ରୀତି ଭରଜରେ ସିନା–ରସାନନ୍ଦ ଦାସ ହୋଇଥିବାର ଗୌରବ ଆଉ ରହିଲେ ନାହିଁ ।

କେନ୍ଦ୍ରାପଡ଼ା ଇନ୍ଦୁପୁର ଅଞ୍ଚଳର ବ୍ରାହ୍ମଣୀ ବିରୂପା ସଙ୍ଗମ ସ୍ଥଳ ଧୁମାତ ଗାଁରେ ତାଙ୍କର ଜନ୍ମ । ଜାତିରେ କରଣ । ପିଲାଟି ଦିନରୁ ଏହି ଦଳିତ ପତିତ ଜନସାଧାରଣଙ୍କ ସେବାରେ ଆତ୍ମୋତ୍ସର୍ଗ କରିବାର ବାସନା କିପରି କଳିଟିଏ ହୋଇ ଫୁଟି ଫୁଟି ଆସୁଥିଲା । ହାଇସ୍କୁଲରେ ପାଠ ପଢୁଥିଲାବେଳେ ସେ ଦେଖିଥିଲେ ଜାତୀୟତାର ସ୍ରୋତ କିପରି ଉଦ୍‌ବେଳିତ । ସ୍ୱାଧୀନ ଭାରତରୁ ଗାନ୍ଧୀଜୀଙ୍କର ତିରୋଧାନ ହୋଇଥାଏ । ସାରା ଦେଶରେ ଶୋକାକୁଳତା ଭିତରେ ଗାନ୍ଧୀଜୀଙ୍କ ଅନୁସୃତ ଆଦର୍ଶକୁ ରୂପଦେବାର ପ୍ରଭୂତ ପ୍ରଚେଷ୍ଟା । ଏତିକିବେଳେ ଛାତ୍ର ରସାନନ୍ଦ ସହପାଠୀମାନଙ୍କୁ

ଏକତ୍ରିତ କରି ନେତୃତ୍ୱ ନେଇଥିଲେ ହରିଜନମାନଙ୍କ ମନ୍ଦିର ପ୍ରବେଶ କାର୍ଯ୍ୟକ୍ରମରେ । ଗାନ୍ଧୀଜୀଙ୍କ ତିରୋଧାନର ଠିକ୍ ଚତୁର୍ଦ୍ଦଶ ଦିବସରେ ସାମାଜିକ ରକ୍ଷଣଶୀଳତାକୁ ପ୍ରତିରୋଧକରି ସେ ସମାଜ ସେବାରେ ଅନୁପ୍ରାଣିତ ହୋଇଥିଲେ ।

ସେହି ଆଦର୍ଶ, ସେହି ଜୀବନର ଧର୍ମକୁ ଅନୁସରଣ କରି ସେ ଶିକ୍ଷକତା ପ୍ରଥମେ ଆରମ୍ଭ କରିଥିଲେ ୧୯୫୩ରେ ଛତ୍ରପୁର ହାଇସ୍କୁଲରେ । ଯୁବକ ରସାନଂଦ ସେବକ ଓ ଆଧ୍ୟାତ୍ମବାଦୀ । ଯେତେବେଳେ ବିବେକାନଂଦ କହୁଥିଲେ "Religion is not in books, nor in theories, nor in dogmas, nor in talking, not even in reasoning. It is being and becoming, ସେହି being and becoming, ସତ୍ତା ଓ ସମ୍ଭୂତିର ତତ୍ତ୍ୱବେଦକୁ ଜୀବନର ପଳେ ପଳେ ଅନୁସଂଧାନ କରି ରସାନଂଦ ଭାଇ "ରସବେିସଃ"ଙ୍କ ପାଦପଦ୍ମରେ ଡ଼ଳି ଯାଇଥିଲେ । ଶ୍ରୀ ଅରବିନ୍ଦ,ଶ୍ରୀମାଙ୍କ ଯୋଗଦର୍ଶନରେ ନିଜକୁ ଅନୁପ୍ରାଣିତକରି ନବ ମାନବ ଜାତିର ସୃଷ୍ଟି ସମ୍ଭାବନା ସେ ଦେଖିଥିଲେ ଏହି ସଦାସରଳ ଜୁଆଙ୍ଗମାନଙ୍କ ଭିତରେ ବେଶୀ । ତେଣୁ ସେ ନିଜକୁ ଉତ୍ସର୍ଗ କରିଛନ୍ତି ସେମାନଙ୍କ ସେବାରେ ।

ଆଦିବାସୀ ଶିକ୍ଷା, ସଂସ୍କୃତି ଓ ଜୀବନଧାରା ଭିତରକୁ ନିଜର ଚିରାଚରିତ ମାନବିକ ପ୍ରକୃତି ଅନୁସାରେ ପ୍ରବେଶ କଲେ ୧୯୫୭ରେ ହରିଜନ ଆଦିବାସୀ ଶିକ୍ଷକ ତାଲିମକେନ୍ଦ୍ର, ସୁନାବେଡ଼ାରେ । ଜୀବନକୁ ପ୍ରତ୍ୟେକ କ୍ଷେତ୍ରରେ ପ୍ରୟୋଗକରିବା ଏବଂ ତା'ର ରସ ଆସ୍ୱାଦନ କରିବା ତାଙ୍କର ସ୍ୱଭାବ । ପ୍ରତିଟି କ୍ଷେତ୍ରରେ ସୁବିଧା ଥାଏ, ଅସୁବିଧା ମଧ୍ୟ ଥାଏ । ଆଜିକାଲିର ଚାକିରିଗୁଡ଼ାକ ଯେପରି ଯାନ୍ତ୍ରିକ ଏବଂ ସେଠାରେ କେବଳ ନିଜସ୍ୱ ସୁବିଧା ସୁଯୋଗକୁ ଛାଡ଼ିଦେଲେ ଆଉ ଅନ୍ୟମାନଙ୍କ କଥା, କର୍ତ୍ତବ୍ୟବୋଧ ବା ବିଚାରବୋଧ କିଛି ନାହିଁ, ଠିକ୍ ସେହି ଅବସ୍ଥାରେ ଯେ କୌଣସି ସ୍ଥାନରେ ପରିଚାଳନାଗତ ବା ସାଂଗଠନିକ, ଏପରିକି ବ୍ୟକ୍ତିଗତ ଅସୁବିଧାସବୁ ଦେଖାଗଲେ ରସାନଂଦ ଭାଇଙ୍କୁ ସେଠାକୁ ପଠାଇ ଦିଆଯାଏ ଏବଂ ତାଙ୍କର ଉଦ୍ୟମ, ଆନ୍ତରିକତା ଓ କର୍ତ୍ତବ୍ୟ-ନିଷ୍ଠା ବଳରେ ସବୁକିଛିକୁ ସେ ସୁବିଧାକରି ନିଅନ୍ତି ।

ଏହି ଅପହଞ୍ଚ ଜୀବନଯାତ୍ରାରେ ଦିନେ ସେ ପହଞ୍ଚିଲେ କେନ୍ଦୁଝର ଜିଲ୍ଲାରେ ଏବଂ ଅବସ୍ଥାପିତ ହେଲେ ତ୍ରିସେଚନପୁର ଆଶ୍ରମସ୍କୁଲରେ ୧୯୭୦ ମାର୍ଚ୍ଚ ମାସରେ । ତା'ପରେ ତାଙ୍କ କଳାକୁଶଳୀ ହାତର ଯାଦୁକରୀ ସ୍ପର୍ଶ କ୍ରମେ ତ୍ରିସେଚନପୁର ଏବଂ ପରେ ଜଂଘିରା ଆଶ୍ରମସ୍କୁଲ ରୂପ ପରିବର୍ତ୍ତନ କରିବାରେ ଲାଗିଲା । ସହକର୍ମୀ-ମାନଙ୍କର ସେ ହିଁ ହେଲେ ପ୍ରେରଣାର ଉତ୍ସ । ଛାତ୍ର ଛାତ୍ରୀମାନଙ୍କ ଭିତରେ ଗୁରୁ, ପିତା, ମାତା, ସହପାଠୀ, ପୁଣି ଜଣେ ଆପଣାର ବଂଧୁ ସେ ଥିଲେ । ଅପରର ମନ, ହୃଦୟ, ଭାବରକୁ ଜାଣିବାରେ ତାଙ୍କର ଯେଉଁ ଶକ୍ତି ତାହା ତାଙ୍କୁ ପ୍ରତ୍ୟେକଙ୍କ ଭିତରେ ନିଜକୁ ପ୍ରତିଷ୍ଠିତ କରାଇଥିଲା । ଏପରିକି "କ୍ଷଣେ ମାତ୍ର ସ୍ୱଜନ ସଂଗତି" ପରି କିଏସେ ତାଙ୍କ ସଂସ୍ପର୍ଶରେ ଥରେ ଆସିଲେ ସେ ସବୁଦିନେ ନିଜର ହୋଇଯାଉଥିଲା । ରାସ୍ତାର ଗୋଟିଏ ମୁଣ୍ଡରୁ ଆଉ ଗୋଟିଏ ମୁଣ୍ଡକୁ ଗଲାବେଳେ ତାଙ୍କର ସମସ୍ତେ ପରିଚିତ, ବଂଧୁ, ଆତ୍ମୀୟ ଓ ସ୍ୱଜନ । ସବୁଠାରେ ସେ ଅନ୍ୟମାନଙ୍କ ଆତିଥ୍ୟରେ ବିଳମ୍ବିତ । ତାଙ୍କ ଭିତରେ ପ୍ରଚୁର ପ୍ରେରଣା । ଭଲପାଇବାଟା ଯଦି ଅମୂଲ୍ୟ ସଂପଦ କେଉଁଠି ଥାଏ ତାହେଲେ ଏହି ଶାନ୍ତ, ସରଳ ଓ ପରୋପକାରୀ ମଣିଷଟି ଭିତରେ ଖାଲି ସଦା ହର୍ଷ ରୂପରେ ।

ନିଜର ଗଭୀର ଉଦ୍ୟମ ବଳରେ ସେ ପ୍ରଥମେ ଆଠଜଣ ଜୁଆଙ୍ଗ ପିଲାଙ୍କୁ ଜଂଘିରା ସ୍କୁଲରେ ନେଲେ ଏବଂ ସେମାନଙ୍କ ପାଇଁ ନିଜକୁ ଉତ୍ସର୍ଗ କଲେ । ଶିକ୍ଷାର ଆଲୋକ ସନ୍ଦର୍ଶନ କରି ନଥିବା ଏହି ଅବଚେତନ ଛାତ୍ରମାନଙ୍କ ଭିତରୁ ପ୍ରଥମେ ରାଜେନ୍ଦ୍ର ଜୁଆଙ୍ଗ .ମାଟ୍ରିକୁଲେସନରେ ଦ୍ୱିତୀୟ ଶ୍ରେଣୀ ପାଇଲେ । ଆଉଜଣେ ଛାତ୍ର ବିଦେଶୀ ବଂଧୁ ଜୁଆଙ୍ଗ ସୈନିକ ସ୍କୁଲରୁ ଉଚ୍ଚ ମାଧ୍ୟମିକରେ ୨ୟ ଶ୍ରେଣୀରେ ପାଶକରି Science Stream ରେ ପଢୁଛନ୍ତି । ଗୋନାସିକା ଆଶ୍ରମ ସ୍କୁଲର ଜଣେ ପିଲା ଜୁଆଙ୍ଗ ଶ୍ରୀକାନ୍ତ ଭୁବନେଶ୍ୱର ଡି ଏମ. ସ୍କୁଲର ଛାତ୍ର ।

ସେତେବେଳର ଜିଲ୍ଲାପାଳ ଶ୍ରୀଯୁକ୍ତ ଦୀନେଶଚନ୍ଦ୍ର ଗୁପ୍ତଙ୍କ ଦୃଷ୍ଟିରେ ପଡ଼ିଲେ ରସାନନ୍ଦ ଭାଇ । ରସିକ ଜୁଆଙ୍ଗ ବୋଲି ତାଙ୍କର ପରିଚୟ ହୋଇ ଯାଇଥାଏ । ଆଦିବାସୀ ଉନ୍ନୟନରେ ତାଙ୍କର ତତ୍ପରତା ଅବିଦିତ ନ ଥାଏ । ଜୁଆଙ୍ଗପୀଢ଼ ଗୋ-ନାସିକାର ଉନ୍ନତି ଓ ଅଗ୍ରଗତି ପାଇଁ ଜଣେ ଉତ୍ସର୍ଗିତ କର୍ମୀଙ୍କର ଆବଶ୍ୟକତା ଥାଏ, ଯିଏକି ଜୁଆଙ୍ଗ ସଂସ୍କୃତି ଓ ବିଚାରଧାରା ସହିତ ନିଜକୁ ମିଶାଇ ପାରୁଥିବେ । ସୁତରାଂ ପରିଶେଷରେ ରସାନନ୍ଦ ଭାଇ ଗୋନାସିକା ଆଶ୍ରମ ସ୍କୁଲର ପ୍ରଧାନ ଶିକ୍ଷକ ରୂପେ ଅବସ୍ଥାପିତ ହେଲେ ।

ସେତେବେଳେ ଗୋନାସିକାକୁ ଅଗମ୍ୟ ରାସ୍ତା । ବାଟେ ବାଟେ ବାଘ, ଭାଲୁ ଆଦି ହିଂସ୍ରଜନ୍ତୁଙ୍କ ଉପଦ୍ରବ । ଜୁଆଙ୍ଗ ପିଲାମାନଙ୍କ ପାଠପଢ଼ାରେ ଦାରୁଣ ଅନିଚ୍ଛା । ସେମାନଙ୍କ ବାପା, ମାଆମାନଙ୍କ ତଦ୍ରୂପ ଅନିଚ୍ଛା ସତ୍ତ୍ୱେ, ଜଣେ ଜାତି-ଭାଇର ପ୍ରୀତିରସର ସ୍ପର୍ଶ ଯେତେବେଳେ ଅବାରିତ ଭାବରେ ଦୁଆରେ ଦୁଆରେ ଜୁଆଙ୍ଗ ପଲ୍ଲୀ ସବୁରେ ମିଶିଲା, ହାଟ, ବାଟ ଆଲୋଚନାରେ ସ୍ପର୍ଶକଲା, ଭଲ, ମନ୍ଦ, ରୋଗ ଭିତରେ ହୃଦୟରେ ଅନୁଭବ କଲା, ସେତେବେଳେ ସେମାନେ କ୍ରମେ ଟାଣହୋଇ ଆସଲେ ଉନ୍ନତ ଜୀବନ ଧାରାର ସ୍ୱାଦ ଭିତରକୁ ଜାତିଭାଇ ଲୋକ ବୋଲି ପଧାନମାନେ, ସର୍ଦ୍ଦାରମାନେବି ଶ୍ରଦ୍ଧାକଲେ । ଭୋଜି ଭାତର ନିମନ୍ତ୍ରଣରେ ରସାନଂଦ ଭାଇ ନିଜର ତଥା କଥିତ ଭାଇ, ଭାଉଜ, ଶଳା, ଶାଳୀ, ପୁଅ, ଝିଅ, ନାତି, ନାତୁଣୀମାନଙ୍କ ଭିତରେ ମିଶି ନିଜକୁ ଅପରିବର୍ତ୍ତନୀୟ ରସିକ ଜୁଆଙ୍ଗରେ ପରିଣତ କରିଦେଲେ ।

ଗୋନାସିକା ଆଶ୍ରମ ସ୍କୁଲ କ୍ରମେ ତାଙ୍କରି ଯତ୍ନ ଓ ନେତୃତ୍ୱରେ ଦର୍ଶନୀୟ ଏବଂ ଆଦର୍ଶ ହୋଇ ଉଠିଲା । ଦୂର ଦୂରାନ୍ତରୁ ଛାତ୍ର ଛାତ୍ରୀମାନେ ଆସିଲେ, ପରିଦର୍ଶକ, ସଂବାଦ ସଂଗ୍ରାହକ

ପରିବ୍ରାଜକ, ସଂଗଠକ, ସରକାରୀ କର୍ମକର୍ତ୍ତା, ସମାଜସେବୀ ଅନୁଷ୍ଠାନ, ଆଦିବାସୀ ଗବେଷଣା ପ୍ରତିଷ୍ଠାନ ଓ ଅସଂଖ୍ୟ ଅନୁଷ୍ଠାନର ବ୍ୟକ୍ତି ବିଶେଷ, ଉଚ୍ଚ ପଦାଧିକାରୀ ଗୋନାସିକାକୁ ଆସିଲେ ଏବଂ ତାଙ୍କର ଆତିଥ୍ୟ, ସାହାଯ୍ୟ, ସହଯୋଗରେ ନିଜକୁ ସାମିଲ୍ କଲେ ।

ଆଶ୍ରମ ସ୍କୁଲର ବିରାଟ ବିରାଟ କଦଳୀ କାନ୍ଧି,ଅମୃତଭଣ୍ଡା, କୋବି, ଅନ୍ୟାନ୍ୟ ପନିପରିବା ସମସ୍ତଙ୍କ ଦୃଷ୍ଟି ଆକର୍ଷଣ କଲା ! ଜୁଆଙ୍ଗମାନେ ବି ବାଡ଼ି ବଗିଚାରେ ଏପରି ଗଛ କରିବାର ପ୍ରେରଣା ପାଇଲେ । ଦୂର ଦର୍ଶନାର୍ଥୀଙ୍କ ମନ ନୟନରେ ନୃତ୍ୟ ରଚନା କଲେ ଅସଂଖ୍ୟ ରଙ୍ଗ ଆଡ଼ମ୍ବର ଓ ପରିପାଟୀର ଡାଲିଆ ଓ ଗୋଲାପ ଫୁଲସବୁ । ସବୁଜ ବନ କାନନ ଭିତରେ ଫୁଲର ସୌନ୍ଦର୍ଯ୍ୟ ତାଙ୍କୁ ଦେଇଥିଲା ଆହୁରି ଆନନ୍ଦ ଘନରସ ।

ଶିକ୍ଷା, ସମାଜସେବା ଭିତରେ ଶ୍ରୀ ଅରବିନ୍ଦଙ୍କ ଯୋଗ ଜୀବନକୁ ସେ ରୂପାୟିତ କରି ଚାଲିଲେ । ଆଶ୍ରମ ସ୍କୁଲରେ ଛାତ୍ର ଛାତ୍ରୀମାନେ ସଂଗଠନ କଲେ ଶ୍ରୀ ଅରବିନ୍ଦ ଛାତ୍ର ସମାଜ । ନିଜକୁ ଆଦର୍ଶ ଛାତ୍ର ଭାବରେ ଗଢ଼ିବାର ଆନନ୍ଦ ଅନୁଭବ କଲେ ଶରୀରରେ, ପ୍ରାଣରେ, ମନରେ ଓ ଆତ୍ମାରେ ।

ଜିଲ୍ଲାପାଳ ଶ୍ରୀଯୁକ୍ତ ଫଣିଭୂଷଣ ଦାସଙ୍କ ନେତୃତ୍ୱରେ ଆରମ୍ଭ ହେଲା ଇମ୍ରା (IMRA) Institute for Management of rural affairs, August 1982 ରେ । ଜିଲ୍ଲାର ପ୍ରତ୍ୟେକ କୋଣରୁ ଉତ୍ସାହୀ ଯୁବକ, ଉଦ୍ୟମଶୀଳ କର୍ମୀ ସବୁ ଆସିଲେ ତାଲିମ୍ ନେଇ ନିଜକୁ ଓ ନିଜ ଗାଁ କୁ ଉନ୍ନୟନ ଯୋଜନା ସବୁରେ ଆଗେଇ ନେବା ପାଇଁ । ସେଠାରେ ମଧ୍ୟ ଯୁବକ, ବୃଦ୍ଧ, ସେବକ, କର୍ମୀ, ନେତା ଓ ସମସ୍ତଙ୍କର ତତ୍ତ୍ୱାବଧାରକ ଏହି ରସିକ ଜୁଆଙ୍ଗ ଅନେକ ପ୍ରେରଣାରେ ଆଉ ଏକ ଗୋନାସିକା ପର୍ବତ ଯାହାଙ୍କ ହୃଦୟରେ ରସର ବୈତରଣୀ ନିତ୍ୟ ପ୍ରବାହିତ ।

ଆଶ୍ରମ ସ୍କୁଲକୁ ଯିଏ ଆସିଛନ୍ତି, ଫେରିଗଲା ବେଳେ ଦେଖିଛନ୍ତି ଦୁଇଟି ଆଖିର ବିରହ ଅଶ୍ରୁ-କି ଅପର୍ଯ୍ୟାପ୍ତ ସ୍ନେହ ? ଘରେ ଭାରିଜ ବୁଢ଼ୀ ହେଲେଣି, ବଢ଼ିଲା ପୁଅ ଝିଅଙ୍କ ବିବାହ, ସ୍ଥିତିରି ଆଉ ଅଳ୍ପ କେଇଦିନ ମାତ୍ର, ଜମି, ବାଡ଼ି, ଘରଦ୍ୱାରର ନାଁ ଅଛି ଏ ଦୀର୍ଘ ସ୍ଥିତିରି କାଳରେ ସଂଗଠନ କେବଳ ଅଛି ସେବା ଓ ପ୍ରେମ ।

Service to humanity is service to God.
Love is not to possess but to give one self.

The Mother

କିଛି ପାଇବା ଆଶାରେ ନୁହେଁ ନିଜକୁ ଦେଇ ଦେବାହିଁ ପ୍ରେମ

ଶ୍ରୀମା ।

ଶିଖର ଜୁଆଙ୍ଗ ରହିଛି ଧୋବ ଧଉଳିଆ ଭାଉଟି ଆଡ଼େ । ଏହିତା ରସିକ । ଅବିକଳ ମୁହଁ । ଆଖିରୁ ତା'ର ଅଶ୍ରୁଝରି ଯାଉଛି । ଶୁଖିଲା ମୁହଁଟା ଭିତରୁ ଆଖି ଦୁଇଟା ବେଶୀ ତୃଷ୍ଣାର୍ତ୍ତ ଜଣାଯାଉଛି । ଏହି ଦୃଷ୍ଟିକୁ ରସିକର ଦୃଷ୍ଟିବି ଏଡ଼େଇ ଦେଇ ପାରୁନାହିଁ । ଦେଖଣାହାରୀ କେତେ ଦେଖୁଛନ୍ତି ? କିଏ ଫୁସ୍ ଫୁସ୍ କଲାଣି, "ଏ ହେଡ଼ସାର୍ ଜାତିରେ ଜୁଆଙ୍ଗ" ।

ହାଟର ଅଗଣିତ ଲୋକେ ଦେଖିଯାଉଛନ୍ତି ରସିକ ଜୁଆଙ୍ଗ ବଡ଼ ଭାଇ ଶିଖର ଜୁଆଙ୍ଗକୁ ନିଜର ଶିକ୍ଷା ସଭ୍ୟତାର ପରିସ୍ଥ ଛାତି ଭିତରେ ଯାବୁଡ଼ି ଧରି ଗୋଟିପଣ ନିଜର କରି ନେଇଛି । ଶ୍ରୀମା କହିଛନ୍ତି, "ଭାଇରେ ସେବକ ଭାଇ, କି ସୁନ୍ଦର ଏହି ଦୀନ ସେବକର ଭୂମିକା " ଦିନ ଅତିକ୍ରାନ୍ତ ହୋଇ ଯାଉଛି, ସମାଜ ଦୂଷିତ ହୋଇ ଯାଉଛି ବୋଲି ଅନେକ ଆଶଙ୍କା ପ୍ରକାଶ କରୁଛନ୍ତି । ସ୍ୱାର୍ଥ, ଅହମିକା, ଶଠତା କ୍ରମେ ବ୍ୟକ୍ତି ଓ ସମାଜ ଜୀବନକୁ ଆଚ୍ଛନ୍ନ କରି ପକାଉଛି ବୋଲି କେତେ ପ୍ରମାଦ ଗଣିଲେଣି । ସେମାନଙ୍କ ପାଇଁ ଆଶା ଆଶ୍ୱାସନାର କାହାଣୀ ଏହିପରି ଅନେକ ସେବକ । ଭାରତୀୟ ସଂସ୍କୃତିର ମୂଲ୍ୟବୋଧ, ତା'ର ଜୀବନ ଧାରା କୌଣସି କାଳେ ଚିରଦିନ ପାଇଁ ଲିଭିଯାଇ ନାହିଁ । ଉତ୍ଥାନ ପତନ ଭିତରେ ଯିଏ ଦୃଷ୍ଟି ଖୋଲିଛି ସେ ଆଲୋକର ସ୍ପର୍ଶ ପାଇଛି, ଯିଏ ତନ୍ଦ୍ରାକୁ ସେ କେବଳ ଅନ୍ଧାର ଦେଖିଛି । ବିଶ୍ୱ ଦେଖ ମଧୁମୟରେ ଜୀବନ ବିଶ୍ୱଦେଖ ମଧୁମୟ ଦେଶରେ ଶ୍ରୀ ଅରବିନ୍ଦଙ୍କର ମହାନ୍ ସୂଚନା :

Was than the sun a dream, because there is night.

Savitri..

୦୦୦

ମାତୃ ନିଳୟ, ମାଇନିଂ ରୋଡ, କେଉଁଝର

"ମାନବ ଜାତି ଏବେ ଆନ୍ତର୍ଜାତିକ ଅର୍ଥନୀତି ଭୁଷୁଡ଼ି ପଡୁଥିବା ଓ ପରମାଣୁ ଯୁଦ୍ଧ ଯୋଗୁଁ ଧ୍ୱଂସ ପାଉଥିବା ବିପଦର ସମ୍ମୁଖୀନ । ଏ ବିପଦ ଯଦି ପ୍ରକୃତରେ ଆସେ ଆମମାନଙ୍କ ଭିତରୁ ବୃହତ୍, କ୍ଷୁଦ୍ର, ଧନୀ, ଦରିଦ୍ର, ଉତ୍ତରର ବା ଦକ୍ଷିଣର, ପୂର୍ବର ବା ପଶ୍ଚିମର କେହି ବର୍ତ୍ତିଯାଇ ପାରିବେ କି ?

—ଶ୍ରୀମତୀ ଇନ୍ଦିରା ଗାନ୍ଧୀ

# ପୁରୀର ଲୋକନୃତ୍ୟ

ଶ୍ରୀ ତାରାକାନ୍ତ ମହାନ୍ତି

ସମାଜର ସାମୂହିକ ବିକାଶ ଓ ସାଂସ୍କୃତିକ ଚେତନାର ପରିଚିହ୍ନ କରେ ଲୋକ ନୃତ୍ୟର ସୃଷ୍ଟି । ଧର୍ମଧାରଣା ଜଡ଼ିତ ନାନା ପାରମ୍ପରିକ ଉତ୍ସବ ଓ ଧର୍ମାନୁଷ୍ଠାନ ସହିତ ଦୀର୍ଘକାଳର ସଂପର୍କ ହେତୁ ଲୋକ ନୃତ୍ୟ ଓ ସଂଗୀତଗୁଡ଼ିକ ସାଧାରଣତଃ ସଂପୃକ୍ତ ଦେବଦେବୀଙ୍କର ଆରାଧନାମୂଳକ ହୋଇଥାଏ । ମୁଖ୍ୟତଃ ଲୋକ ନୃତ୍ୟଗୁଡ଼ିକ ଚିତ୍ତବିନୋଦନ ଓ ମନୋରଂଜନର ଏକ ବିଶିଷ୍ଟ ମାଧ୍ୟମ ଭାବରେ ପରିଗଣିତ ।

ପୁରୀରେ ପ୍ରଚଳିତ ଲୋକ ନୃତ୍ୟଗୁଡ଼ିକ ମଧ୍ୟରେ ନାଗା ନୃତ୍ୟ, ରାବଣ ନୃତ୍ୟ ଓ ମେଢ଼ ନୃତ୍ୟ ଅନ୍ୟତମ ।



## ରାବଣ ନୃତ୍ୟ

ରାବଣ ନୃତ୍ୟ ସାଇଯାତ ବା ସାହିଯାତ୍ରାର ଏକ ଅଂଶ ବିଶେଷ । ଚୈତ୍ର ମାସ ରାମ ନବମୀରେ ରାମ ଜନ୍ମଠାରୁ ରାବଣ ବଧ ଓ ରାମାଭିଷେକ ଉତ୍ସବ ପରିସମାପ୍ତି ପର୍ଯ୍ୟନ୍ତ ପ୍ରାୟ ଆଠ ନଅଟି ଦିନ ପୁରୀ ସହରର ଗଳିକନ୍ଦି ମୁଖରିତ ହୋଇ ଉଠେ ଓ ପୁରୀର ବିଭିନ୍ନ ଯୋଗ ଆଖଡ଼ା ଏହି ଉତ୍ସବର ଆୟୋଜନ କରିଥାନ୍ତି । ରାମ ନବମୀ ଦିନ ରାମଜନ୍ମ । ସେଦିନ କାଳୀକାଦେବୀ ସାହିରୁ ରାମ, ଲକ୍ଷ୍ମଣ, ଭରତ, ଶତ୍ରୁଘ୍ନ, ଦଶରଥ ଓ ବଶିଷ୍ଠ ବାହାରି ଶ୍ରୀମନ୍ଦିରକୁ ଆସନ୍ତି । ଦଶମୀ ଦିନ ସୁବାହୁ, ମାରିଚ ହରଚଣ୍ଡୀ ସାହିରୁ ବାହାରେ । ଏକାଦଶୀ ଦିନ ପର୍ଶୁରାମ ବାହାରେ । ନୃତ୍ୟ ମଧ୍ୟରେ ପର୍ଶୁରାମ ସଦର୍ପେ ଘୋଷଣା କରେ—

"ବୀରବର ପର୍ଶୁରାମ,
ଜାନୁଘଣ୍ଟ ପର୍ଶୁରାମ,
ମୁଁ ତ ରାମ ଆଉ କେ ରାମ ?

ଦ୍ୱାଦଶୀ ଦିନ ଦୋଳମଣ୍ଡପ ସାହିରୁ ସୀତା ଚୋରି ବା ମାୟା ରାବଣ ବାହାରେ । ତ୍ରୟୋଦଶୀ ଦିନ କୁଣ୍ଡେଇବେଣ୍ଟ ସାହିରୁ ଲଙ୍କାପୋଡ଼ି ରାବଣ ବାହାନ୍ତି । ପୂର୍ଣ୍ଣମୀ ଦିନ ବାଲିସାହିରୁ ରାବଣ ବାହାରେ । ନାଚମଧ୍ୟରେ ତା'ର ସଂତାପ ବା ବିଳାପ ଦେଖ –

"ରାବଣରେ ଚୋରା,
ଭାଇରେ କୁମ୍ଭକର୍ଣ୍ଣ,
ପୁତ୍ରରେ ମେଘନାଦ,
ହା ବତ୍ସ, ହା ବତ୍ସ,
ମାରିବି, ମରିବି,
ବଡ଼ିଆ ରାମକୁ ନେଇ ପାତାଳେ ପଶିବି ।"

ବାଲିସାହି ରାବଣ ବାହାରିବା ଅବ୍ୟବହିତ ପୂର୍ବରୁ ଦଶମୁଣ୍ଡ ଓ କୋଡ଼ିଏ ହାତ ସଂଲଗ୍ନ ଓଜନିଆ ଚାଟିକୁ ଆଖଡ଼ାରେ ପୂଜା କରାଯାଏ । ମଦ, ଶୁଖୁଆ ଓ ବିରିପକା ଖେଚୁଡ଼ି ଭୋଗ ହୁଏ । ଯେ ରାବଣ ଉଠାଏ, ସେ ସେହି ଭୋଗ ଖାଏ । ସେଦିନ ଶ୍ରୀ ଜଗନ୍ନାଥଙ୍କୁ ବର୍ଷକରେ ଥରକ ସ୍ୱର୍ଣ୍ଣ ମନ୍ଦାର ମାଳ ଲାଗି ହୁଏ । ତା'ପରେ ସେ ମାଳ ରାବଣ ବେକରେ ପଡ଼େ । ରାବଣ ନୃତ୍ୟ କରି କରି ସାହି ସାହି ବୁଲି ପରିଶେଷରେ ଜଗନ୍ନାଥ ବଲ୍ଲଭରେ ଯାଇ ପହଞ୍ଚେ । ସେଠାରେ କେତେକ ପାରଂପାରିକ ଅନୁଷ୍ଠାନ ପରେ ପରେ ରାମଙ୍କ ଶରାଘାତରେ ସେ ନିହତ ହୁଏ ।

ରାବଣ ହେବା ଯୋଗ୍ୟତା ସମସ୍ତଙ୍କର ନ ଥାଏ । ଏଥି ପାଇଁ ପ୍ରଚୁର ଶାରିରୀକ ଶକ୍ତିର ଆବଶ୍ୟକତା ଥାଏ । କାରଣ ପ୍ରାୟ ଅଧ ମହଣ ଓଜନର ଚାଟି ଓ ଆନୁଷଙ୍ଗିକ ବିଭିନ୍ନ ପଦାର୍ଥ ବହନ କରି ନୃତ୍ୟର ତାଳେ ତାଳେ ସାହି ପ୍ରଦକ୍ଷିଣ କରିବା ଏକ କଷ୍ଟକର ବ୍ୟାପାର । ଅସହ୍ୟ ଗରମରେ ମୁଣ୍ଡ ବୁଲେଇ ପଡ଼ିଯିବା ଓ ବାନ୍ତି କରିବାର ଆଶଙ୍କା ଥାଏ ପ୍ରତି ମୁହୂର୍ତ୍ତରେ ।



ରାବଣ ନୃତ୍ୟର ବାଦ୍ୟ ତେଲିଙ୍ଗି ବାଦ୍ୟ ଓ ପଖାଉଜ । ପାଦରେ ଘୁଂଘୁର ବାନ୍ଧି ଓ ହତା ଧରି ବାଦ୍ୟର ତାଳେ ତାଳେ ରାବଣ ନୃତ୍ୟ ଖୁବ୍ ଉପଭୋଗ୍ୟ ।

## ନାଗା ନୃତ୍ୟ

ନାଗା ସାହି ଯାତ୍ରାର ଅନ୍ୟତମ ଶ୍ରେଷ୍ଠ ଆକର୍ଷଣ । ନାଗା ବେଶ ମୁଖ୍ୟତଃ ପାଇକ ବେଶ । ଅଣ୍ଟାରେ ସେ ବାଘଛାଲ ପିନ୍ଧିଥାଏ । ମୁହଁରେ ନିଶଦାଢ଼ୀ ଲଗାଏ । ମୁଣ୍ଡରେ ଜଟାଜୁଟ ଓ ଚକ୍ର ସମେତ ଆଭରଣକୁ 'ହାଣ୍ଡିଆ' କୁହାଯାଏ । ନାକରେ ଲମ୍ବା ସିନ୍ଦୁର କଳି, କପାଳରେ ରାମାନନ୍ଦୀ ଚିତା, ବାହୁ ମୂଳରେ ଏରା ପକ୍ଷୀରେ ତିଆରି କଲିଙ୍ଗି, ଗଳାରେ ସୁନା ପୋହଳା ମିଶ୍ରିତ ବାଘ ନଖର ଲକେଟ, ଦୁଇ ହାତରେ ସୁରମ୍ୟ ପାଟ କପର ଓହଳମାଳ, ବାହୁରେ ବାହୁଟୀ, ଜଙ୍ଘରେ ଘଂଟି, ଡାହାଣ ଗୋଡ଼ରେ ରୂପା ଶିକୁଳୀ, ନଳୀଗୋଡ଼ ତଳକୁ ବାଳରେ ବନ୍ଧା ତଉଁରା–ଏସମସ୍ତ ନାଗାର ଭୂଷଣ । ନାଗା ଷୋହଳଟି ଅସ୍ତ୍ରଶସ୍ତ୍ର ବ୍ୟବହାର କରିଥାଏ– ତରବାରୀ, ଛୁରୀ, ବାଙ୍କଛୁରୀ, କଟାରୀ, ଧନୁଶର, କୁନ୍ତ, ବର୍ଚ୍ଛା, ଟେଣ୍ଟା, ବନ୍ଧୁକ, ଚକ୍ର, ମୁଦଗର, ନିଛାମ୍, ସିଙ୍ଗଡ଼ା, ରଂକକଦାନୀ, କୁଦା, ଢାଲ, ନାଗାର ପିଠି ପଟେ ଧନୁ ଭଳି ଗୋଟାଏ ଫ୍ରେମ ବ୍ୟବହୃତ ହୁଏ । ଏହାକୁ ଡେଣ୍ଟୁ କୁହାଯାଏ । ଏଥିରେ ଶର ଓ ଅନ୍ୟାନ୍ୟ ଅସ୍ତ୍ର ଶସ୍ତ୍ର ସଜ୍ଜିତ ହୋଇଥାଏ । ଡେଣ୍ଟୁର ଅନ୍ୟ ନାମ ତାଟି । ନାଗା ଶରୀରର ଉଜ୍ଜ୍ୱଳତା ପାଇଁ 'ରାମରଜ' ହଳଦିଆ ରଙ୍ଗର ଏକ ପ୍ରକାର ଗୁଣ୍ଡ ବ୍ୟବହାର କରାଯାଏ ।

ନାଗା ନାଚରେ ବ୍ୟବହୃତ ହାଡ଼ି ବାଦ୍ୟ ଯନ୍ତ୍ର ବୀର ବାଜାର ଭୂମିକା ଗ୍ରହଣ କରେ । ଓଡ଼ିଶୀର ଗଜ ଧୀମା ବା ପଡ଼ି ଭଳି, ଶାସ୍ତ୍ରୀୟ ରାଗ ବିରହିତ ବା ଦୃଢ଼ ଭଳି ନାଗା ବାଜାର ଟେଁପୋ ଧୀରରୁ ପ୍ରଖର ଓ ପ୍ରଖରରୁ ଧୀର ହୋଇଥାଏ । ନାଗା ନୃତ୍ୟରେ ବାଦ୍ୟକାରର ଗୁରୁତ୍ୱ ମଧ୍ୟ କିଛି କମ୍ ନୁହେଁ । ତା'ର ମଧ୍ୟ ଅଂଶ ଗ୍ରହଣ ମନୋବୃତ୍ତି ଆବଶ୍ୟକ । ତାକୁ ମଧ୍ୟ ନାଚି ନାଚି ଉତ୍ସାହ ଦେବାକୁ ପଡ଼େ । ଉଭୟଙ୍କ ସହଯୋଗରେ ହିଁ ନାଗା ନାଚର ସଫଳତା ।

ନାଗା ନାଚ ପାଇଁ ମଧ୍ୟ ପ୍ରଚୁର ସହନ ଶକ୍ତି ଆବଶ୍ୟକ । ଦୁଇ ତିନି ଗୁଣ ଓଜନର ସାଜ ପିନ୍ଧି ନାଚିବା ବଡ଼ ଦୁରୂହ ବ୍ୟାପାର । ନାଗା ବେଶ ଅନେକଙ୍କ ପାଇଁ ବାହାଦୁରୀର ଏକ ନିର୍ଭର ଯୋଗ୍ୟ ପ୍ରଶଂସା ପତ୍ର ।

ନାଗା ଓ ରାବଣ ଯଥାର୍ଥରେ ପୁରୀ ଗଣ ମାନସର ବୀରତ୍ୱ ଓ ପୌରୁଷ ନିମନ୍ତେ ଏକ ଶକ୍ତିଶାଳୀ ପ୍ରତୀକ ।



## ମେଢ଼ ନାଚ

ମେଢ଼ ନାଚ ଅନ୍ୟତମ ପ୍ରଚଳିତ ଓ ଲୋକପ୍ରିୟ ଲୋକ ନୃତ୍ୟ । ଏହି ନୃତ୍ୟ ପରିବେଷଣର ନିର୍ଦ୍ଦିଷ୍ଟ ବିଧି କିଛି ନାହିଁ । ସାହି ଯାତ୍ରା ସମୟରେ, ତଦ୍‌ଭିନ୍ନ ଉତ୍ସବ ସମୟରେ ଓ ଆବଶ୍ୟକ ହେଲେ ଯେ କୌଣସି ଅନୁଷ୍ଠାନରେ ଏହି ନୃତ୍ୟ କରାଯାଇ ପାରେ ।

ମେଢ଼ ନାଚ ମଧ୍ୟରେ ଦୁର୍ଗା, ଶିବ, କାଳୀ, ଗଣେଶ ମେଢ଼ ଆଦି ପ୍ରଧାନ । ବିଭିନ୍ନ ନୃତ୍ୟରେ ବିଭିନ୍ନ ମୁଖା ବ୍ୟବହୃତ ହୁଏ । ଜରି ଜମ୍ବୁରା ଖଚିତ ସୂକ୍ଷ୍ମକାମ ସଂପୂର୍ଣ୍ଣ ଓ ବଡା ପାଡିଆରେ ନିର୍ମିତ ଚାଟିକୁ ମେଢ଼ କୁହାଯାଏ । ନୃତ୍ୟକାରୀ ପଛରେ ଏହି ଚାଟି ବନ୍ଧାଯାଏ । ମୁହଁରେ ମୁଖା ଲଗାଯାଏ ଓ ଆବଶ୍ୟକ ବସ୍ତ୍ରାଦି ପହରଣ ପୂର୍ବକ ପାଦରେ ଘୁଙ୍ଗୁର ବାନ୍ଧି ବାଦ୍ୟର ତାଳେ ତାଳେ ନୃତ୍ୟ କରିବାକୁ ପଡ଼େ । ଏହି ନୃତ୍ୟର ବାଦ୍ୟ ହାଡ଼ି ଢୋଲ, ଘଣ୍ଟେଡ଼ି ଓ ମହୁରୀ । ଏହି ନୃତ୍ୟର ଅସୁବିଧା ଏହିକି ନୃତ୍ୟକାରୀ ମୁଖା ବ୍ୟବହାର କରିଥିବାରୁ ନୃତ୍ୟର ତାଳେ ତାଳେ ଯିବା ସମୟରେ ରାସ୍ତାଘାଟ ବାରି ପାରେନା । ତେଣୁ ତାକୁ ସାହାଯ୍ୟ କରିବା ପାଇଁ ନୃତ୍ୟକାରୀର ଆଗରେ ବା ପଛରେ ଜଣେ ସାହାଯ୍ୟକାରୀ ତାକୁ ବାଟ ଦେଖାଇବାରେ ସାହାଯ୍ୟ କରେ । ଅନ୍ୟ ବିଶେଷତ୍ୱ ଏହିକି ଏହି ମୁଖାସବୁକୁ ବିଭିନ୍ନ ପୀଠରେ ବର୍ଷସାରା ପୂଜା କରାଯାଉଥାଏ । ନୃତ୍ୟ ସମୟରେ ନୃତ୍ୟକାରୀ ଏହି ମୁଖା ପରିଧାନ କରି ନୃତ୍ୟ କରିସାରିବା ପରେ ଏହି ମୁଖା ପୁନର୍ବାର ପୂଜା ଆସ୍ଥାନକୁ ଫେରିଯାଇ ପୂର୍ବପରି ପୂଜା କରାଯାଏ । ମେଢ଼ ଗଳିକନ୍ଦି ମଧ୍ୟ ଦେଇ ଗତି କରିବା ସମୟରେ ଦର୍ଶକମାନେ ବିଭିନ୍ନ ସ୍ଥାନରୁ ଏହି ନୃତ୍ୟ ଉପଭୋଗ କରନ୍ତି । ମେଢ଼ ନାଚ ଅତି ଲାଳିତ୍ୟପୂର୍ଣ୍ଣ ଓ ଓଡ଼ିଶୀ ନୃତ୍ୟ ସମର୍ଥିତ । ○○○

ଜିଲ୍ଲା ସୂଚନା ଓ ଲୋକ ସଂପର୍କ
ଅଧିକାରୀ ପୁରୀ ।

## ଓଡ଼ିଶାରେ ବୟନ ଶିଳ୍ପର ଅଭିବୃଦ୍ଧି ପାଇଁ ବ୍ୟବସ୍ଥା

ଓଡ଼ିଶା ବୟନ ଶିଳ୍ପର ପ୍ରାଚୀନ ଗୌରବ ଫେରାଇ ଆଣିବାପାଇଁ କେତେକ ନିର୍ଦ୍ଦିଷ୍ଟ ପଦକ୍ଷେପ ନିଆଯାଇଛି ଏବଂ ଏଦିଗରେ ଉତ୍ସାହଜନକ ସୁଫଳ ହାସଲ କରାଯାଇ ପାରିଛି । ଷଷ୍ଠଯୋଜନା କାଳ ମଧ୍ୟରେ ୧ ଲକ୍ଷ ତନ୍ତ ସରକାରୀ ସହାୟତାରେ ପ୍ରତିଷ୍ଠା କରାଯିବାର ଯେଉଁ ଲକ୍ଷ୍ୟ ଧାର୍ଯ୍ୟ କରାଯାଇଛି, ସେଥିମଧ୍ୟରୁ ଏବେ ସୁଦ୍ଧା ୬୬,୮୮୪ଟି ପ୍ରତିଷ୍ଠା କରାଯାଇ ସାରିଲଣି । ଏହାବ୍ୟତୀତ ୨୪,୦୮୮ଟି ତନ୍ତର ଆଧୁନିକୀକରଣ କରାଯାଇ ସାରିଲଣି । ୧୯୮୨-୮୩ ଆର୍ଥିକ ବର୍ଷରେ ୪୦୦ କଳତନ୍ତ ବିଭିନ୍ନ ଅନୁଷ୍ଠାନକୁ ବଣ୍ଟାଯାଇଛି ।

ରାଜ୍ୟରେ ୧୦ଟି ସୂତାକଳ ପ୍ରତିଷ୍ଠା କରାଯିବାର ପରିକଳ୍ପନା ରହିଛି । ଏଥିମଧ୍ୟରୁ ସମବାୟ ମାଧ୍ୟମରେ ୭ଟି ପ୍ରତିଷ୍ଠା କରାଯିବ । ଏହି ୧୦ଟି ସୂତାକଳରୁ ଉତ୍ପାଦିତ ସୂତାକୁ ରାଜ୍ୟର ବୁଣାକାରମାନଙ୍କୁ ଯୋଗାଇ ଦିଆଯିବ ।

ଗୋଟିଏ ଛୋଟ ପିଲା, ତାହାର କ'ଣ ଆବଶ୍ୟକ, ଉପଲବ୍ଧି କରି ପାରିଲେ ମଧ୍ୟ ପୂରଣ କରିବାକୁ ସମର୍ଥ ହୁଏ ନାହିଁ ବହୁ କାରଣରୁ । ତା'ର ସେହି ଆବଶ୍ୟକତାକୁ ପୂରଣ କରିବା ଲାଗି ଆଗେଇ ଆସନ୍ତି ବୟସ୍କ ଲୋକ ଅର୍ଥାତ୍ ବାପ, ମା, ବଡ଼ଭାଇ, ଭଉଣୀ କିମ୍ବା ଆତ୍ମୀୟ ସ୍ୱଜନମାନେ ।

ସେହିପରି ବଡ଼ ହେବା ପରେ ବି ଲୋକମାନେ ସେମାନଙ୍କର ଆବଶ୍ୟକତା କଥା ଉପଲବ୍ଧି କଲେ ମଧ୍ୟ ପୂରଣ କରି ପାରନ୍ତି ନାହିଁ ନାନା ଅସୁବିଧା ହେତୁ । ସେତେବେଳେ ସେହି ଆବଶ୍ୟକତାକୁ ପୂରଣ କରିବା ଲାଗି ଆଗେଇ ଆସନ୍ତି ରାଜ୍ୟ-ନିୟନ୍ତ୍ରକ ବା ସରକାର ।

କଥାରେ ଅଛି ଜଣକ ଚେଷ୍ଟାରେ କୌଣସି କାର୍ଯ୍ୟ ହୋଇ ନ ପାରିଲେ ସମୂହ ଚେଷ୍ଟାରେ ନିଶ୍ଚିତ ଫଳବତୀ ହୁଏ ।

ଏହି ପ୍ରସଙ୍ଗରେ ଅନ୍ୟାନ୍ୟ ଅଭାବ ଅସୁବିଧାକୁ ଆଲୋଚନା ମଧ୍ୟକୁ ନ ଆଣି ଏକ ଅନ୍ୟ ଅବହେଳିତ ବିଷୟର ଆଲୋଚନା କରୁଛି ।

ଥିଲା ଏବଂ ଅନ୍ୟ ପ୍ରଦେଶରେ ଏହା ଅଛି କି ନା ବିଷୟ ବିଗ୍ରହକୁ ନେଲେ ଆବଶ୍ୟକତା ସଂବନ୍ଧରେ ଗୋଟାଏ ଭିତ୍ତି ମିଳି ପାରେ । ସେହି ଭିତ୍ତିକୁ କେନ୍ଦ୍ର କରି ସମସ୍ୟାର ବିଶ୍ଳେଷଣ କରିବା ଅନୁଚିତ ନୁହେଁ ।

ମଣିଷର ବଞ୍ଚିବା ଲାଗି ପ୍ରୟୋଜନ କ'ଣ ? ସାଧାରଣ କଥାରେ ଖାଇବା, ପିଇବା ଓ ଶୋଇବା ଲାଗି ସୁବିଧା ଥିଲେ ଆଉ କିଛିର ଆବଶ୍ୟକତା ନାହିଁ । କିନ୍ତୁ ମଣିଷ ଜନ୍ମ ଯଦି କେବଳ ବଞ୍ଚିବା ଲାଗି ହୁଏ ଏବଂ ଅନ୍ୟକୁ ବଞ୍ଚାଇବା ଲାଗି ତା'ର କୌଣସି ଦାୟିତ୍ୱ ନ ଥାଏ ତେବେ ସେ କ'ଣ ମଣିଷ ଆଖ୍ୟାର ଉପଯୁକ୍ତ ? ବଞ୍ଚିବା ଲାଗି ଖାଦ୍ୟର ପ୍ରୟୋଜନ ଯେତିକି ଦରକାର ଅନ୍ୟକୁ ବଞ୍ଚାଇବା ଲାଗି ସେତିକି ବିଶେଷଗୁଣର ଦରକାର । ଏହି ବିଶେଷ ଗୁଣଗୁଡ଼ିକ ହେଲା ଶିକ୍ଷା ଓ ସ୍ୱାସ୍ଥ୍ୟରକ୍ଷା । ଶିକ୍ଷା ନ ଥିଲେ ମଣିଷ ପଶୁତୁଲ୍ୟ ଓ ସ୍ୱାସ୍ଥ୍ୟ ନ ଥିଲେ କୌଣସି କାର୍ଯ୍ୟରେ ନିଯୁକ୍ତି ଅସଂଭବ । ଏହି ଶିକ୍ଷା ଓ ସ୍ୱାସ୍ଥ୍ୟର ଉପରି ସଂସ୍କୃତି । ସଂସ୍କୃତି ହିଁ ଜାତି ଓ ଦେଶର ପରିଚୟ ପ୍ରଦାନ କରେ । ସଂସ୍କୃତିର ପ୍ରଚାର ଓ ପ୍ରସାର ଲାଗି ନାଟ୍ୟମଞ୍ଚର ପ୍ରୟୋଜନ ।

# ନାଟ୍ୟମଞ୍ଚ

ଶ୍ରୀ କାର୍ତ୍ତିକ କୁମାର ଘୋଷ

ସେହି ଅବହେଳିତ ବିଷୟ ହେଉଛି ନାଟ୍ୟମଞ୍ଚ ଓଡ଼ିଶାର ସାଂସ୍କୃତିକ ଜୀବନର ବୈଶିଷ୍ଟ୍ୟମୟ ଇତିହାସ– ଓଡ଼ିଆ ଜାତିର ଉଜ୍ଜ୍ୱଳ ପରଂପରା । ଓଡ଼ିଶାର ଗୌରବ ଓ ଗର୍ବ–ଓଡ଼ିଶା ବାହାରର ପ୍ରଦେଶମାନଙ୍କର ଆଲୋଚନାର ବିଷୟ ।

ଓଡ଼ିଶାର ନାଟ୍ୟମଞ୍ଚ ବା ରଙ୍ଗମଞ୍ଚର ଇତିହାସ ବହୁ ପୁରାତନ । ସୁଦୂର ଅତୀତକୁ ନ ଯାଇ ଚଳିତ ଶତାବ୍ଦୀର ଶେଷ ଭାଗକୁ ହିଁ ଆଲୋଚନା ପରିସର ଭିତରକୁ ନେଉଛି ।

୧୯୪୨ରୁ ୧୯୬୨ ଏହି କୋଡ଼ିଏ ବର୍ଷ ଭିତରେ ରଙ୍ଗମଞ୍ଚର ଇତିହାସ କେବଳ ବୈଚିତ୍ର୍ୟପୂର୍ଣ୍ଣ ନୁହେଁ, ବୈଶିଷ୍ଟ୍ୟର ଅମ୍ଳାନ ଆଲେଖ୍ୟ । ୧୯୬୨ ପରେ ୧୯୬୭ ପର୍ଯ୍ୟନ୍ତ ରଙ୍ଗମଞ୍ଚର ଦୁର୍ବାର ଗତି ମନ୍ଥର । ୧୯୬୮ ପରେ ଶ୍ଳଥ ଏବଂ ୧୯୭୦ ଠାରୁ କ୍ଷୀଣ ।

ଚିନ୍ତା କରିବାର ବିଷୟ ନାଟ୍ୟମଞ୍ଚର ପ୍ରୟୋଜନ କ'ଣ ? ଯଦି ପ୍ରୟୋଜନର ଗୁରୁତ୍ୱ ନ ଥାଏ ତେବେ ଏହାର ଛିତି ବା ଲୁପ୍ତ ବିଷୟରେ ଆଲୋଚନା ଆବଶ୍ୟକ ବିହୀନ । ତଥାପି ଏଭଳି ନାଟ୍ୟମଞ୍ଚ ପୂର୍ବରୁ କାହିଁକି

ନାଟକାକାରରେ ଲିଖିତ ଶିକ୍ଷା, ସଭ୍ୟତା, ସାମାଜିକ ଚେତନା, ଦେଶାତ୍ମବୋଧର ବାଣୀ ପ୍ରଚାରିତ ହୁଏ ନାଟ୍ୟମଞ୍ଚ ଜରିଆରେ । ଲକ୍ଷ ଲକ୍ଷ ଲୋକ, ଶିକ୍ଷିତ, ଅଶିକ୍ଷିତ ନିର୍ବିଶେଷରେ ଏହି ପ୍ରଚାର ଶୁଣିବାକୁ ଆଗ୍ରହୀ ହୋଇ ଆସନ୍ତି ନାଟ୍ୟମଞ୍ଚ ନିକଟକୁ । କେତେଗୁଡ଼ିଏ ସୁଶିକ୍ଷିତ ଯୁବକ ଯୁବତୀ ନାଟକ ଲିଖିତ ବିଷୟକୁ ବାସ୍ତବ ରୂପ ଦେବାଲାଗି ତତ୍ପର ହୁଅନ୍ତି । ଏହି ତତ୍ପରତା ପଛରେ ଥାଏ ଅବସର ବିନୋଦନର ଉଦ୍ଦେଶ୍ୟ । ମାତ୍ର ନାଟକର ବିଷୟ ବସ୍ତୁରେ ଥାଏ ଶିକ୍ଷା, ସଭ୍ୟତା ଓ ମାନବିକତା ପ୍ରଭୃତିକୁ ଆଶ୍ରୟ କରି ଏକ ମନମୁଗ୍ଧକର କାହାଣୀ । ଯୁବକ ଯୁବତୀଗଣ ଏହି ବିଷୟ ବସ୍ତୁକୁ ବାସ୍ତବକରି ତୋଳିବା ଲାଗି, ପ୍ରୟୋଜନୀୟ ଅଙ୍ଗସଜ୍ଜା ଓ ରୂପ ସଜ୍ଜାର ଆଶ୍ରୟ ନିଅନ୍ତି । ଦୃଶ୍ୟଗୁଡ଼ିକ ବାସ୍ତବ କରି ଦେଖାଇବାର ଚେଷ୍ଟା କରନ୍ତି ବିଭିନ୍ନ ପଦାର୍ଥ ଓ ତୁଳି ଏବଂ ରଙ୍ଗ ସାହାଯ୍ୟରେ ଅଙ୍କିତ ଦୃଶ୍ୟପଟ ଦ୍ୱାରା । ଏଥି ସଙ୍ଗେ ସମୟ ସହିତ ସାମଞ୍ଜସ୍ୟ ରଖି ଆଲୋକର ବ୍ୟବହାର ହୁଏ । ବିଷୟବସ୍ତୁ ସହିତ ଖାପ ଖୁଆଇ ନୃତ୍ୟ ଓ ସଂଗୀତର ଯୋଗ ମଧ୍ୟ ହୁଏ ।

ଦର୍ଶକ ଏହି ଦୃଶ୍ୟାବଳୀ ଦେଖି, ଆଖି, କାନ ଓ ମନକୁ

ପରିତୃପ୍ତ କରେ । କିନ୍ତୁ ଏଥି ସଙ୍ଗେ ତା'ର ଅଜ୍ଞାତ ସାରରେ ମନ ଭିତରେ ରହିଯାଏ କାହାଣୀର କେତେକ ବିଶେଷ କଥା । ଅନ୍ୟ ସମୟରେ ମନେ ପଡ଼େ ଏହି ଅସଂଲଗ୍ନ ସଂଳାପ, ତା'ର ଦର୍ଶନ ସ୍ପୃହା ବଢ଼େ । ମୁଣି ଦେଖିବା ପାଇଁ ଆଗ୍ରହୀ ହୁଏ । କ୍ରମଶଃ ତା'ର ଶିକ୍ଷା ଓ ସଭ୍ୟତା ରୁଚି ସଂପନ୍ନ ହୋଇଯାଏ । ତା'ର ଚାଲି ଚଳନ ଓ ବ୍ୟବହାରରେ ମଧ୍ୟ ନାଟକର ଶିକ୍ଷତା ପ୍ରତିଫଳିତ ହୁଏ । ନିଜକୁ ଏକ ନୂତନ ପ୍ରକାରରେ ଗଢି ତୋଳିବାର ପ୍ରବୃତ୍ତି ବୃଦ୍ଧି ପାଏ । ମୋଟ ଉପରେ ନାଟକର ପ୍ରଭାବ ତା'ର ପରିବର୍ତ୍ତନର କାରଣ ହୁଏ । ଅବଶ୍ୟ ଏହି ପ୍ରଭାବର ଦୁଇଟି ଦିଗ ଅଛି ସୁ ଓ କୁ । ରୁଚିପୂର୍ଣ୍ଣ ଓ ଶିକ୍ଷାସମ୍ମତ ନାଟକର ପରିବେଷଣ ଯେପରି ଦର୍ଶକଙ୍କୁ ସୁପଥରେ ଚାଳିତ କରେ—କୁରୁଚିପୂର୍ଣ୍ଣ ନାଟକ ଠିକ୍ ସେହିପରି କୁପଥର ପଥିକ କରାଏ । ଏଇଟା ଯେଉଁମାନେ ନାଟକ ପରିବେଷଣ କରନ୍ତି ତାଙ୍କର ବିବେଚନା ସାପେକ୍ଷ । ନାଟ୍ୟମଞ୍ଚର ଏଥିରେ କୌଣସି ଦୋଷ ନାହିଁ ।

ସୁତରାଂ ନାଟ୍ୟମଞ୍ଚର ଆବଶ୍ୟକତା ସମ୍ବନ୍ଧରେ ସଷ୍ଟ ମତ ପ୍ରକାଶ କଲେ ଅତ୍ୟୁକ୍ତି ହେବ ନାହିଁ । ଭାଷାର ସମୃଦ୍ଧି, ସଂସ୍କୃତିର ବିକାଶ, ସାମାଜିକ ଚେତନାର ଅଭିବୃଦ୍ଧି, ସର୍ବୋପରି ଶିକ୍ଷାର ପ୍ରଚାର ଲାଗି ବଳିଷ୍ଠ ମାଧ୍ୟମ ରୂପେ ନାଟକ ପ୍ରଦର୍ଶନର ଏକାନ୍ତ ପ୍ରୟୋଜନ ଓ ସେହି ନାଟକକୁ ଦର୍ଶକଙ୍କ ସମ୍ମୁଖରେ ଉପସ୍ଥାପନା କରିବା ଲାଗି ପ୍ରୟୋଜନ ନାଟ୍ୟମଞ୍ଚ ।

ନାଟକ ଓ ନାଟ୍ୟମଞ୍ଚ ଅଙ୍ଗାଙ୍ଗୀଭାବେ ଜଡ଼ିତ । ମଞ୍ଚରେ ପ୍ରଦର୍ଶିତ ନ ହେଲେ ନାଟକର ଉପାଦେୟତା ଉପଲବ୍ଧି କରି ହୁଏନା । ସେହିପରି ନାଟ୍ୟମଞ୍ଚ ନଥିଲେ ନାଟକର ମୂଲ୍ୟାୟନ କରି ହୁଏନା । ପୁଣି, ଏହି ଦୁଇଟିକୁ ଯେଉଁମାନେ ଏକତ୍ର କରାଇ ଦର୍ଶକଙ୍କୁ ଆନନ୍ଦ ଦେବା ସଙ୍ଗେ ସଙ୍ଗେ ଶିକ୍ଷାର ଉଦ୍‌ବୁଦ୍ଧ କରନ୍ତି ସେମାନେ ହେଉଛନ୍ତି କଳାକାର । କଳାକାରର ପ୍ରାଣ—ନାଟ୍ୟମଞ୍ଚ ଦେହ—ନାଟକ ଦେହରେ ପ୍ରବାହିତ ରକ୍ତ । ତିନୋଟିର ସଂଯୋଗ ବ୍ୟତୀତ ନାଟ୍ୟକଳାର ପରିସ୍ଫୁଟନ ଅସମ୍ଭବ ।

ଆଲୋଚନାର ପରିସରକୁ ଆହୁରି ନିବିଡ଼ କରି ବିଚାର କଲେ ମଧ୍ୟ ଦେଖାଯାଉଛି ଯେ ନାଟ୍ୟମଞ୍ଚ ଏକାନ୍ତ ଆବଶ୍ୟକ । ନାଟ୍ୟମଞ୍ଚ ନ ରହିଲେ ଜାତିର ଉନ୍ନତି—ଦେଶର ବିକାଶ ହୋଇ ପାରେନା । ଇଂରାଜୀରେ କଥିତ ଅଛି "ଦେଶ ଓ ଜାତିର ପରିଚୟ ମିଳେ ତା'ର ରଙ୍ଗମଞ୍ଚର ବିକାଶରୁ" । କୌଣସି କାରଣରୁ ରଙ୍ଗମଞ୍ଚକୁ ଅବହେଳା କରାଯାଇ ପାରେନା ବା କରିବା ଉଚିତ୍ ନୁହେଁ ।

ଆଉ ଏକ ଦିଗରୁ ନାଟ୍ୟମଞ୍ଚର ପ୍ରୟୋଜନ ସମ୍ବନ୍ଧରେ ଦୃଢ଼ ଯୁକ୍ତି ରହିଛି । ଶିକ୍ଷାର ମାଧ୍ୟମ ରୂପେ ମଞ୍ଚର ଆବଶ୍ୟକତା ଯେପରି—ପ୍ରଚାର ଲାଗି ମଧ୍ୟ ଏହାର ଆବଶ୍ୟକତା ସେହିପରି । ସେଥି ସଙ୍ଗେ ରହିଛି ଭାଷା ଓ ସାହିତ୍ୟ ସମୃଦ୍ଧିର ଅବକାଶତା ।

ଏଭଳି ଏକ ପ୍ରୟୋଜନୀୟ ବିଷୟକୁ ଅବହେଳା କରିବା କିମ୍ବା ବିଳମ୍ବରେ ବିଚାରକୁ ନେବା ଆଦୌ ଯୁକ୍ତି ସଙ୍ଗତ ନୁହେଁ । ଯେତେ ବିଳମ୍ବ ହେବ ସେତେ କ୍ଷତି ହେବ ଆମରି । ଆମର ସାହିତ୍ୟ ଓ ଭାଷାର ଉନ୍ନତିରେ ବାଧା ଜନ୍ମିବ—କଳାର ବିକାଶରେ ଅଭାବ ପରିସ୍ଫୁଟ ହେବ—ଜାତି ଓ ଦେଶ କ୍ରମଶଃ ଅପାଂକ୍ତେୟ ହୋଇଯିବ ।

ପୂର୍ବେ କହିଛି ୧୯୬୨ରୁ ମନ୍ଥର ଗତିରେ ଯାଉ ଯାଉ ୧୯୭୦ରେ ସ୍ଥାଣୁ ହୋଇ ରହି ଯାଇଛି ଆମ ଓଡ଼ିଶାର ନାଟ୍ୟମଞ୍ଚଗୁଡ଼ିକ । ଆଜିକି ୧୨ ବର୍ଷ ହୋଇଗଲା—ଗୋଟାଏ ଯୁଗଗଲା ତଥାପି ଏହାର ପ୍ରତିକାରର ବ୍ୟବସ୍ଥା ହୋଇ ପାରିନି ନାହିଁ । ଅନୁସନ୍ଧାନ କଲେ ଦେଖାଯାଏ ଯେ ଆମର ଜିଦ୍‌ର ଅଭାବ—ଚେଷ୍ଟାର ଅଭାବ—ଏକତାର ଅଭାବ । ରଙ୍ଗମଞ୍ଚ ଜରିଆରେ ଯେଉଁ କଳାକାରମାନେ ଜୀବିକାର୍ଜ୍ଜନ କରି ପ୍ରତିପୋଷିତ ହେଉ ଥିଲେ ସେମାନେ ବର୍ତ୍ତମାନ ବେକାର । ଅନେକେ ଦୁଃଖର ଚାପ ସମ୍ଭାଳି ନ ପାରି ଭିନ୍ନ ଭିନ୍ନ ପନ୍ଥା ଅବଲମ୍ବନ କଲେଣି । ଅନେକ ଅତି କଷ୍ଟରେ ସାମୟିକ କଳା ପରିବେଷଣରେ ଯୋଗ ଦେଇ ଚଳୁଛନ୍ତି । ସେମାନଙ୍କର ଦୁଃଖ ଅବସ୍ଥା ଓ କରୁଣ କାହାଣୀ କହିଲେ ଶେଷ ହେବ ନାହିଁ । ଯେଉଁ କଳାକାର ତାର ପାରିବାରିକ ଦୁଃଖ ଭିତରେ ମଧ୍ୟ ମଞ୍ଚରେ ଅବତୀର୍ଣ୍ଣ ହୋଇ ଦର୍ଶକମାନଙ୍କୁ ଆନନ୍ଦ ଦେଉଥିଲେ ସେହି କଳାକାରଙ୍କର ବର୍ତ୍ତମାନ ଅବସ୍ଥା ଜଣ ଜାଣିବାକୁ କେତେଜଣ ଆଗେଇ ଆସିଛନ୍ତି ? କହିବା ଅଯୁକ୍ତିକର ନୁହେଁ ଯେ ଏହି କଳାକାରଙ୍କର ଭବିଷ୍ୟତ ଲାଗି କେହି କି କେବେ ହେଲେ ଚିନ୍ତା କରିଛନ୍ତି ?

ଦେଶର ଲୋକସଂଖ୍ୟା ଯଦି ଏକ କୋଟି ହୁଏ ତେବେ କଳାକାର ସଂଖ୍ୟା ହେବ ଶହେ । ସମସ୍ତେ ପାଠପଢି ପାଶ କରି ପାରିବେ—ଖେଳ ଅଭ୍ୟାସ କରି ଖେଳାଳୀ ପରିଚିତି ଲାଭ କରିବେ । ମାତ୍ର କଳାକାର (ଅଭିନେତା) ହେବା ସମ୍ଭବ ନୁହେଁ । ଏହା ଈଶ୍ୱରଦତ୍ତ ଏକ ବିଶେଷ ଗୁଣ । ଶିକ୍ଷା କରି ଅଭିନୟ କରିବାର ଯୋଗ୍ୟତା ହାସଲ କଲେ ମଧ୍ୟ—ଐଶ୍ୱରୀକ ଶକ୍ତିର ଅଧିକାରୀ ହୋଇ ନ ଥିଲେ ସୁନାମ ଅର୍ଜ୍ଜନ ଅସମ୍ଭବ ।

ଏତେ ବଡ଼ ମହତ୍ ଗୁଣର ଅଧିକାରୀଙ୍କୁ ଅବହେଳାରେ ହରାଇବା ଅନୁଚିତ । କଳାକାର ହେଉଛନ୍ତି ସାଧକ—ସରଳ—ସୁନ୍ଦର ।

ମୋର ଆଲୋଚ୍ୟ ବିଷୟ "ନାଟ୍ୟମଞ୍ଚ" । ଆମର ପ୍ରୟୋଜନ ଅଛି କି ନା ପ୍ରଥମେ ବିଚାରକୁ ନେବା । ଯଦି ଉପରୋକ୍ତ ଆଲୋଚନାରେ ନାଟ୍ୟମଞ୍ଚର ଆବଶ୍ୟକତା ରହିଛି ବୋଲି ପ୍ରତିପାଦିତ ହୁଏ ତେବେ ଏହାର କାର୍ଯ୍ୟକାରିତା ସମ୍ବନ୍ଧରେ କି ପଦକ୍ଷେପ ନେବା ଉଚିତ୍ ତାହା ଆଲୋଚନା କରିବା ଏକାନ୍ତ ବିଧେୟ ।

ଓଡ଼ିଶାରେ ଯେଉଁସବୁ ନାଟ୍ୟମଞ୍ଚ ଅଛି ତାହା କିଛି ବର୍ଷ ପୂର୍ବେ ଯେପରି ଉପଯୋଗୀ ଥିଲା ବର୍ତ୍ତମାନ ଅବସ୍ଥାରେ ତାହା ନାହିଁ । ଅର୍ଥାତ୍ ଯୁଗର ଓ ରୁଚିର ପରିବର୍ତ୍ତନ ଓ ଅଗ୍ରଗତି ସଙ୍ଗେ ସମାନ ଭାବେ ପାଦ ପକାଇ

ନ ରହିଲେ ତିଷ୍ଠି ପାରିବା ସମ୍ଭବ ନୁହେଁ । ବର୍ତ୍ତମାନ ରଙ୍ଗମଞ୍ଚରେ ନାଟକ ପରିବେଷଣର ଧାରା ଉନ୍ନତ ହେଲାଣି ଏବଂ ଚଳଚ୍ଚିତ୍ର ସହିତ ସମକକ୍ଷ କରିବା ଲାଗି ପ୍ରୟୋଗ କୌଶଳର ରୀତି ଉନ୍ନତତର ହେଲାଣି । ଏଥିଲାଗି ପୂର୍ବର ନାଟ୍ୟମଞ୍ଚଗୁଡ଼ିକର ବିଶେଷ ପରିବର୍ତ୍ତନର ଆବଶ୍ୟକତା ଦେଖା ଗଲାଣି । ନୂତନ ଭାବେ–ଆଲୋକ ନିୟନ୍ତ୍ରଣ ଓ ମଞ୍ଚ କୌଶଳ ପ୍ରଦର୍ଶନ ଲାଗି ମଞ୍ଚର ସଂପ୍ରସାରଣ କରା ନ ଗଲେ ନୂତନତ୍ୱ ଆଣିବା ସମ୍ଭବ ହେବ ନାହିଁ ।

ରଙ୍ଗମଞ୍ଚ ବା ନାଟ୍ୟମଞ୍ଚର ସଂସ୍କାର ଯଥାଯଥଭାବେ ନ ହେଲେ ଯେତେ ଉନ୍ନତ ଲେଖା ନାଟକ ପରିବେଷଣରେ ମଧ୍ୟ ଆଶାଜନକ ଅର୍ଥାଗମ ହେବ ନାହିଁ ।

ମୁଁ କେବଳ ପେଶାଦାର ନାଟ୍ୟମଞ୍ଚ ବିଷୟରେ ଆଲୋଚନା କରୁଛି । ଗ୍ରୁପ୍ ବା ସୌଖିନ ସଂପ୍ରଦାୟ ଦୁଇ ଚାରିଦିନ ସାମୟିକ ଅଭିନୟ ଯନ୍ତ୍ରତନ୍ତ୍ର କରି ପାରନ୍ତି ମାତ୍ର ପେଶାଦାର ଦଳ ମଞ୍ଚର ସୁଚିନ୍ତିତ ଭାବେ ପରିବର୍ତ୍ତନ ନ କଲେ ଲାଭବାନ୍ ହୋଇ ପାରିବେ ନାହିଁ ।

ଏହି ନାଟ୍ୟମଞ୍ଚର ପରିବର୍ତ୍ତନ କରିବ କିଏ ?

ଆଉ ଗୋଟିଏ କଥା ଏଠାରେ ନ କହିଲେ ଉଚିତ୍ ହେବ ନାହିଁ । ଆମର ଯେଉଁସବୁ ରଙ୍ଗମଞ୍ଚ ରହିଛି ତା'ର ମାଲିକ କିଏ? ଯେଉଁ ଦଳ ଅଭିନୟ କରୁଥିଲେ ସେମାନେ କିପରି ଭାବେ ସେହି ରଙ୍ଗମଞ୍ଚକୁ ନିଜ ଆୟତ୍ତରେ ରଖିଥିଲେ? ସେହିସବୁ ମଞ୍ଚର ସଂସ୍କାର କରିବା ଲାଗି କାହାର ଦାୟିତ୍ୱ ରହିଛି ?

ଏହି ପ୍ରଶ୍ନଗୁଡ଼ିକର ସମାଧାନ କରିବାକୁ ଯାଇ ଆଉ ଏକ ପ୍ରଶ୍ନ ଉଠୁଛି । ମଞ୍ଚ ଯଦି ସୁସଂସ୍କୃତ ହୁଏ ତେବେ ସେଠାରେ ଅଭିନୟ କରିବା ଲାଗି ନାଟ୍ୟଦଳ ଅଛନ୍ତି କି ନାହିଁ ?

ସୁତରାଂ ଓଡ଼ିଶାର ରଙ୍ଗମଞ୍ଚକୁ ନୂତନ ରୂପେ ଗଠନ କରିବା ସଙ୍ଗେ ସଙ୍ଗେ ପେଶାଦାର ନାଟ୍ୟଦଳ ଗଠିତ ହେବା ଦରକାର । ମୋର ବିଶ୍ୱାସ ନାଟ୍ୟମଞ୍ଚର ସୁବ୍ୟବସ୍ଥା କରାଗଲେ ଦଳ ଗଠନର ଅସୁବିଧା ରହିବ ନାହିଁ ।

ଆହୁରି ଉଲ୍ଲେଖଯୋଗ୍ୟ ଯେ ସରକାର ନାଟ୍ୟକଳାର ପୁନର୍ବିକାଶ ଓ ରଙ୍ଗମଞ୍ଚର ନବୀକରଣ ଲାଗି ଏକ ଥିଏଟର ନିଗମ ଗଠନର ଉଦ୍ୟୋଗୀ ହୋଇଛନ୍ତି । ଶୁଭ ଲକ୍ଷଣ ସୁଚିନ୍ତିତ ଭାବେ ଏ ଦିଗରେ ଅଗ୍ରସର ନ ହେଲେ ସବୁ ଅନର୍ଥକ ହେବ । ପେଶାଦାର ଦଳ ଗଠନ କଲେ ଋଣ ଆକାରରେ ଅର୍ଥ ଯୋଗାଇବା ଲାଗି କର୍ପୋରେସନ ସ୍ଥିର କରିଛନ୍ତି । ହେଲେ, ନାଟ୍ୟମଞ୍ଚ ନ ରହିଲେ ପେଶାଦାର ଦଳ ଅଭିନୟ କରିବେ କେଉଁଠି ?

କଟକ ସହରରେ ଯେଉଁ ତିନୋଟି ରଙ୍ଗମଞ୍ଚ ରହିଛି (ଅନ୍ନପୂର୍ଣ୍ଣା, ଜନତା ଓ କଳାଶ୍ରୀ) ତାହାର ଅବସ୍ଥିତି ଅନୁଧ୍ୟାନ କରି ପ୍ରଥମେ ଗୋଟିଏ ମଞ୍ଚକୁ ସରକାର ହାତକୁ ନେବା ଦରକାର ଏବଂ ସେହି ମଞ୍ଚର ଦାୟିତ୍ୱ କେଉଁ ଦଳ ସେଠାରେ ଅଭିନୟ କରିବେ ତାଙ୍କ ହାତରେ ରହିବା ଦରକାର ।

ରାଜ୍ୟ ସରକାର ଯଦି ଏ ବିଷୟକୁ ଗୁରୁତ୍ୱ ସହ ବିବେଚନା କରି କାର୍ଯ୍ୟାରମ୍ଭ କରନ୍ତି, ତେବେ ମଙ୍ଗଳ। ଅନ୍ୟଥାରେ ସବୁ ଆଶା ଧୂଳିସାତ୍ ହେବ । କର୍ପୋରେସନ ଗଢ଼ା ହେବ/ବହୁ ବଡ଼ ବଡ଼ ଲୋକ ବଡ଼ ବଡ଼ ସ୍ପିଚ୍ ଉତ୍‌ଥାପନ କରିବେ,ମାତ୍ର ଥିଏଟର ଚାଲିବ ନାହିଁ ।

ଅନେକେ ଏବେ ସୁଦ୍ଧା ମନେ କରନ୍ତି . ଥିଏଟର ଏକ ବ୍ୟବସାୟ ନୁହେଁ । ଏଥିରେ ଅର୍ଥ ବିନିଯୋଗ କଲେ ଲାଭର ଆଶା ନାହିଁ ଏ କଥା ଭୁଲ୍ । ପଡ଼ୋଶୀ ରାଜ୍ୟ ପଶ୍ଚିମ ବଙ୍ଗରେ ବର୍ତ୍ତମାନ ଥିଏଟର ଏକ ବଡ଼ ବ୍ୟବସାୟ । ପୂର୍ବେ ଥିଲା ପାଞ୍ଚୋଟି । ଏବେ ହେଲାଣି ଅଠେଇଶଟି । ଲାଭ ପାଉ ନ ଥିଲେ ଅର୍ଥ ବିନିଯୋଗ କରନ୍ତେ ନାହିଁ । ଉପଯୁକ୍ତ ଭାବେ କାର୍ଯ୍ୟ କଲେ ଲାଭ ସୁନିଶ୍ଚିତ ।

ଥିଏଟର ଏକ ଭିନ୍ନ ପ୍ରକାରର ବ୍ୟବସାୟ/ ଅନ୍ୟ କୌଣସି ବ୍ୟବସାୟ ସହ ଏହାର ତୁଳନା ହୁଏ ନାହିଁ । ସିନେମାର ରୀତି, ନୀତି ମଧ୍ୟ ଏଠାରେ କାର୍ଯ୍ୟକାରୀ ହୁଏ ନାହିଁ ।

ଦୀର୍ଘ ଦିନର ଅଭିଜ୍ଞତାକୁ ଭିତ୍ତି କରି ମୁଁ ଏ କଥା କହିବାକୁ ସାହସ କରୁଛି ।

ଏହା ଏକ କଠିନ ବ୍ୟବସାୟ ଅଥଚ ଚଳାଇ ପାରିଲେ ସିନେମା ଅପେକ୍ଷା ଅଧିକ ଲାଭର ସମ୍ଭାବନା ।

ଆଉ ଅଧିକ ବଖାଣିବା ଅନୁଚିତ୍ । କେବଳ କହିବାର କଥା ନେଡ଼ିଗୁଡ଼ କହୁଣିକି ବୋହିଯିବା ପୂର୍ବରୁ ସାବଧାନ ହେବା ଉଚିତ । ଦେଶର ମର୍ଯ୍ୟାଦା ରକ୍ଷା କରିବା ଲାଗି ରାଜ୍ୟ ସରକାର ତୁରନ୍ତ ଏ ଦିଗରେ କାର୍ଯ୍ୟାରମ୍ଭ କରିବା ଆବଶ୍ୟକ ।

କଟକ ସହର ଓ ଅନ୍ୟତ୍ର ଯେଉଁ ସବୁ ରଙ୍ଗମଞ୍ଚର ଅସ୍ତିତ୍ୱ ରହିଛି ତାହାର ଇତିବୃତ୍ତ ଜାଣିବାକୁ ଇଚ୍ଛାକଲେ ମୁଁ ଅନେକ ସମ୍ଭାବ୍ୟ ସମ୍ବାଦ ଦେଇ ପାରିବି । ନାଟ୍ୟମଞ୍ଚର ସଂସ୍କାର ଲାଗି ମାପର ପ୍ରୟୋଜନ କିମ୍ବା ଅଭିଜ୍ଞ ବ୍ୟକ୍ତିଙ୍କର ସନ୍ଧାନ ତତ୍‌ସହ ଆଲୋକ ନିୟନ୍ତ୍ରଣ ଯନ୍ତ୍ରି (ମଞ୍ଚର ପୁର୍ନନିର୍ମାଣ ବେଳେ ବ୍ୟବସ୍ଥା ନ ରଖିଲେ ହୋଇ ପାରିବ ନାହିଁ ) ଉପଯୁକ୍ତ ପରାମର୍ଶ-ଦାତାଙ୍କ ସନ୍ଧାନ ମଧ୍ୟ ଦେଇ ପାରିବି ।

ଏ ଦିଗରେ ଆହୁରି ଅନେକ କିଛି କହିବାର ଅଛି । ନାଟ୍ୟ ମଞ୍ଚ ବ୍ୟତୀତ, ନାଟକ ରଚନା, କଳାକାରର ବୈଶିଷ୍ଟ୍ୟ, ଆଲୋକ ସଜ୍ଜାରେ ଧାରା, ସଙ୍ଗୀତର ଆବଶ୍ୟକତା ଓ ନୃତ୍ୟର ପରିବେଷଣ ଶୈଳୀ ବିଷୟରେ ସମ୍ୟକ୍ ଧାରଣା ନ ରହିଲେ ସାଧାରଣ ବ୍ୟକ୍ତି ନାଟ୍ୟ ମଞ୍ଚର ଉପଯୁକ୍ତତା ବା ଯଥାର୍ଥତା ହୃଦୟଙ୍ଗମ କରିବା ସହଜ ନୁହେଁ ।

ବର୍ତ୍ତମାନର ଶାସନର ମୁଖ୍ୟଙ୍କୁ ମୁ ବିନମ୍ର ଅନୁରୋଧ ଜଣାଉଛି । ସେ ଯାହା କରିବେ ଶୀଘ୍ର କରନ୍ତୁ ।

ତିନି ତେଲେଙ୍ଗା ବଜାର,
କଟକ-୯



ଶ୍ରୀକ୍ଷେତ୍ରରେ ଚନ୍ଦନଯାତ୍ରା

# ବିଶ୍ୱନାଥପୁର ଚନ୍ଦନ

ଶ୍ରୀ ପୂର୍ଣ୍ଣଚନ୍ଦ୍ର ମିଶ୍ର

ଓଡ଼ିଆରେ ଗୋଟିଏ ଛୋଟ ପ୍ରବାଦ ଗାଉଁଲୀ ଲୋକଙ୍କ ମୁଖରେ ଶୁଣାଯାଏ । ତାହା ହେଉଛି 'ବିଶ୍ୱନାଥପୁର ଚନ୍ଦନ ଓ ବୀରଗୋବିନ୍ଦପୁର ଉପନ' । ଏଥିରୁ ସ୍ପଷ୍ଟ ସୂଚିତ ହେଉଛି ଯେ ବିଶ୍ୱନାଥପୁରର ଚନ୍ଦନଯାତ୍ରା ଓ ବୀରଗୋବିନ୍ଦପୁରର 'ଉପନ' ଅର୍ଥାତ୍ ଦୁର୍ଗାପୂଜା ପୁରୀ ଜିଲ୍ଲାସ୍ଥ ପୁରପଲ୍ଲୀରେ ବିଶେଷ ପ୍ରସିଦ୍ଧି ଲାଭ କରିଥିଲା ।

ପୁରୀ ଜିଲ୍ଲାର ସତ୍ୟବାଦୀ ଥାନା ଅନ୍ତର୍ଗତ ଏହି ଦୁଇଟି ଗ୍ରାମ ବିଶ୍ୱନାଥପୁର ପଞ୍ଚାୟତ ଅଧୀନରେ ଦୁଇଟି 'ଶାସନ' ନାମରେ ପରିଚିତ । ଏହା ବ୍ୟତୀତ ଆହୁରି ଅନେକ 'ଶାସନ' ପୁରୀ ଜିଲ୍ଲାରେ ଦେଖାଯାଏ । ଏହି ଶାସନଗୁଡ଼ିକ ରାଜା, ରାଜମାତା, ରାଜପାରିଷଦ, ମନ୍ତ୍ରୀ ଆଦିଙ୍କ ଦ୍ୱାରା ପ୍ରତିଷ୍ଠିତ ।

ଏହିପରି ପ୍ରତିଷ୍ଠିତ ଶାସନମାନଙ୍କ ମଧ୍ୟରେ ବିଶ୍ବନାଥପୁର ଶାସନ ଅନ୍ୟତମ । ମାଦଳାପାଞ୍ଜିକୁ ଅନୁଧ୍ୟାନ କଲେ ଜଣାଯାଏ ଏହି ଶାସନକୁ ନରସିଂହଦେବ (ଖ୍ରୀ. ୧୬୩୦ରୁ ଖ୍ରୀ.୧୬୫୫)ଙ୍କ ସମୟରେ ତାଙ୍କ ସାନଭାଇ ବିଶ୍ବନାଥରାଏ ପ୍ରତିଷ୍ଠା କରିଥିଲେ । କେବଳ ସେତିକି ନୁହେଁ ନିଜେ ନରସିଂହଦେବ ଓ ତାଙ୍କର ପାତ୍ର କହ୍ନାଇବିଦ୍ୟାଧର, ଦାମୋଦର ଛୋଟରାଏ, ବସୁପାତ୍ରରା ଆଦି ଯଥାକ୍ରମେ ନରସିଂହପୁର, କହ୍ନାଇବିଦ୍ୟାଧରପୁର, ଦାମୋଦରପୁର ଓ ବାସୁଦେବପୁର ଶାସନ ପ୍ରତିଷ୍ଠା କରିଥିଲେ ।

ପୂର୍ବେ ଏହି ଶାସନମାନଙ୍କର ମହତ୍ ସହିତ ପରାକାଷ୍ଠା ଅତ୍ୟଧିକଥିବାରୁ ମୁଖ୍ୟ ତିନୋଟି ଶାସନକୁ 'ବିହନ' କୁହାଯାଉଥିଲା । ଏହି ତିନିଗୋଟି ମୁଖ୍ୟ ଶାସନ ହେଉଛି ବିଶ୍ବନାଥପୁର, ହରେକୃଷ୍ଣପୁର ଓ ନରସିଂହପୁର ଯାହାର ଆଦ୍ୟ ତିନୋଟି ଅକ୍ଷରକୁ ନେଇ 'ବିହନ' ଶବ୍ଦର ସୃଷ୍ଟି ।

ବିଶ୍ବନାଥପୁର ଶାସନରେ କେତୋଟି ସ୍ୱାତନ୍ତ୍ର୍ୟ ପରିଲକ୍ଷିତ ହୁଏ । ଏହି ଗ୍ରାମର ପ୍ରଥମ ମୁଣ୍ଡରେ ଇଷ୍ଟଦେବ ଶ୍ରୀ ଗୋପୀନାଥ ଓ ତାରିଣୀ ଠାକୁରାଣୀ, ଅପର ମୁଣ୍ଡରେ ମହାଦେବ ବିଶ୍ବନାଥ ଓ ହରଚଣ୍ଡୀ ଠାକୁରାଣୀ ଅବସ୍ଥିତ । ଗୋପୀନାଥଙ୍କ ମନ୍ଦିରଟି



ବକୁଳକୁଞ୍ଜ ମଧ୍ୟରେ ଓ ବାଲିପୋଖରୀ ନିକଟରେ ଅବସ୍ଥିତ ଥିବାରୁ କୁହାଯାଇଛି :—

"ମୋ ଗାଆଁଟିଲେ
ରାଇଜଯାକରେ ରାଣୀ
ଗୋପୀନାଥଙ୍କ ବକୁଳକୁଞ୍ଜ
ବାଲିପୋଖରୀ ପାଣି......" ଇତ୍ୟାଦି


ଗୋପୀନାଥଙ୍କ ବକୁଳକୁଞ୍ଜର ମୃଦୁହିଲ୍ଲୋଳ, ସୁଶୀତଳ-ସୁଗନ୍ଧ ଛାୟା ଓ ବାଲିପୋଖରୀର ସ୍ବଚ୍ଛ ସୁନିର୍ମଳ ସଲୀଳ ଏହି ମନ୍ଦିରର ଶୋଭାକୁ ଉଦ୍ଧିମନ୍ତ କରୁଛି ।

ଗ୍ରାମବାସୀମାନେ ଗୋପୀନାଥଙ୍କୁ ଇଷ୍ଟଦେବରୂପେ ଗ୍ରହଣ କରୁଥିବାରୁ ଏହି ଗ୍ରାମରେ ବଂଶୀନାଦ କରିବା ଓ କଠଉ ପିନ୍ଧିବା ନିଷେଧ । ବିଗ୍ରହଙ୍କର ଦୈନିକ ସେବା-ପୂଜା ପାଇଁ କେତେଗୁଡ଼ିଏ ଜମିବାଡ଼ି ଖଞ୍ଜାଯିବା ସଂଗେ ସଂଗେ କେତେକ ସେବାୟତ ମଧ୍ୟ ନିଯୁକ୍ତି ପାଇଛନ୍ତି । ଇଷ୍ଟଦେବ ଗୋପୀନାଥଙ୍କର 'ଡ଼ାହୁପୋଇ' ନାମକ ଏକ ବିରାଟ ଧାନଜମି ଅଛି । ଏହି ଜମି ସମ୍ବନ୍ଧରେ ଗୋଟିଏ କିମ୍ବଦନ୍ତୀ ଏବେ ମଧ୍ୟ ଲୋକମୁଖରୁ ଶୁଣିବାକୁ ମିଳେ । କିମ୍ବଦନ୍ତୀଟି ହେଉଛି :

'ନଟନାଗର ଗୋପୀନାଥ ପ୍ରତ୍ୟହ ଡ଼ାହୁପୁଆ ଖେଳିବା ପାଇଁ ଗୋଟିଏ ଛୋଟ ଶିଶୁ ରୂପରେ ଯାଆନ୍ତି । ଗ୍ରାମର ଅନତିଦୂରରେ ଥିବା ପଡ଼ିଆରେ କେତେକ ଗଉଡ଼ ଟୋକାଙ୍କ ସହିତ ଗୋପୀନାଥ ଡ଼ାହୁପୁଆ ଖେଳନ୍ତି । ଖେଳରେ ଅବୋଲକରା ହେଉଥିବା ପିଲାଙ୍କୁ ନିଷ୍ଠୁର ମାଡ଼ମାରି ଦଉଡ଼ି ଦଉଡ଼ି ପଳାଇଆସନ୍ତି । ପିଲାମାନେ ସବୁଦିନ ଯାଇ ନିଜର ବାପାଙ୍କ ଆଗରେ ଏହି ଅଭିଯୋଗ କରନ୍ତି ।

ଦିନେ ଗୋପୀନାଥ ଖେଳିବାକୁ ଯାଇ ପୁଆଟିକୁ ଡ଼ାବ ଦ୍ୱାରା ଦୂରକୁ ଫିଙ୍ଗିଦେଲେ ଓ ଗୋଟିଏ ପିଲାକୁ ପୁଆ ଆଣିବାକୁ କହିଲେ । କିନ୍ତୁ ପିଲାଟି ଡ଼ାବଟିକୁ ନ ଆଣିବାରୁ ତାକୁ ଡ଼ାବରେ ନିଷ୍ଠୁର ମାଡ଼ଦେଲେ । ଏହି ସମୟରେ ପିଲାଟିର ବାପା ପୂର୍ବ ପ୍ରସ୍ତୁତି କ୍ରମେ ଏହାଙ୍କୁ ଧରିବା ପାଇଁ ଆସିବାରୁ ଗୋପୀନାଥ ଡ଼ାବଟିକୁ ଧରି ଦଉଡ଼ି ଦଉଡ଼ି ଚାଲି ଆସିଲେ । ପିଲାଟିର ବାପ ମଧ୍ୟ ତାହାଙ୍କୁ ଅନୁସରଣ କଲେ । ଶେଷରେ ଦେଖିଲେ ଯେ ପିଲାଟି ଦଉଡ଼ି ଦଉଡ଼ି ଆସି ଗ୍ରାମମୁଣ୍ଡରେ ଥିବା ମନ୍ଦିର ଭିତରେ ପଶିଗଲା । ତେଣୁ ସେ ବାଧ୍ୟ ହୋଇ ପଣ୍ଡାଙ୍କୁ ଡ଼ାକି ମନ୍ଦିରଭିତର ଖୋଜି ପିଲାଟିର କୌଣସି ସନ୍ଧାନ ନ ପାଇ ନିରାଶ ମନରେ ନିଜ ଘରକୁ ଫେରିଗଲେ ।

ସେଦିନ ରାତିରେ ଗଉଡ଼ ମନଦୁଃଖରେ ଶୋଇ ପଡ଼ିଲେ । ଗଉଡ଼ ଓ ପଣ୍ଡାଙ୍କୁ ରାତିରେ ଗୋପୀନାଥ ମୁରଲୀଧାରୀ ନଟନାଗର କୃଷ୍ଣରୂପରେ ଦେଖାଦେଇ କହିଲେ 'ମୁଁ ମୋର ପିଲାଦିନର ଖେଳକଥା ସ୍ମରଣକରି




ପିଲଙ୍କ ସାଙ୍ଗରେ ଡାହୁପୁଆ ଖେଳିବାକୁ ଯାଉଛି । ଆଉ ସେମାନେ ଖେଳରେ ଭୁଲକଲେ ମୁଁ ତାଙ୍କୁ ଶାସନ କରୁଛି । ଏହା ବୋଲି ତୁମେ ମୋତେ କାହିଁକି ଧରିବାକୁ ଚେଷ୍ଟା କରୁଛ । ମୁଁ ଖେଳିବାକୁ ଯିବାର ନିଦର୍ଶନସ୍ୱରୂପ ଡାବଟି ମୋ ସିଂହାସନ ପଛପାଖରେ ଲୁଚିଛି । ବିଶ୍ୱାସ ନ ପାଇଲେ ନିଜେ ଆସି ଦେଖିଯାଇ ପାର ।'


ମହାପ୍ରଭୁଙ୍କର ଏଭଳି ସ୍ୱପ୍ନାଦେଶପରେ ସକାଳୁ ଗଉଡ଼ ନିଜେ ଆସି ପଣ୍ଡାଙ୍କ ଦୁଆରେ ହାଜର ହୋଇ ପଣ୍ଡାଙ୍କଠାରୁ ସମସ୍ତ କଥା ଶୁଣିବା ପରେ ନିଜର ସ୍ୱପ୍ନବୃତ୍ତାନ୍ତ ବର୍ଣ୍ଣନାକଲେ । ତା'ପରେ ପଣ୍ଡାଙ୍କ ସହିତ ମନ୍ଦିର ପାଖକୁ ଯାଇ ସିଂହାସନ ପଛପଟରୁ ଡାବଟିକୁ ପାଇଲେ । ଡାବଟିକୁ ନିଜର ପିଲଙ୍କୁ ଦେଖାଇ ଚିହ୍ନଟ କଲେ । ଏ ସମସ୍ତ ପରେ ସେ ନିଜକୁ ଅଶେଷ ଧନ୍ୟ ମନେ କରିବା ସଙ୍ଗେ ସଙ୍ଗେ ତାଙ୍କ ଆଖିରୁ ଦୁଇଧାର ଆନନ୍ଦାଶ୍ରୁ ଗଡ଼ି ଆସିଲା । ଡାହୁପୁଆ ଖେଳ ବେଳେ ପୁଆ ପଡ଼ିଥିବା ଜମିକୁ ଗୋପୀନାଥଙ୍କ ସେବା ପୂଜା ପାଇଁ ଅର୍ପଣ କରିବା ସଂଗେ ସଂଗେ ଏହାର ନାମ ଡାହୁପୋଇ ହେଲା ।

ଏଭଳି ଅନେକ ପ୍ରାମାଣିକ କିମ୍ବଦନ୍ତୀ ଗ୍ରାମର ଇଷ୍ଟଦେବ ଗୋପୀନାଥଙ୍କ ନାମରେ ଶୁଣାଯାଏ । ସେଗୁଡ଼ିକ ଆଲୋଚନା କଲେ ଗୋଟିଏ ସ୍ୱତନ୍ତ୍ର ଗ୍ରନ୍ଥହେବ ।

ଗୋପୀନାଥଙ୍କୁ ଦୈନିକ ଖଇ, କୋରା, ଫଳମୂଳ ଓ ଖେଚୁଡ଼ି ଆଦି ଭୋଗ କରାଯାଏ । ଠାକୁରଙ୍କୁ କୌଣସିଦିନ ସାଧା ଅରୁଆ ଅନ୍ନ ଭୋଗକରାଯାଏନି । ଏହା ହେଉଛି ଠାକୁରଙ୍କର ଦୈନନ୍ଦିନ ଭୋଗର ବିଶେଷତ୍ୱ । ଗ୍ରାମବାସୀମାନେ ପ୍ରତ୍ୟେକ ଶୁଭକାମ ଆରମ୍ଭରେ ପ୍ରଥମେ ଗୋପୀନାଥଙ୍କ ଖଟଣୀ ପାଇଁ ସଞ୍ଜ ସକାଡ଼ି ଦିଅନ୍ତି । କେତେକ କ୍ଷେତ୍ରରେ କମଟି ସର୍ବ ଶୁଭରେ ସମାପନ ହେଲେ ଗୋପୀନାଥଙ୍କୁ ପଣା ଭୋଗ କରନ୍ତି ।

ଗ୍ରାମମଧ୍ୟରେ ଦଶହରା, ଅଇଘରା, ଦୋଳଯାତ୍ରା, ଫୁଲଦୋଳ ଓ ଚନ୍ଦନଯାତ୍ରା ଆଦିରେ ଗୋପୀନାଥ ମନ୍ଦିରରୁ ବାହାର ବିଜେ କରନ୍ତି । ଏହି ସମସ୍ତ ଯାନିଯାତ୍ରା ଓ ପର୍ବପର୍ବାଣି ମଧ୍ୟରେ ଚନ୍ଦନଯାତ୍ରା ହେଉଛି ଏକ ମୁଖ୍ୟଯାତ୍ରା ।


ବୈଶାଖମାସ ଶୁକ୍ଳପକ୍ଷ ତୃତୀୟା ବା ଅକ୍ଷୟତୃତୀୟାଠାରୁ ଏହି ଗ୍ରାମରେ ଚନ୍ଦନଯାତ୍ରା ଉତ୍ସବ ପାଳିତ ହୁଏ । ଏହି ଉତ୍ସବ ୨୧ଦିନ ପର୍ଯ୍ୟନ୍ତ ହୁଏ । ଏହି ଦିନଠାରୁ ଗୋପୀନାଥ ଦୈନିକ ଚଉଦୋଳରେ ବସି ଗ୍ରାମର ଅପର ପାର୍ଶ୍ୱରେଥିବା ଚନ୍ଦନ-ପୋଖରୀକୁ ବିଜେ କରନ୍ତି । ଠାକୁରଙ୍କ ଆଗରେ ଛତି, ତ୍ରାସ ଆଦି ଯାଏ । କେବଳ ସେତିକି ନୁହେଁ ଠାକୁରଙ୍କ ଆଗରେ ଘଣ୍ଟ ଓ ଅନ୍ୟାନ୍ୟ ବାଦ୍ୟନାଦ କରାଯାଏ । ଠାକୁରଙ୍କୁ ପ୍ରତ୍ୟେକ ଗ୍ରାମବାସୀଙ୍କ ଦ୍ୱାର ଆଗରେ ପଣ୍ଡାମାନେ ଖଇ, କୋରା ଓ ଫଳମୂଳ ଆଦିକୁ ଭୋଗକରନ୍ତି ।



ଏତଦ୍‌ବ୍ୟତୀତ ପ୍ରତ୍ୟେକ ଗ୍ରାମବାସୀ ଦିନେ ଦିନେ ଖେଚୁଡ଼ି ଭୋଗକରନ୍ତି । ଗୋପୀନାଥ ଦୁଆର ମୁହଁରେ ଚଉଦୋଳରେ ଆସି ପହଞ୍ଚିଲେ ଖେଚୁଡ଼ି ପୂଜା କରୁଥିବା ବ୍ରାହ୍ମଣ ଗୁଆ ଓ ଅରୁଆଚାଉଳକୁ ପୀଢ଼ା ଉପରେ ଥୋଇ ଠାକୁରଙ୍କୁ ଗୃହ ମଧ୍ୟକୁ ଆବାହନକରି ଖେଚୁଡ଼ି, ଡାଲି, ବେସର , ମହୁର, ଶାଗ, ଭଜା, ଖଟା, ଖିରି, ପିଠା କଦଳୀଚକଟା ଓ ବିଭିନ୍ନପ୍ରକାର ଫଳକୁ ପଞ୍ଚ ଉପଚାରରେ ଭୋଗ କରନ୍ତି ।

ଏହି ଭୋଗ ସରିବାପରେ ଦ୍ୱାରମୁହଁରେ ପିଣ୍ଡା ଉପରେ ଥୁଆ ହୋଇଥିବା ଅମହୁଣିଆ ଖଇ ଆଦିକୁ ପଣ୍ଡା

ଭୋଗ କରନ୍ତି । ଚନ୍ଦନଯାତ୍ରା ସମୟରେ ଗ୍ରାମର ସ୍ତ୍ରୀଲୋକମାନେ ଗୋପୀନାଥଙ୍କୁ ଦର୍ଶନ ନ କରିବା ପର୍ଯ୍ୟନ୍ତ ଉପବାସ କରନ୍ତି । ଗୋପୀନାଥ ଚଉଦୋଳରେ ବସି ଗାଁ ଦାଣ୍ଡରେ ଆସିବାବେଳେ ତାଙ୍କ ଉଦ୍ଦେଶ୍ୟରେ ଗୁଆ ଓ ଅରୁଆ ଖୁଦଚାଉଳ ଥୋଇ ମୁଣ୍ଡିଆ ମାରିସାରିବା ପରେ ଉପବାସ ପର୍ବ ସମାପ୍ତ ହୁଏ । ଏହାପରେ ନିଜର ରୁଚି ଅନୁଯାୟୀ ଖାଇବାକୁ ହୁଏ । ଏହି ଉପବାସ ପାଇଁ କୌଣସି ନିୟମ ନିଷ୍ଠା ନାହିଁ । କେବଳ ଶୁଦ୍ଧପୂତ ମନରେ ଠାକୁରଙ୍କୁ ଦର୍ଶନ କରିବାକୁ ହୁଏ ।



ଗୋପୀନାଥ ଭୋଗ ଖାଇଖାଇ ଗ୍ରାମ ସେମୁଣ୍ଡରେ ଥିବା ଚନ୍ଦନ ପୋଖରୀ ପାଖରେ ପହଞ୍ଚନ୍ତି । ଚନ୍ଦନ ପୋଖରୀରେ ଥିବା ସୁସଜ୍ଜିତ ଚପ ଉପରକୁ ଗୋପୀନାଥଙ୍କୁ ନିଆଯାଏ । ଚପରେ ଗୋପୀନାଥଙ୍କ ଆଗରେ ଗୋଟିପୁଅ ନାଚ ବା ଆଖଡ଼ା ନାଚ ହୁଏ । ପୂର୍ବେ ଶ୍ରୀଜଗନ୍ନାଥଙ୍କ ବିଜୟ ପ୍ରତିମା ମଦନମୋହନଙ୍କ ଚପରେ ହେଉଥିବା ଦେବଦାସୀ ନୃତ୍ୟ ଭଳି ଏହି ନୃତ୍ୟ ହୁଏ । ଏହି ଚପ ଉପରେ କୃଷ୍ଣଲୀଳା ସମ୍ବନ୍ଧୀୟ ଗୀତ ବୋଲଯାଇ ନୃତ୍ୟ କରାଯାଏ । ଗୋପୀନାଥ ଚପରେ ବସି ଚନ୍ଦନ ପୋଖରୀରେ ଭ୍ରମଣ କରିବା ସମୟରେ ଗ୍ରାମବାସୀମାନେ ଚନ୍ଦନ ବୁଡ଼ କରନ୍ତି । ଗୋପୀନାଥଙ୍କର ଚନ୍ଦନ ପୋଖରୀରେ ଏଭଳି ଭ୍ରମଣକୁ କେହି କେହି ଦ୍ୱାପରଯୁଗରେ ଶ୍ରୀକୃଷ୍ଣଙ୍କର ନାବକେଳି ସହ ତୁଳନା କରନ୍ତି ।

ସେ ଯାହାହେଉ ଗୋପୀନାଥ ଚପରେ ଭ୍ରମଣ କରିବା ସଂଗେ ସଂଗେ ଗୋଟିପୁଅ ନାଚକୁ ଉପଭୋଗ କରନ୍ତି । ତା'ପରେ ଚପ କୂଳରେ ଲଗିଲେ ଠାକୁରଙ୍କୁ ଚନ୍ଦନ କୁଣ୍ଡକୁ ବିଜେ କରାଯାଏ । ଚନ୍ଦନକୁଣ୍ଡର ଜଳରେ ଚନ୍ଦନ ଆଦି ସୁଗନ୍ଧି ମିଶ୍ରିତ ଜଳ ରଖାଯାଇଥାଏ । ଠାକୁର ଚନ୍ଦନକୁଣ୍ଡରେ କିଛି ସମୟ ସ୍ନାନ କରିବାପରେ ତାଙ୍କୁ ଚନ୍ଦନ ମଣ୍ଡପ ଉପରିସ୍ଥ ସିଂହାସନରେ ବିଜେ କରାଯାଇ ବିଭିନ୍ନ ପ୍ରକାର ପାଟଲୁଗା ଓ ଫୁଲ ଆଦିରେ ସଜାଇଦିଆଯାଏ । ଠାକୁରଙ୍କୁ ଚନ୍ଦନଯାତ୍ରାର ୧୬ଦିନ ଗିରିଗୋବର୍ଦ୍ଧନ ବେଶ ଓ ୧୮ଦିନ ରଘୁନାଥ ବେଶରେ ସଜାଇ ଦିଆଯାଏ ।

ଶ୍ରୀକୃଷ୍ଣଲୀଳାର ସ୍ମାରକୀରୂପେ ଠାକୁରଙ୍କର ଏହି ଦୁଇଗୋଟି ବେଶ ଏଠାରେ କରାଯାଉଥିଲେ ମଧ୍ୟ ପୁରୀରେ ମଦନମୋହନଙ୍କର ୨୧ ଦିନଯାକ ୨୧ ପ୍ରକାର ବେଶ କରାଯାଏ ।

ଗୋପୀନାଥଙ୍କ ଆଗରେ ଏହି ସମୟରେ ମଧ୍ୟ ଗୋଟିପୁଅନାଚ କରାଯାଏ । ଏହି ଗୋଟିପୁଅ ନାଚକୁ ଗ୍ରାମବାସୀମାନେ ଓ ଆଗନ୍ତୁକମାନେ ସମସ୍ତେ ବେଶ୍ ଉପଭୋଗ କରନ୍ତି । ଏହି ଚନ୍ଦନ ଯାତ୍ରାର ଗୋଟିଏ ବିଶେଷତ୍ୱ ହେଉଛି ଚନ୍ଦନଲାଗି । ଠାକୁରଙ୍କୁ ଚନ୍ଦନଲାଗି କରାଯିବାପରେ ଚନ୍ଦନ ଲଗାଇବା ପାଇଁ ଉପସ୍ଥିତ ସମସ୍ତ ବ୍ୟକ୍ତିଙ୍କୁ ଦିଆଯାଏ । କେତେକ କାନ୍ଧରେ ପାଟିଲା ଗାମୁଛା ପକାଇ, ମୁଣ୍ଡରେ ଓ ଦେହରେ ସୁଶୀତଳ ସୁଗନ୍ଧିଯୁକ୍ତ ଚନ୍ଦନ ଲଗାଇ ଏହି ନାଚଦେଖାରେ ମଜଗୁଲ ରହନ୍ତି । କେବଳ ସେତିକି ନୁହେଁ, କେତେବେଳେ ଚମ୍ପୂରୁ ତ କେତେବେଳେ ଉପେନ୍ଦ୍ର ଭଞ୍ଜଙ୍କର ଛାନ୍ଦରୁ, କେତେବେଳେ ଆଧୁନିକ ଗୀତ ମଧ୍ୟ ବୋଲିବାପାଇଁ ବରାଦ କରନ୍ତି ଓ ଏହି ଗୀତବୋଲି ଗୋଟିପୁଅ ନାଚିବାବେଳେ ନିଜେ ମଧ୍ୟ ମୁଣ୍ଡହଲାଇ ତାଳ ଦିଅନ୍ତି ।

ଏହି ୨୧ ଦିନଯାକ ପ୍ରତ୍ୟେକ ଦିନ ଗ୍ରାମବାସୀମାନେ ନିଜର ପାଳି ଅନୁଯାୟୀ ଚନ୍ଦନ ମଣ୍ଡପ ଉପରେ ଚୁଡ଼ାଘସା, ଖଇ, ଚନ୍ଦ୍ରକାନ୍ତିଲିଆ, ଚକିକାକରା, ଖିରି, ଚୁଡ଼ାଭଜା, ଧୂଆମୁଗ, ବୁଟ, ବିଭିନ୍ନ ପ୍ରକାର ଫଳ ଓ ପଣା ଆଦିକୁ ପଣ୍ଡାଙ୍କଦ୍ୱାରା ଷୋଡ଼ଶ ଉପଚାରରେ ଭୋଗ କରନ୍ତି ।



ଏହି ଭୋଗକୁ ପଣ୍ଡାଶୁଦ୍ଧପୂତ ମନରେ କରନ୍ତି । ଏହି ଭୋଗ ଅନ୍ୟୁନ ଦେଢ଼ଘଣ୍ଟା ହୁଏ । ତା'ପରେ ଆଳତି ଦର୍ଶନ ହୁଏ । ଆଳତି ଦର୍ଶନପରେ ପ୍ରଥମେ ପାଳିଆକୁ ଓ ତା'ପରେ ସର୍ବସାଧାରଣଙ୍କୁ ଚନ୍ଦନ ଓ ଧୁଆମୁଗ ବଣ୍ଟାଯାଏ ।

ତା'ପରେ ଭୋଗଗୁଡ଼ିକ ପାଳିଆଙ୍କ ଘରକୁ ଯାଏ । ପାଳିଆ ଗ୍ରାମବାସୀ ଓ ଆଗନ୍ତୁକ ଆଦିଙ୍କୁ ଡ଼ାକି ଏହି ଭୋଗକୁ ଖାଇବାକୁ ଦିଅନ୍ତି । ଖାଦ୍ୟ ଶେଷରେ ପଣା ମଧ୍ୟ ଦିଆଯାଏ । ଏହି ଭୋଗକୁ ଲିଆ, ଖିରି ଓ ଦହି ଭାକରାକୁ ପୂର୍ବୋକ୍ତ ନିର୍ଦ୍ଦିଷ୍ଟ ପରିମାଣରେ ଖେଇ ସ୍ୱରୂପ ଦିଆଯାଏ ।

ରାତିରେ ଠାକୁରଙ୍କୁ ପୁନର୍ବାର ଚନ୍ଦନ ମଣ୍ଡପକୁ ସ୍ୱପ୍ନ ନିଆଯାଇ ରାତିରୂପ ହୁଏ । ରୂପକୁ ଠାକୁରଙ୍କୁ ଚନ୍ଦନକୁ ଆଣି ବିଜେ କରାଯିବାପରେ ଚଉଦଳକୁ ମନ୍ଦିର ପର୍ଯ୍ୟନ୍ତ ନିଆଯାଏ । ଏହି ସମୟରେ ଠାକୁରଙ୍କ ଆଗରେ ଗୋଟିପୁଅ ନାଚର ପଟୁଆର ହୁଏ । ଏହିପରି ଦୈନିକ ଠାକୁରଙ୍କର ଚନ୍ଦନୋତ୍ସବ ୨୧ ଦିନ ପର୍ଯ୍ୟନ୍ତ ହୁଏ । ୨୧ ଦିନ ଠାକୁରଙ୍କର ଭଉଁରୀ ଉତ୍ସବ ପାଳନ କରାଯାଏ ।

ପୁରୀ, ସତ୍ୟବାଦୀ ଆଦି ସ୍ଥାନରେ ଚନ୍ଦନଯାତ୍ରାର ୨୦ଦିନ ଦିନ ଭଉଁରୀ ଉତ୍ସବ ପାଳିତ ହୋଇ ୨୧ ଦିନ ଦିନ ହଳଦିପାଣି ହୁଏ । କିନ୍ତୁ ବିଶ୍ୱନାଥପୁରରେ ୨୧ଦିନ ଦିନ ଭଉଁରୀ ଉତ୍ସବ ପାଳିତ ହେବା ସଂଗେ ସଂଗେ ଠାକୁର ଚନ୍ଦନ ପୋଖରୀରେ ରୂପ ଦ୍ୱାରା ୨୧ ଘେରା ବୁଲନ୍ତି । ତା'ପରେ ଦୈନନ୍ଦିନ ଚନ୍ଦନନୀତି ପରି ନୀତି ହୁଏ । ଶେଷରେ ଗାଁ ରେ ଯାତ୍ରା ହୁଏ । ଠାକୁର ରାତିରୂପସାରି ମନ୍ଦିରକୁ ଫେରିବା ସମୟରେ ବିଭିନ୍ନପ୍ରକାର ପଟୁଆର କରାଯାଏ । ଏହିଠାରେ ଠାକୁରଙ୍କର ୨୧ ଦିନ ବାହାର ଚନ୍ଦନ ସମାପ୍ତ ହୁଏ ଓ ତାପର ଦିନଠାରୁ ୨୧ ଦିନ ପର୍ଯ୍ୟନ୍ତ ଭିତର ଚନ୍ଦନ ହୁଏ ।

ମୋଟ ଉପରେ କହିଲେ ଠାକୁରଙ୍କର ଏହି ଚନ୍ଦନଯାତ୍ରା ଗ୍ରାମବାସୀଙ୍କ ପ୍ରାଣରେ ଧାର୍ମିକ ଚେତନାର ସ୍ଫୁରଣ କରିବା ସଂଗେ ସଂଗେ ମନୋରଞ୍ଜନ ପାଇଁ ବେଶ୍ ଖୋରାକ ଯୋଗାଏ । ବୈଜ୍ଞାନିକ ଦୃଷ୍ଟିଭଙ୍ଗୀରେ ତଥା ସାମାଜିକ ପରିସ୍ଥିତି ତଥା ପରିବେଶ ଦୃଷ୍ଟିରୁ ସାୟଂକାଳର ଚନ୍ଦନବୁଡ଼ା ଓ ସୁଶୀତଳ ଚନ୍ଦନଲାଗି ଶରୀର ପାଇଁ ମହାର୍ଘ ଉପକାର କରିବା ସହ ବୈଶାଖମାସର ରୌଦ୍ରତାପକୁ ଉପଶମ କରାଏ । ଅତିଥି ସେବା, ମନୋରଞ୍ଜନ ଓ ଶ୍ରୀଜଗନ୍ନାଥଙ୍କ ଚନ୍ଦନଯାତ୍ରା ଭଳି ଏଠାରେ ଚନ୍ଦନଯାତ୍ରା ପାଳିତ ହେଉଥିବାରୁ ଏଠାର ଚନ୍ଦନ ବେଶ୍ ଉପଭୋଗ୍ୟ ହୋଇଥାଏ ।

ସୁଆର ସାହି
ପୁରୀ-୭୫୨୦୦୧

## ବୈଷୟିକ ତାଲିମ ଶିକ୍ଷା ଉଦ୍ଦେଶ୍ୟରେ ରାଜ୍ୟର ଆଦିବାସୀ ମହିଳାମାନଙ୍କ କଲିକତା ଯାତ୍ରା ।

କେନ୍ଦ୍ର ସରକାରଙ୍କ ଯୋଜନା ଅନୁଯାୟୀ ରାଜ୍ୟର ଆଦିବାସୀ ଅଧ୍ୟୁଷିତ ଜିଲ୍ଲାମାନଙ୍କରୁ ଆଦିବାସୀ ମହିଳା ସମିତି କର୍ମକର୍ତ୍ତାମାନଙ୍କୁ ବୈଷୟିକ ଓ ଧନ୍ଦା ମୂଳକ ଶିକ୍ଷା ଉଦ୍ଦେଶ୍ୟରେ ରାଜ୍ୟ ବାହାରକୁ ପଠାଯିବ । ଏଥିପାଇଁ ରାଜ୍ୟର ୨୨ ଜଣ ଆଦିବାସୀ ମହିଳା ସମିତି କର୍ମକର୍ତ୍ତା ଫେବୃୟାରୀ ୨୨ ତାରିଖରେ ସର୍ବ ପ୍ରଥମେ କଲିକତା ଯାତ୍ରା କରିଛନ୍ତି । ସେମାନେ କଲିକତାରେ ରାମକୃଷ୍ଣ ମିଶନଠାରେ ଅବସ୍ଥାନ କରି ପନିପରିବା ଚାଷ, ମାଛଚାଷ, ମହୁଚାଷ ଏବଂ ଧନ୍ଦାମୂଳକ ଶିକ୍ଷା ଉଦ୍ଦେଶ୍ୟରେ ବିଭିନ୍ନ ଅନୁଷ୍ଠାନ ପରିଦର୍ଶନ କରି ମାର୍ଚ୍ଚ ମାସ ପହିଲଦିନ ଭୁବନେଶ୍ୱର ଫେରି ଆସିବେ ।

ସେମାନଙ୍କ ଯାତ୍ରାର ଶୁଭ କାମନା କରି ଗୋଷ୍ଠୀ ଉନ୍ନୟନ ଓ ଗ୍ରାମ୍ୟ ପୁନର୍ଗଠନ ଉପମନ୍ତ୍ରୀ ଶ୍ରୀମତୀ ସରସ୍ୱତୀ ହେମ୍ବ୍ରମ କହିଲେ ଯେ ପ୍ରଧାନମନ୍ତ୍ରୀ ଶ୍ରୀମତୀ ଇନ୍ଦିରାଗାନ୍ଧୀ ଆଦିବାସୀ ମହିଳାମାନେ ଦେଶର ବିଭିନ୍ନ ଅଞ୍ଚଳ ପରିଭ୍ରମଣ କରି ବିଭିନ୍ନ ବୈଷୟିକ ତାଲିମ୍ ଶିକ୍ଷା ଉଦ୍ଦେଶ୍ୟରେ ଏହି ଯୋଜନା କରି ଅଛନ୍ତି । ଆମ ରାଜ୍ୟର ଆଦିବାସୀ ମହିଳାମାନେ ଏହାର ସୁଯୋଗ ନେଇ ଥିବାରୁ ଶ୍ରୀମତୀ ହେମ୍ବ୍ରମ ସେମାନଙ୍କୁ ଉତ୍ସାହିତ କରିଥିଲେ ।

# ପ୍ରଗତି ପ୍ରସଙ୍ଗ

## ସମନ୍ୱିତ ଶିଶୁ ବିକାଶ ଯୋଜନାର ଅଗ୍ରଗତି

ଦେଶର ସାମାଜିକ ଓ ଆର୍ଥିକ ଉନ୍ନତି ମୂଳରେ ଶିଶୁ ବିକାଶ ଯୋଜନାକୁ ପ୍ରାଧାନ୍ୟ ଦିଆଯାଉଛି । ବିଂଶସୂତ୍ରୀ କାର୍ଯ୍ୟକ୍ରମ ଅନୁଯାୟୀ ସମାଜ କଲ୍ୟାଣ କାର୍ଯ୍ୟକ୍ରମରେ ସମନ୍ୱିତ ଶିଶୁ ବିକାଶ ଯୋଜନାକୁ ବିଶେଷ ଗୁରୁତ୍ୱ ଦିଆଯାଇଛି । ଏହି ଯୋଜନା ଅନୁଯାୟୀ ଶିଶୁର ବିକାଶ ପାଇଁ ପ୍ରାଥମିକ ପଦକ୍ଷେପ ସ୍ୱରୂପ ସେମାନଙ୍କ ନିମନ୍ତେ ଅଧିକା ପୁଷ୍ଟିକର ଖାଦ୍ୟ, ରୋଗ ବିମୁକ୍ତ କରିବା ପାଇଁ ସ୍ୱାସ୍ଥ୍ୟ ପରୀକ୍ଷା , ଆବଶ୍ୟକୀୟ ସେବା, ପୁଷ୍ଟିକର ଖାଦ୍ୟ ଓ ସ୍ୱାସ୍ଥ୍ୟଜନିତ ଶିକ୍ଷାଦାନ ଏବଂ ଅଣ ଆନୁଷ୍ଠାନିକ ଶିକ୍ଷା ପ୍ରଦାନ କରାଯାଉଛି ।

ଶିଶୁ ବିକାଶ ଯୋଜନା କାର୍ଯ୍ୟକାରୀ ହେଉଥିବା ଅଞ୍ଚଳରେ ବୟସ୍କା ମହିଳାମାନଙ୍କୁ ସାକ୍ଷର କରିବା କାର୍ଯ୍ୟକ୍ରମ ମଧ୍ୟ କାର୍ଯ୍ୟକାରୀ କରାଯାଉଛି । ଏହାର ଉଦ୍ଦେଶ୍ୟ ହେଲା, ଗୃହ ପରିଚାଳନା, ଶିଶୁ ଯତ୍ନ, ପୁଷ୍ଟିକର ଖାଦ୍ୟ, ସ୍ୱାସ୍ଥ୍ୟ, ପରିଷ୍କାର ପରିଚ୍ଛନ୍ନତା ବିଷୟରେ ଗ୍ରାମାଞ୍ଚଳ ଅଶିକ୍ଷିତା ମହିଳାମାନଙ୍କୁ ଶିକ୍ଷା ଦିଆଯାଉଛି ।

୧୯୮୨-୮୩ ମସିହାରେ ୧୭ଟି ସମନ୍ୱିତ ଶିଶୁ ବିକାଶ ଯୋଜନା କାର୍ଯ୍ୟକାରୀ ହେଉଥିଲା । ଏହାପରେ ଆଉ ଅଧିକା ୧୧ଟି ନୂତନ ଯୋଜନା ରାଜ୍ୟରେ ଖୋଲାଯାଇଛି । ରାଜ୍ୟର ଅଭାବଗ୍ରସ୍ତ ଶିଶୁ, ଗର୍ଭବତୀ ଓ ପ୍ରସୂତି ମହିଳାମାନଙ୍କ ପାଇଁ ପୁଷ୍ଟିକର ଖାଦ୍ୟ ଯୋଗାଣ କାର୍ଯ୍ୟକ୍ରମ ଗ୍ରହଣ କରାଯାଉଛି । ଖାଦ୍ୟ ଯୋଗାଣ ରାଜ୍ୟରୁ ଓ ରାଜ୍ୟ ବାହାରୁ 'କେୟାର' ଓ ବିଶ୍ୱ ଖାଦ୍ୟ ସଂସ୍ଥା ତରଫରୁ ଯୋଗାଇ ଦିଆଯାଉଛି । ୧୯୮୨-୮୩ ମସିହା ସୁଦ୍ଧା କେୟାର ସଂସ୍ଥାରୁ ସାହାଯ୍ୟ ପାଇ ୬ ବର୍ଷରୁ ୧୧ ବର୍ଷ ବୟସ ସ୍କୁଲ ପିଲମାନଙ୍କୁ ମଧ୍ୟାହ୍ନ ଭୋଜନ ଦ୍ୱାରା ୫ ଲକ୍ଷ ୫୩ ହଜାର ପିଲା, ସ୍କୁଲକୁ ପାଉନଥିବା ୪ ଲକ୍ଷ ୮୨ ହଜାର ଶିଶୁ, ୧ ଲକ୍ଷ ୭୭ ହଜାର ଗର୍ଭବତୀ ଓ ପ୍ରସୂତି ମହିଳା ଉପକୃତ ହୋଇଛନ୍ତି । ବିଶ୍ୱ ଖାଦ୍ୟ ସଂସ୍ଥାରୁ ଖାଦ୍ୟ ସାହାଯ୍ୟ ପାଇ ୨ ଲକ୍ଷ ୨୭ ହଜାର ୨୫୦ ଜଣ ଶିଶୁ, ୭୫ ହଜାର ଗର୍ଭବତୀ ଓ ପ୍ରସୂତି ମହିଳା ଉପକୃତ ହୋଇଛନ୍ତି । ସ୍ୱତନ୍ତ୍ର ସ୍ଥାନୀୟ ପୁଷ୍ଟିକର ଖାଦ୍ୟ (ଅଣ-ଯୋଜନା) କାର୍ଯ୍ୟକ୍ରମ ଅନୁଯାୟୀ ୧ ଲକ୍ଷ ୬୪ ହଜାର ଶିଶୁ, ୫୪,୭୫୦ ଗର୍ଭବତୀ ଓ ପ୍ରସୂତି ମହିଳା ଉପକୃତ ହୋଇଛନ୍ତି । ସେହିପରି ସ୍ଥାନୀୟ ପୁଷ୍ଟିକର ଖାଦ୍ୟ (ଯୋଜନା) କାର୍ଯ୍ୟକ୍ରମ ଅନୁଯାୟୀ ୭୫ ହଜାର ଶିଶୁ, ୨୫ ହଜାର ଗର୍ଭବତୀ ପ୍ରସୂତି ମହିଳା ଉପକୃତ ହୋଇଛନ୍ତି । ସେହିପରି ସ୍କୁଲ ପିଲାଙ୍କୁ କେନ୍ଦ୍ର ଯୋଜନା ଅନୁଯାୟୀ ମଧ୍ୟାହ୍ନ ଭୋଜନ ଯୋଗାଇବା ଦ୍ୱାରା ୯୭ ହଜାର ପିଲା । ଏହିପରି ସର୍ବମୋଟ ୨୦ ଲକ୍ଷ ୩୧ ହଜାର ବ୍ୟକ୍ତିଙ୍କୁ ପୁଷ୍ଟିକର ଖାଦ୍ୟ ଯୋଗାଇ ଦିଆଯାଇଛି । ○

## ଗ୍ରାମାଞ୍ଚଳ ଉନ୍ନୟନ କାର୍ଯ୍ୟକ୍ରମ ସମୀକ୍ଷା

ମୁଖ୍ୟମନ୍ତ୍ରୀ ଶ୍ରୀ ଜାନକୀ ବଲ୍ଲଭ ପଟ୍ଟନାୟକ ମନ୍ତ୍ରୀମାନଙ୍କୁ ଏକ ପତ୍ର ଜରିଆରେ ବ୍ଲକ ଅଞ୍ଚଳରେ ବ୍ୟାପକ ଗସ୍ତ କରି ସୁକ୍ଷମ ବଣ୍ଟନ ପ୍ରଣାଳୀ, ସମନ୍ୱିତ ଗ୍ରାମ ଉନ୍ନୟନ ଯୋଜନା, ଗ୍ରାମାଞ୍ଚଳ ଦରିଦ୍ରତମ ଲୋକଙ୍କ ଅର୍ଥନୈତିକ ଅଭ୍ୟୁତ୍ଥାନ ପରିକଳ୍ପନା ସମେତ ବିଂଶ ସୂତ୍ରୀ କାର୍ଯ୍ୟକ୍ରମ ଅନ୍ତର୍ଭୁକ୍ତ ଶ୍ରମବହୁଳ କାର୍ଯ୍ୟ ଭଳି ବିଭିନ୍ନ ଜନହିତକର ଯୋଜନାଗୁଡ଼ିକୁ ସମୀକ୍ଷା କରିବା ପାଇଁ ପରାମର୍ଶ ଦେଇଛନ୍ତି । କେତେକ ବଛା ବଛା ବ୍ଲକରେ ରାତ୍ର ରହି ପ୍ରୋଜେକ୍ଟଗୁଡ଼ିକର ଅଗ୍ରଗତି ସଂପର୍କରେ ସମୀକ୍ଷା କରିବା ଆବଶ୍ୟକ ବୋଲି ସେ ସେଥିରେ ଉଲ୍ଲେଖ କରିଛନ୍ତି ।

ମନ୍ତ୍ରୀମାନଙ୍କୁ ବିଭିନ୍ନ ବ୍ଲକ ଦାୟିତ୍ୱରେ ରଖା-ଯାଇଛି । ମନ୍ତ୍ରୀମାନେ ୧୯୮୩ ମଇ ମାସ ଶେଷସୁଦ୍ଧା ପରିଦର୍ଶନ କାର୍ଯ୍ୟ ଶେଷ କରିବା ପାଇଁ ମୁଖ୍ୟମନ୍ତ୍ରୀ ସେମାନଙ୍କୁ ଅନୁରୋଧ କରିଛନ୍ତି । ପରିଦର୍ଶନ ବେଳେ ଯେଉଁ ଯେଉଁ ସମସ୍ୟା ଓ ଅସୁବିଧାଗୁଡ଼ିକ ଦୃଷ୍ଟିକୁ ଆସିବ ସେଗୁଡ଼ିକୁ ଜିଲ୍ଲା ପ୍ରଶାସନିକ ସଂସ୍ଥା ଓ ସଂପୃକ୍ତ ବିଭାଗ ଜରିଆରେ ଉପଯୁକ୍ତ ନିର୍ଦ୍ଦେଶ ଦିଆଯାଇ ସମାଧାନ କରାଯାଇ ପାରେ । ପରିଦର୍ଶନ କରି-ସାରିବା ପରେ ମନ୍ତ୍ରୀମାନେ ବିଭିନ୍ନ କାର୍ଯ୍ୟକ୍ରମର କାର୍ଯ୍ୟ-କାରିତା ସଂପର୍କରେ ଜନସାଧାରଣଙ୍କ ମତାମତ ଓ ସେମାନେ ସମ୍ମୁଖୀନ ହୋଇଥିବା ଅସୁବିଧା ଓ ଅନ୍ତରାୟଗୁଡ଼ିକ ସଂପର୍କରେ ମୁଖ୍ୟମନ୍ତ୍ରୀଙ୍କ ସହ ଆଲୋଚନା କରି ପାରନ୍ତି ବୋଲି ସେ ଉକ୍ତ ପତ୍ରରେ ସୂଚାଇଛନ୍ତି ।

ବ୍ଲକ ସ୍ତରରେ ବିଭିନ୍ନ ଉନ୍ନୟନମୂଳକ କାର୍ଯ୍ୟକ୍ରମର ବିଶେଷ ଆବଶ୍ୟକତା ରହିଛି । ସୁପ୍ରଶାସନିକ ବ୍ୟବସ୍ଥା

ଫଳରେ ଏହି ସ୍ତରରେ ଲୋକମାନେ ପ୍ରକୃତରେ ଉପକୃତ ହୋଇଥାଆନ୍ତି । ବିଭିନ୍ନ ସରକାରୀ କାର୍ଯ୍ୟକ୍ରମର ସମୀକ୍ଷା ତଥା ପର୍ଯ୍ୟାଲୋଚନା କରିବା ଏବଂ ବିଭିନ୍ନ ସମସ୍ୟା ଓ ଲୋକମାନଙ୍କର ଅସୁବିଧା, ଅଭିଯୋଗ ସମ୍ପର୍କରେ ଯେଉଁ ପ୍ରତ୍ୟକ୍ଷ ଅଭିଜ୍ଞତା ମିଳିଥାଏ, ତାହା ବିଶେଷ ଗୁରୁତ୍ୱପୂର୍ଣ୍ଣ । ଏ ବର୍ଷର ଉତ୍କଟ ମରୁଡି ପରିସ୍ଥିତି ଯୋଗୁଁ ନିମ୍ନସ୍ତରରେ ପ୍ରଶାସନିକ ଦାୟିତ୍ୱ ବୃଦ୍ଧି ପାଇଛି ଓ ଲୋକମାନଙ୍କ ଦୁଃଖ ଦୁର୍ଦ୍ଦଶା ମୋଚନ ପାଇଁ ଏହି ଦାୟିତ୍ୱକୁ ଫଳପ୍ରଦ ଭାବେ ତୁଲାଇବାକୁ ହେବ ବୋଲି ମୁଖ୍ୟମନ୍ତ୍ରୀ ଉକ୍ତ ପତ୍ରରେ ଉଲ୍ଲେଖ କରିଛନ୍ତି ।

# ନଳକୂପ ଖନନ କାର୍ଯ୍ୟକ୍ରମରେ ରାଜ୍ୟର ଅଗ୍ରଗତି

## (ତିନି ବର୍ଷରେ ୧୮,୭୩୨ଟି ନଳକୂପ ବସିଲାଣି)

ନୂତନ ବିଂଶସୂତ୍ରୀ କାର୍ଯ୍ୟକ୍ରମ ଅନୁଯାୟୀ ରାଜ୍ୟର ଗ୍ରାମାଞ୍ଚଳରେ ପାନୀୟ ଜଳ ଯୋଗାଣ ଯୋଜନାର ସଫଳ ରୂପାୟନ ପାଇଁ ତ୍ୱରାନ୍ୱିତ ପଦକ୍ଷେପ ନିଆଯାଉଛି ଏବଂ ଏ ବାବଦରେ ଅଧିକ ଅର୍ଥର ବିନିଯୋଗ ପାଇଁ ଉଦ୍ୟମ ହେଉଛି ।

ଜଳକ୍ଲିଷ୍ଟ ୧୬,୨୯୪ଟି ଗ୍ରାମରେ ୪୦,୬୨୭ଟି ନଳକୂପ ବସାଇବାକୁ ଲକ୍ଷ୍ୟଧାର୍ଯ୍ୟ ହୋଇଥିବା ସ୍ଥଳେ ୧୯୮୦-୮୧ରୁ ଗତ ଫେବୃୟାରୀ ଶେଷ ସୁଦ୍ଧା ୧୮,୭୩୨ଟି ନଳକୂପ ବସାଗଲାଣି । ତନ୍ମଧ୍ୟରୁ ଚଳିତ ଆର୍ଥିକ ବର୍ଷରେ ସେହି ମାସ ସୁଦ୍ଧା ଯୋଜନା ଅର୍ଥ ବିନି-ଯୋଗରେ ବସାଯାଇଥିବା ନଳକୂପର ସଂଖ୍ୟା ହେଲା ୬୦୦୫ । ଏହା ବ୍ୟତୀତ ଅଣ-ଯୋଜନା ଅର୍ଥ ବିନିଯୋଗ କରି ବାତ୍ୟା, ବନ୍ୟା ଓ ମରୁଡ଼ିଗ୍ରସ୍ତ ଅଂଚଳରେ ଚଳିତ ଆର୍ଥିକ ବର୍ଷରେ ୯୦୫୫ ଟି ନଳକୂପ ବସାଇବାକୁ ଉଦ୍ୟମ ହେଉଛି । ଏହିସବୁ ନଳକୂପ ପ୍ରାକୃତିକ ବିପର୍ଯ୍ୟୟଗ୍ରସ୍ତ ଅଂଚଳରେ ଜଳକ୍ଲିଷ୍ଟ ରୂପେ ଚିହ୍ନିତ ହୋଇ ନ ଥିବା ଗ୍ରାମଗୁଡ଼ିକରେ ବସାଯିବ ।

ନଳକୂପ ଖନନ କାର୍ଯ୍ୟକ୍ରମ ବାବଦରେ ୧୯୮୦-୮୧ରେ ୭ କୋଟି ୧୩ଲକ୍ଷ ଟଙ୍କା ଏବଂ ୧୯୮୧-୮୨ରେ ୧୦ କୋଟି ୮୫ ଲକ୍ଷ ଟଙ୍କାବ୍ୟୟ ହୋଇଛି । ସେହିପରି ଚଳିତ ଆର୍ଥିକ ବର୍ଷରେ ୧୪ କୋଟି ୩୫ ଲକ୍ଷ ଟଙ୍କା ବ୍ୟୟ ବ୍ୟବସ୍ଥା କରାଯାଇଥିବା ସଂଗେ ସଂଗେ ଆସନ୍ତା ଆର୍ଥିକ ବର୍ଷରେ ୧୨ କୋଟି ୭୦ ଲକ୍ଷ ଟଙ୍କା ବ୍ୟୟ ବରାଦ କରାଯାଇଛି ।

ଏହା ବ୍ୟତୀତ ଡେନ୍‌ମାର୍କ ଆନ୍ତର୍ଜାତିକ ଉନ୍ନୟନ ସଂସ୍ଥାର ଆର୍ଥିକ ସହାୟତାରେ କଟକ, ପୁରୀ ଓ ବାଲେଶ୍ୱର ଜିଲ୍ଲାର ସମୁଦାୟ ୩୪ଟି ବ୍ଲକ ଅନ୍ତର୍ଗତ ଲୁଣା ଅଂଚଳରେ ପାନୀୟ ଜଳ ଯୋଗାଣ ଯୋଜନା କାର୍ଯ୍ୟକାରୀ ହେଉଛି । ସେହିସବୁ ଅଂଚଳରେ ୫ ବର୍ଷ ମଧ୍ୟରେ ୮୬୨୭ ଟି ନଳକୂପ ବସାଇବାକୁ ଲକ୍ଷ୍ୟ ଧାର୍ଯ୍ୟ ହୋଇଥିବାସ୍ଥଳେ ଚଳିତବର୍ଷ ୩୪୦ଟି ନଳକୂପ ବସାଗଲାଣି । ସେହିପରି ଏହି ଯୋଜନା ଅନୁଯାୟୀ ୧୬୧ ଟି ପାଇପ ଜଳ ଯୋଗାଣ ପ୍ରକଳ୍ପ ଏବଂ ୧୯ଟି ସୁରକ୍ଷିତ ପୁଷ୍କରିଣୀ ଜଳ ଯୋଗାଣ ପ୍ରକଳ୍ପର କାର୍ଯ୍ୟ ମଧ୍ୟ ହାତକୁ ନିଆଯାଉଛି । ଏହି ସବୁ କାର୍ଯ୍ୟକ୍ରମ ବାବଦରେ "ଡାନିଡ଼ା" ତରଫରୁ ୨୨କୋଟି ଟଙ୍କା ସାହାଯ୍ୟ ମିଳିବ । ଏଠାରେ ଉଲ୍ଲେଖ କରାଯାଇ-ପାରେ ଯେ ଭୂତଳ ଗଚ୍ଛିତ ମଧୁର ଜଳଧାରକୁ ଠାବ କରିବା ଏବଂ ଭୂତାତ୍ତ୍ୱିକ ଅନୁସନ୍ଧାନ କରିବା ପାଇଁ ଆବଶ୍ୟକ ହେଉଥିବା ଅତ୍ୟାଧୁନିକ ଯନ୍ତ୍ରପାତିସବୁ ଇତି ମଧ୍ୟରେ ଆସିଗଲାଣି ।

# ରାସ୍ତା ଯୋଗାଯୋଗ ପାଇଁ ବ୍ୟୟ ବରାଦ

ରାଜ୍ୟରେ ରାସ୍ତା ଯୋଗାଯୋଗର ଉନ୍ନତି କରିବା ଲାଗି ପୂର୍ବରୁ ଅସଂପୂର୍ଣ୍ଣ ରହି ଆସିଥିବା ୧୧୮ଟି ରାସ୍ତାଘାଟର ନିର୍ମାଣ କାର୍ଯ୍ୟ ସଂପୂର୍ଣ୍ଣ କରିବା ଏବଂ ଚଳିତ ଷଷ୍ଠ ଯୋଜନାରେ ୩୭ଟି ନୂତନ ରାସ୍ତାଘାଟର କାର୍ଯ୍ୟ ହାତକୁ ନେବା ପାଇଁ ସରକାର ଲକ୍ଷ୍ୟ ଧାର୍ଯ୍ୟ କରିଥିବାରୁ ଏ ଦିଗରେ ପୂର୍ତ୍ତ ବିଭାଗ ତରଫରୁ ତ୍ୱରାନ୍ୱିତ ପଦକ୍ଷେପ ନିଆ ଯାଉଛି । ଚଳିତ ଯୋଜନା କାଳ ମଧ୍ୟରେ ରାସ୍ତାଘାଟର ଉନ୍ନତି ଓ ନିର୍ମାଣ ପାଇଁ ସର୍ବମୋଟ ୫୨ କୋଟି ୨୫ ଲକ୍ଷ ଟଙ୍କା ବ୍ୟୟ କରିବାକୁ ପ୍ରସ୍ତାବ ରହିଛି । ଆସନ୍ତା ଆର୍ଥିକ ବର୍ଷ ମଧ୍ୟରେ ଏ ବାବଦରେ ୧୬ କୋଟି ୧୦ ଲକ୍ଷ ୩୮ ହଜାର ଟଙ୍କା ବ୍ୟୟ ବରାଦ ହୋଇଛି । ଷଷ୍ଠ ଯୋଜନାର ପ୍ରଥମ ତିନି ବର୍ଷରେ ବ୍ୟୟ ହୋଇଥିବା ଅର୍ଥର ପରିମାଣ ତୁଳନାରେ ଏହା ସର୍ବାଧିକ । ୧୯୮୦-୮୧ରେ ୧୩ କୋଟି ୯୧ ଲକ୍ଷ ଟଙ୍କା ଏବଂ ୧୯୮୧-୮୨ରେ ୧୪ କୋଟି ୨୩ ଲକ୍ଷ ଟଙ୍କା ଖର୍ଚ୍ଚ ହୋଇଥିବା ସ୍ଥଳେ ଚଳିତ ଆର୍ଥିକ ବର୍ଷରେ ୧୪ କୋଟି ୪୩ ଲକ୍ଷ ଟଙ୍କା ବ୍ୟୟ କରାଯିବ ।

ଆସନ୍ତା ବର୍ଷ ପାଇଁ ବ୍ୟୟ ବରାଦ ହୋଇଥିବା ୧୬ କୋଟି ୧୦ ଲକ୍ଷ ୩୮ ହଜାର ଟଙ୍କା ମଧ୍ୟରେ ଯୋଜନା ଅର୍ଥରୁ ୧୩ କୋଟି ୫୫ ଲକ୍ଷ ଟଙ୍କା ଏବଂ ଅଣ ଯୋଜନା ଅର୍ଥରୁ ୧ କୋଟି ୧୮ ଲକ୍ଷ ୨୩ ହଜାର ଟଙ୍କା ବ୍ୟୟ କରାଯିବ । ଏହା ବ୍ୟତୀତ କେନ୍ଦ୍ରୀୟ ପ୍ରକଳ୍ପ ବାବଦରେ ୧ କୋଟି ୩୫ ଲକ୍ଷରୁ ଊର୍ଦ୍ଧ୍ୱ ଟଙ୍କା ବିନିଯୋଗ କରାଯିବ ।

ଆସନ୍ତା ଆର୍ଥିକ ବର୍ଷରେ ୯ଟି ପ୍ରଧାନ ସେତୁର ନିର୍ମାଣ କାର୍ଯ୍ୟ ହାତକୁ ନିଆଯିବ । ସେଗୁଡିକ ହେଲା:— ତେଲନଦୀ ସେତୁ, ମାଳତୀଯୋର ସେତୁ, କୋଲବ ସେତୁ, ବଂଶଧାରା ସେତୁ, ଭାର୍ଗବୀ ସେତୁ, ଝଞ୍ଜାବତୀ ସେତୁ, ବୈତରଣୀ ସେତ, ବ୍ରାହ୍ମଣୀ ସେତ, ଏବଂ ମହାନଦୀ ସେତୁ । ଏଗୁଡିକର ନିର୍ମାଣ ବାବଦରେ ପ୍ରାୟ ୧ କୋଟି ୪୭ ଲକ୍ଷ ଟଙ୍କା ବ୍ୟୟ ହେବ ।

ଏହା ବ୍ୟତୀତ ପୁରୀ ବଡ଼ଦାଣ୍ଡର ଉନ୍ନତି ପାଇଁ ୫ ଲକ୍ଷ ଟଙ୍କା, କଟକ 'ଫ୍ଲାଇଓଭର' ପାଇଁ ୨୦ ଲକ୍ଷ ଟଙ୍କା ଏବଂ ବାଲେଶ୍ୱର ଓଭର ବ୍ରିଜ ପାଇଁ ୨୦ ଲକ୍ଷ ୫୦ ହଜାର ଟଙ୍କା ବ୍ୟୟ ବରାଦ କରାଯାଇଛି ।

କଟକ-ଭୁବନେଶ୍ୱର ରାସ୍ତାରେ ଦୁଇଟି ଲେନ ନିର୍ମାଣ ପାଇଁ ରାଜ୍ୟ ସରକାରଙ୍କ ପ୍ରସ୍ତାବ ଭାରତ ସରକାର ଗ୍ରହଣ କରିଛନ୍ତି । ଏଥିପାଇଁ ୨୯ କୋଟି ୪୮ ଲକ୍ଷ ଟଙ୍କା ବ୍ୟୟ ଅଟକଳ କରାଯାଇ କେନ୍ଦ୍ରୀୟ ଅନୁମୋଦନ ପାଇଁ ପଠାଯାଇଛି । ○○

## ଜନକଲ୍ୟାଣ ଯୁବ ସାମୁଖ୍ୟର ନୂତନ ଗୃହ

୧୯୮୩ ଫେବୃଆରୀ ୨୦ ତାରିଖ ଦିନ ବଲାଙ୍ଗୀର ଜିଲାର ଲୋଇସିଂହା ଗ୍ରାମରେ ୭୦ ହଜାର ଟଙ୍କା ବ୍ୟୟରେ ନିର୍ମିତ ଜନକଲ୍ୟାଣ ଯୁବ ସାମୁଖ୍ୟର ନୂତନ ଗୃହ ପର୍ଯ୍ୟଟନ, କ୍ରୀଡ଼ା ଓ ସଂସ୍କୃତି ବିଭାଗ କମିଶନର ତଥା ଶାସନ ସଚିବ ଶ୍ରୀ ଅଓ୍ୱଧ ନାରାୟଣ ତିଓ୍ୱାରୀଙ୍କ ଦ୍ୱାରା ଉଦ୍‌ଘାଟିତ ହୋଇଛି । ଏହି ଉପଲକ୍ଷେ ଅନୁଷ୍ଠିତ ଏକ ଜନ ସମାବେଶରେ ଉଦ୍‌ବୋଧନ ଦେଇ ଶ୍ରୀ ତିଓ୍ୱାରୀ କହିଲେ ଯେ ଗ୍ରାମବାସୀମାନେ ସରକାରୀ ସାହାଯ୍ୟ ନ ନେଇ ନିଜ ନିଜ ମଧ୍ୟରୁ ସଂଗୃହୀତ ଅର୍ଥରେ ଏପରି ଏକ ସମାଜସେବୀ ଅନୁଷ୍ଠାନର ନିଜସ୍ୱ ଗୃହ ନିର୍ମାଣ କରିପାରିଥିବାରୁ ଯୁବ ସମାଜ ତଥା ଜନସାଧାରଣ ଉଚ୍ଚ ଆଦର୍ଶ ପ୍ରଦର୍ଶନ କରିପାରିଛନ୍ତି । ଏପରି ଏକ କାର୍ଯ୍ୟରେ ସ୍ୱେଚ୍ଛାକୃତ ଯୋଗଦାନର ସେ ଉଚ୍ଚ ପ୍ରଶଂସା କରିଥିଲେ । ପ୍ରସ୍ତାବିତ ମଣିଭଦ୍ରା ନଦୀବନ୍ଧ ଯୋଜନା ସଂପର୍କରେ ବଲାଙ୍ଗିର ଜିଲା ପକ୍ଷରୁ ଯେଉଁ ଆନ୍ଦୋଳନ କରାଯାଇଛି, ସେ ସଂପର୍କରେ ଉଲ୍ଲେଖ କରି ଶ୍ରୀ ତିଓ୍ୱାରୀ କହିଲେ ଯେ ଏହି ଯୋଜନା ଏ ପର୍ଯ୍ୟନ୍ତ ପରୀକ୍ଷା ନିରୀକ୍ଷା ଅବସ୍ଥାରେ ଅଛି । ଏଥିପାଇଁ ନକ୍‌ସା ଓ ବ୍ୟୟ ଅଟକଳ ଚୂଡ଼ାନ୍ତ ହୋଇସାରିଲେ ସଂପୂର୍ଣ୍ଣ ଚିତ୍ର ଜଣାପଡ଼ିବ । ଏହି ଦୃଷ୍ଟିରୁ ଏଥିପାଇଁ କେହି ବିଚଳିତ ନହେବା ସକାଶେ ସେ ଜନସାଧାରଣଙ୍କୁ ପରାମର୍ଶ ଦେଇଥିଲେ । ଅର୍ଥନୈତିକ ଅବସ୍ଥାର ଉନ୍ନତି କରିବା ସଙ୍ଗେ ସଙ୍ଗେ ଗ୍ରାମର ଗଠନମୂଳକ କାର୍ଯ୍ୟରେ ନିଜକୁ ନିୟୋଜିତ କରିବା ପାଇଁ ସେ ଜନସାଧାରଣଙ୍କୁ ନିବେଦନ କରିଥିଲେ ।

ବଲାଙ୍ଗୀରର ଆଡ୍‌ଭୋକେଟ ଶ୍ରୀ ମାସୁଦ୍ ଖାଁଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଏହି ଉତ୍ସବରେ ସ୍ଥାନୀୟ ବିଧାନ ସଭା ସଦସ୍ୟ ଶ୍ରୀ ବାଳଗୋପାଳ ମିଶ୍ର ସମ୍ମାନୀୟ ଅତିଥି ଭାବେ ଯୋଗ ଦେଇଥିଲେ । ○○

## ବୋଡ଼କ ଗ୍ରାମରେ ନୂଆ ଉତ୍ସାହ

ଗତ ଫେବୃଆରୀ ୨୦ ତାରିଖ ଦିନ ଶ୍ରମ ଓ କର୍ମ ନିଯୁକ୍ତି ରାଷ୍ଟ୍ରମନ୍ତ୍ରୀ ଶ୍ରୀ ଯୁଗଳ କିଶୋର ପଟ୍ଟନାୟକ ଭଦ୍ରକ ସବ୍‌ଡିଭିଜନ ଅନ୍ତର୍ଗତ ବିରଣା ପଞ୍ଚାୟତର ବୋଡ଼କ ଗ୍ରାମରେ ଏକ ବହୁମୁଖୀ ଶିଳ୍ପ ସମବାୟ ସମିତି ଗୃହର ଭିତ୍ତି ପ୍ରସ୍ତର ସ୍ଥାପନ କରିଥିଲେ । ସେଠାରେ ଆୟୋଜିତ ଉତ୍ସବରେ ଉଦ୍‌ବୋଧନ ଦେଇ ଶ୍ରୀ ପଟ୍ଟନାୟକ କହିଲେ ଯେ, ଏପରି ସମବାୟ ସମିତି ସ୍ଥାପନ କରାଗଲେ ବହୁ ଲୋକ ନିଯୁକ୍ତି ପାଇ ପାରିବେ । ଏଥିପାଇଁ ସରକାରଙ୍କ ପକ୍ଷରୁ ସବୁ ପ୍ରକାର ସୁବିଧା ସୁଯୋଗ ଦିଆଯିବ । ଓଡ଼ିଶା ରାଜ୍ୟ ଖଦୀ ବୋର୍ଡ ଏ ସମିତିଗୃହ ପାଇଁ ଆର୍ଥିକ ସହାୟତା ଯୋଗାଇ ଦେଇଛନ୍ତି ।

ଭଦ୍ରକ ଏସ. ଡି. ଓ. ଶ୍ରୀ ବ୍ରହ୍ମାନନ୍ଦ ରାଉତଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଏହି ଉତ୍ସବରେ ସେ ଅଞ୍ଚଳର ବହୁ ଜନସାଧାରଣ ଯୋଗ ଦେଇଥିଲେ । ପରେ ପରେ ଶ୍ରମ ରାଷ୍ଟ୍ରମନ୍ତ୍ରୀ ସ୍ଥାନୀୟ ଗଙ୍ଗାଧର ସ୍ମୃତି ଯୁବ ପରିଷଦର ବାର୍ଷିକ ଉତ୍ସବରେ କୃତୀ କଳାକାରମାନଙ୍କୁ ପୁରସ୍କାର ବିତରଣ କରି ସରକାରଙ୍କ ବିଭିନ୍ନ ଉନ୍ନତିମୂଳକ କାର୍ଯ୍ୟକ୍ରମ ସଂପର୍କରେ ସୂଚନା ଦେଇଥିଲେ । ○○○

## ମଲଆ ଯୋରରେ ମାଛଚାଷ

ଏହି ୯ଟି ପୋଖରୀରେ ମତ୍ସ୍ୟଚାଷ ଦ୍ୱାରା ଉପକୃତ ବ୍ୟକ୍ତିମାନେ ହେଲେ ହୀରା ବେଓ୍ୱା, ସୁରେନ୍ଦ୍ର ଦାସ, ରସାନନ୍ଦ ଭୋଇ, ସାଧ ବେଓ୍ୱା, ନାରାୟଣ ବେହେରା, ଜୟୀ ପଲେଇ, ରେବତୀ ଦେବତା ସ୍ୱାମୀ ଲୋକନାଥ ଦେବତା, ନନ୍ଦ କିଶୋର ଦେବତା, ଦେବେନ୍ଦ୍ର ଦେବତା, ଯୋଗେନ୍ଦ୍ର ଦେବତା, ମୁରଲୀଧର ଦେବତା, ରାଜକିଶୋର ଦେବତା, ଯୋଗୀ ବାରିକ, ଧନୀ ବେଓ୍ୱା, ରଙ୍ଗ ବେଓ୍ୱା, ପୁନି ବେଓ୍ୱା, ପ୍ରାଣକୃଷ୍ଣ ସ୍ୱାଇଁ ଓ ବଟକୃଷ୍ଣ ସାହୁ ।

ଗତ ତା ୫ । ୫ । ୮୩ ରିଖରେ ଅର୍ଥମନ୍ତ୍ରୀ ଶ୍ରୀ ରଘୁନାଥ ପଟ୍ଟନାୟକ ଏହି ମଲିଆ ଯୋର ପରିଦର୍ଶନ କରିଥିଲେ ଏବଂ ସଦର ବ୍ଲକର ବିଭିନ୍ନ ଅଞ୍ଚଳ ବୁଲିଥିଲେ । କଟକ ସଦର ବିଧାନ ସଭା ସଦସ୍ୟ ଶ୍ରୀ ଦୋଳ ଗୋବିନ୍ଦ ପ୍ରଧାନ ଏବଂ ଦଧିବାମନପୁର ଗ୍ରାମ ପଞ୍ଚାୟତର ପୂର୍ବତନ ସରପଞ୍ଚ ଶ୍ରୀ ବିଦ୍ୟାଧର ପାତ୍ର, ଜିଲ୍ଲାପାଳ ଶ୍ରୀ ହରମୋହନ ପଟ୍ଟନାୟକ ଓ ଅନ୍ୟାନ୍ୟ ବିଭାଗୀୟ କର୍ମକର୍ତ୍ତାମାନେ ଅର୍ଥମନ୍ତ୍ରୀଙ୍କ ସହ ଏହି କାର୍ଯ୍ୟକ୍ରମ ପରିଦର୍ଶନ କରିଥିଲେ । ○○

"ଭାରତ ବହୁ ଉତ୍‌ଥାନ ପତନ ଭିତର ଦେଇ ଗତି କରି ଆସିଛି । ଏହି ଦୁର୍ଗମ ପଥରେ ଗତି କଲାବେଳେ ସହନଶୀଳତାର ଦର୍ଶନ ହିଁ ଆମକୁ ଧ୍ରୁବତାରା ଭଳି ବାଟ ଦେଖାଇ ଆସିଛି । ଏହା ଆମର ବହୁ ବୈଚିତ୍ର୍ୟପୂର୍ଣ୍ଣ ଦେଶକୁ ଯୁଗ ଯୁଗ ଧରି ଏକତ୍ର ରଖି ଆସିଛି ।

—ଶ୍ରୀମତୀ ଇନ୍ଦିରା ଗାନ୍ଧୀ

OGP—MP-VI (I. & P. R.) 3—10,000—10-6-1983

ଇପିକଲ୍ ହାଉସ୍ ମୁଖ୍ୟମନ୍ତ୍ରୀଙ୍କ ଦ୍ୱାରା ଉଦ୍‌ଘାଟିତ...

IPICOL HOUSE

INAUGURATED BY C.M.






ଓଡ଼ିଆ ଚଳଚ୍ଚିତ୍ରର ସୁବର୍ଣ୍ଣ ଜୟନ୍ତୀ ଉତ୍ସବରେ ରାଷ୍ଟ୍ରମନ୍ତ୍ରୀ
ଶ୍ରୀ ଯୁଗଳକିଶୋର ପଟ୍ଟନାୟକ

GOLDEN JUBILEE CELEBRATION OF ORIYA FILMS
INAUGURATED BY SHRI JUGAL KISHOR PATTANAIK,
MINISTER OF STATE, TOURISM, SPORTS & CULTURE.

'ଅକ୍ଷି ଓ ସଂସ୍କୃତି' ଆନୁକୂଲ୍ୟରେ ଓଡ଼ିଆ ଚଳଚ୍ଚିତ୍ରର ସୁବର୍ଣ୍ଣ ଜୟନ୍ତୀ
ଉତ୍ସବରେ ମୁଖ୍ୟମନ୍ତ୍ରୀ, ଶ୍ରୀ ପଟ୍ଟନାୟକ.

C.M. AT THE GOLDEN JUBILEE OF ORIYA
FILMS ORGANISED BY 'AKHI O SANSKRUTI'






ବିଷୟ ପରିଚାଳନାରେ କୃତୀ ଶିକ୍ଷାନବିଶଙ୍କୁ ମୁଖ୍ୟଶାସନ
ସଚିବଙ୍କ ପ୍ରମାଣପତ୍ର ପ୍ରଦାନ...

SHRI GIAN CHAND, CHIEF SECRETARY IS
AWARDING CERTIFICATE TO SUCCESSFUL
TRAINEES ON MATERIALS MANAGEMENT...

Vol XXXIX No. 10 UTKAL PRASANGA Regd. No O-5
Licence No. C. R. N. P. 5--Licensed to post without Pre-Payment

ଓଡ଼ିଶାରେ ଜନ୍ମ ନେଇ,
ରହନ୍ତି ଯହିଁ ପ୍ରିୟଜନ ଯାନ
ଏହି ତ ସେହି, ଭୁବନ ଏହି ।



‹ ରାଜ୍ୟ ଅତିଥି ଭବନ ›